

୧୦ ବର୍ଷ ହେଲା କିଭଳି ଫିଟ୍ ରହୁଛନ୍ତି କୋହଲି
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 32 | ISSUE 253 | ଭାଗ ୩୨ | ସଂଖ୍ୟା୨୫୩ | Bhubaneswar | Saturday 7 December 2024 | Page 8 Rs. 4.00 | ଭୁବନେଶ୍ୱର ଶନିବାର ୭ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ୮୫ କେନ୍ଦ୍ରୀୟ ବିଦ୍ୟାଳୟ ଓ ୨୮ ନବୋଦୟ ବିଦ୍ୟାଳୟକୁ କ୍ୟାବିନେଟର ମଞ୍ଜୁରି

## ଧର୍ମେନ୍ଦ୍ରଙ୍କ ରିଟର୍ଣ୍ଣ ଗିଫ୍ଟ

ନୂଆଦିଲ୍ଲୀ/ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି(ସିସିଇଏ)

- କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ୫୮୭୨ କୋଟି ଓ ନବୋଦୟ ବିଦ୍ୟାଳୟ ପାଇଁ ୨୩୫୯ କୋଟି ଟଙ୍କା ହେବ ଖର୍ଚ୍ଚ
- ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନପାଇଁ ନିଷ୍ପତ୍ତି ନେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ
- ଉତ୍ତମ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ ଲକ୍ଷ୍ୟ



ବୈଠକରେ ଓଡ଼ିଶାରେ ୮ ଓ ଦେଶରେ ୮୫ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁର କରିଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଓଡ଼ିଶା ସମେତ ସମଗ୍ର ଦେଶରେ ଉତ୍ତମ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ କରିବା

### ଓଡ଼ିଶାରେ ଖୋଲିବ ୮ନୂଆ କେନ୍ଦ୍ରୀୟ ବିଦ୍ୟାଳୟ

ଲକ୍ଷ୍ୟରେ ଏହି ନୂଆ ବିଦ୍ୟାଳୟ ମଞ୍ଜୁର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଭାରତ ସରକାର ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଓ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟର ସମ୍ପ୍ରସାରଣ ପାଇଁ ପ୍ରାୟ ୫୮୭୨ କୋଟି ଟଙ୍କା ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରାୟ ୨୩୫୯ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ଦ୍ୱାରା ଏକବିଂଶ ଶତାବ୍ଦୀର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ । ପ୍ରତିଷ୍ଠା ହେବାକୁ ଥିବା ସ୍ଥାନରେ ଶିକ୍ଷା ଭିତ୍ତିଭୂମିର ବିକାଶ ହେବ। ଛାତ୍ରଛାତ୍ରୀ ବିଶେଷ ଭାବରେ ଏସସି, ଏସଟି ଓ ଓବିସି ବର୍ଗର ପୃଷ୍ଠା-୬

## ବିଜେଡି ପାଇଁ ଓଡ଼ିଶା ଥିଲା ଛଳନାର ପ୍ରୟୋଗଶାଳା

ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ): ପୂର୍ବର ବିଜେଡି ସରକାରରେ ବିକ୍ରି ହୋଇଥିଲା ଏଏସ୍‌ଓ ଚାକିରି। ୨୫ରୁ ୩୦ ଲକ୍ଷରେ ବିକ୍ରି ହେଉଥିଲା ଚାକିରି। ଆଜି ବିଧାନସଭାରେ ଓଡ଼ିଶା ସାର୍ବଜନୀନ ପରୀକ୍ଷା ମୁଖ୍ୟମନ୍ତ୍ରୀ। ତା'ସହ ଅଯୋଗ୍ୟଙ୍କୁ ଯୋଗ୍ୟ ବନାଇ ନିଯୁକ୍ତି ଦେଉଥିଲେ ପୂର୍ବ ସରକାର। ଦାୟିତ୍ୱରେ ଥିବା ଅଧିକାରୀ ପରୀକ୍ଷାପତ୍ର ପ୍ରଘଟ ରାକେଟରେ ସମ୍ପୃକ୍ତ ଥିଲେ। ଯାହାର ଉଦାହରଣ ୨୦୨୩ ମସିହାର ଜେଇଇ

- ୨୫ରୁ ୩୦ ଲକ୍ଷରେ ବିକ୍ରି ହେଉଥିଲା ଚାକିରି
- ନିଯୁକ୍ତି ଦୁର୍ନୀତିକୁ ରୋକିବ ସାର୍ବଜନୀନ ପରୀକ୍ଷା ଆଇନ
- ପରୀକ୍ଷାରେ ଅସାଧୁ ଉପାୟ କଲେ ଜେଲ ସହ ଜରିମାନା
- ଅପରାଧୀଙ୍କୁ ସହଯୋଗ କଲେ ଅଫିସର ବି ଜେଲ ଯିବେ



ବିଲ୍ ଆଗତ କରି ଏଭଳି ସାଂଘାତିକ ବିବୃତି ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଭବିଷ୍ୟତଙ୍କ ସହ ଛଳନା କରୁଥିଲେ ପୂର୍ବ ସରକାର। ପୂର୍ବ ସରକାରଙ୍କ ନିଯୁକ୍ତିରେ ସ୍ୱଚ୍ଛତା ନ ଥିଲା। ଦୁର୍ନୀତି ସରକାରଙ୍କ ନାକ ତଳେ ହେଉଥିଲେ ସୁଦ୍ଧା କାହିଁକି ଚୁପ୍ ରହୁଥିଲେ ବୋଲି ପ୍ରଶ୍ନ କରିଛନ୍ତି ପରୀକ୍ଷା। ପିଲାଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦେଇଥିଲେ ପୂର୍ବ ସରକାର। ଆଉଟ୍ ସୋର୍ସରେ ରହି ଯାଇଥିଲେ।

ସେ କହିଛନ୍ତି ଯେ, ପୂର୍ବ ସରକାର ଅକୁଣ୍ଠିତ ଜନ ସମର୍ଥନ ଏବଂ ନିରଙ୍କୁଶ ଶାସନର ସୁଯୋଗ ପାଇଥିଲେ ମଧ୍ୟ ଓଡ଼ିଶାକୁ ଛଳନା ଓ ପ୍ରତାରଣାର ଲାବରେଟୋରୀରେ ପରିଣତ କରିଦେଇଥିଲେ। କିଛି ମୁଷ୍ଟିମେୟ ଲୋକ ସାମ୍ବିଧାନିକ ବ୍ୟବସ୍ଥାକୁ ଅତି ସନ୍ତର୍ପଣରେ ହାତୁଡି ପ୍ରହାର କରିଚାଲିଥିଲେ। ଯାହାର ଜବାବ ଆମ ରାଜ୍ୟବାସୀ ଏ ନିର୍ବାଚନରେ ଦେଇଛନ୍ତି । ଦିନ ଦ୍ୱିପ୍ରହରରେ ରାହାଜାନି କରିବାକୁ ବାହାରିଥିବା ଚକ୍ରାନ୍ତକାରୀମାନେ ବେକାବୁ ହୋଇଛନ୍ତି। ତେବେ ବିଜେପି ସରକାର ଏକ ଉତ୍ତରଦାୟୀ ସରକାର ଏବଂ ଏହା ସ୍ୱଚ୍ଛତା, ସାଧୁତା, ନିରପେକ୍ଷତାରେ ବିଶ୍ୱାସ କରେ। ବିଗତ ପଚିଶ ବର୍ଷର ସରକାରୀ ଉଦାସୀନତା ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ଦେବାରୁ ବଞ୍ଚିତ କରିଛି । ସରକାରୀ କ୍ଷେତ୍ରରେ ନିଯୁକ୍ତି ବ୍ୟବସ୍ଥାକୁ ସ୍ଥାଣୁ କରିଦେଇଥିବା ପୂର୍ବ ସରକାରଙ୍କ ଉତ୍ତରାଧିକାରକୁ ଭାଙ୍ଗିବାକୁ ପଡିବ। କେବଳ ନିଯୁକ୍ତି କିମ୍ବା ପୃଷ୍ଠା-୬

## ମୋ'ବସ୍ ଓ ଲାକମୀ ଯୋଜନା: ବାପାକୁ ଛାଡ଼ି ଦାଦିକୁ ପୋଷ



- ହଜାରେ କୋଟିର ମୁନାଫା ଖାଇଗଲେ ବାହାର ରାଜ୍ୟର କମ୍ପାନୀ
- ଜଳକା ହୋଇଗଲା ରାଜ୍ୟର ଘରୋଇ ବସ୍ ସଂଘ



ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):ରାଜ୍ୟରେ ପରିବହନ ସେବାକୁ ଉନ୍ନତ କରିବାକୁ କୁଟ ଓ ଲାକମୀ ବସ ସେବା ବିଜେଡି ସରକାରର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା। ଏହା ସାଧାରଣ ଲୋକ ବିଶେଷ କରି ଗାଁ ଗାହଳିର ମହିଳାଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। କିନ୍ତୁ ତରବରିଆ ଭାବେ ନିର୍ବାଚନର ମାତ୍ର ୫ ମାସ ପୂର୍ବରୁ ଆରମ୍ଭ ହୋଇଥିବା ଲାକାମୀ ଯୋଜନା ଓ ମୋ ବସ ସେବା ବିଜେଡି ସରକାରର ଅପରିଣାମଦର୍ଶୀତାର ପରିଚୟ ବୋଲି ପ୍ରମାଣିତ ହୋଇଛି। ଏହି ଦୁଇ ଯୋଜନାରେ ବାହାର ରାଜ୍ୟର ଅଣଓଡ଼ିଶା ପରିବହନ ସଂସ୍ଥାକୁ ମାଲାମାଲ କରାଯାଇଛି। ଅଥଚ ରାଜ୍ୟର ଘରୋଇ ବସ ମାଲିକମାନେ ସରକାରୀ ଏକଛତ୍ରବାଦର ଶିକାର ହୋଇଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଓ ବିଧାନସଭାରେ ଉପସ୍ଥାପିତ ହୋଇଥିବା ପରିସଂଖ୍ୟାନରୁ ବିଜେଡି ସରକାରର ଅଣଓଡ଼ିଶା ପ୍ରତି ସ୍ପଷ୍ଟ ପୃଷ୍ଠା-୬

### ଆଇନମନ୍ତ୍ରୀଙ୍କ ଚେତାବନୀ

## ସତ ଖୋଲିଲେ ମୁହଁ ଦେଖାଇପାରିବନି

ଭୁବନେଶ୍ୱର, ୬।୧୨ (ସଂଚାର ବ୍ୟୁରୋ): ବିଧାନସଭାରେ ପୋଲାଭରମ ପ୍ରକଳ୍ପକୁ ନେଇ ବିରୋଧୀ ଓ ଶାସକ ସଭ୍ୟ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ କଂଗ୍ରେସ ସହ ସ୍ୱର ମିଳାଇ ବିଜେଡି ଗୃହରେ ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗରେ ମୁଲତବୀ ଆଲୋଚନା ଦାବି କରି ଗୃହରେ ହଟ୍ଟଗୋଳ କରିବାରୁ ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପୋଲାଭରମ ପ୍ରକଳ୍ପକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁହଁ ଖୋଲିବା ପରେ ଆଇନମନ୍ତ୍ରୀ



ପୃଥ୍ୱୀରାଜ ହରିଚନ୍ଦନ ନବୀନଙ୍କ ନାଁ ନନେଇ ଚେତାବନୀ ଦେଇଛନ୍ତି। ଆଉ ୨୪ବର୍ଷର ଇତିହାସ ଖୋଳିଦେଲେ କିଏ କେଉଁଠି କେମିତି ଲଢ଼େଇ କରୁଥିଲେ ତାହା ପଦାକୁ ଆସିଯିବ। କିଛି ଲୋକ

### ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରହିବ: ନବୀନ

ରାଜନୀତିରୁ ସନ୍ୟାସ ନେଇଯିବେ କିମ୍ବା କାହାକୁ ମୁହଁ ଦେଖାଇ ପାରିବେନି ବୋଲି ସେ ଶାଣିତ ଭାଷାରେ ସମାଲୋଚନା କରିଛନ୍ତି। ପୋଲାଭରମ ସମ୍ପର୍କିତ ମୁଲତବୀ ଆଲୋଚନା ପ୍ରସ୍ତାବ ଅଗ୍ରାହ୍ୟ ହେବାକୁ ନେଇ କଂଗ୍ରେସ ସଦସ୍ୟମାନେ ଆଜି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବିଜେଡି ସଦସ୍ୟମାନେ ପୃଷ୍ଠା-୬

## ଯାତ୍ରାରେ ବନ୍ଦ ହେବ ଅଶ୍ଳୀଳତା

### ଆସିବ ମାର୍ଗଦର୍ଶିକା

ଭୁବନେଶ୍ୱର,୬।୧୨ (ସଂଚାର ବ୍ୟୁରୋ): ଯାତ୍ରାରେ ଅଶ୍ଳୀଳତା ବନ୍ଦ ପାଇଁ ହେଉଥିବା ଦାବି ଉପରେ ପଦକ୍ଷେପ ନେବାକୁ ଯାଉଛନ୍ତି ମୋହନ ସରକାର। ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଗୁରୁତର ସହ ବିଚାର କରୁଛନ୍ତି। ଏଥି ନିମନ୍ତେ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। କିଛି ବର୍ଷ ହେବ ଯାତ୍ରାରେ ମେଲୋଡି ନାଁରେ ଅଶ୍ଳୀଳ ନୃତ୍ୟ ପରିବେଷଣର ଟ୍ରେଣ୍ଡ ବଢ଼ିଚାଲିଛି। କଳା ପରିବେଷଣ ନାଁରେ ଖୋଲାଖୋଲି ଅଙ୍ଗ ପ୍ରଦର୍ଶନର ଏକାଧିକ ଘଟଣା ନିକଟ ଅତୀତରେ ସାମ୍ନାକୁ ଆସିଛି। ଏହାର କୁପ୍ରଭାବ ଯୁବପିଢ଼ି ଉପରେ ପଡୁଥିବା ବେଳେ ପରିବାର



ସହିତ ଯାତ୍ରା ଦେଖିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି। ବିଭିନ୍ନ ସଂଗଠନ ପକ୍ଷରୁ ଏହାର ପ୍ରତିବାଦ କରାଯାଇଆସୁଛି। ଏଥିପାଇଁ କଡ଼ା ଆଇନ୍ ସପକ୍ଷରେ ମତଦେଉଛନ୍ତି କିଛି ସ୍ୱାଧିନଚେତା କଳାକାର ଓ ସଂସ୍କୃତି ପ୍ରେମୀ। ଯାତ୍ରା ମାଲିକ ହୁଅନ୍ତୁ କି ଯାତ୍ରା କମିଟି, ବ୍ୟାବସାୟିକ ଲାଭ ପାଇଁ ମଂଚରେ ସୀମା ଟପିଲାଣି ଅଶ୍ଳୀଳତା। ଭଲ କାହାଣୀ ପଛ, ଏବେ ମେଲୋଡି ଓ ରେକର୍ଡ ଡାନ୍ସ ଯାତ୍ରାର ସବୁକିଛି। ରେକର୍ଡ ଡାନ୍ସ ତ ନୁହେଁ, ନେକେଡ୍ ଡାନ୍ସ। ଅଙ୍ଗ ପ୍ରଦର୍ଶନରେ ରୋକ୍ ଲଗାଇ ଓଡ଼ିଆ ସଂସ୍କୃତି ବଂଚାଇବାକୁ ଗତ କିଛିଦିନ ତଳେ ଆଇନ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଥିଲା ଯାତ୍ରା କମିଟି ମହାସଂଘ। ଯାତ୍ରା ପରିବେଷଣ ପାଇଁ ସ୍ୱତନ୍ତ୍ର ନିୟମ ଆଣିବାକୁ ସଂଘ ଦାବି କରିଥିଲା।

## ବାଣ୍ଟିନେଲେ ବଣ୍ଟି ଔର ବବଲି



ଦୁହାଁଳିଆ ବିଭାଗ। ଯିଏ ଯେତେ ଦୁହଁ ପାରିଲା, ତାର ସେତେ ଲାଭ। ଆମେ କହୁଛୁ ଅବକାରୀ ବିଭାଗ କଥା। ଯେଉଁ ଅବକାରୀ ବିଭାଗରେ ଏବେ ମାତିଛନ୍ତି ବଣ୍ଟି ବବଲି ଯୋଡ଼ି। ଇନ୍ସପେକ୍ଟର ରାଙ୍କରେ କାମ କରୁଥିବା ଏହି ସ୍ୱାମୀ-ସ୍ତ୍ରୀ ଯୋଡ଼ି କୁଆଡେ ନାଳୀ ନେବାରେ ମାହିର। ସ୍ୱାମୀ ଗତ କିଛି ବର୍ଷ ଧରି ଭୁବନେଶ୍ୱରରେ ରହିବା ପରେ ଏବେ ବାହାରକୁ ପ୍ରମୋସନ ପାଇ ଯାଇଛନ୍ତି। ଆଉ ସ୍ତ୍ରୀଙ୍କୁ ଛାଡିଦେଇ ଯାଇଛନ୍ତି ଘଡା ପୂରଣ କରିବାରେ। ସ୍ତ୍ରୀ ମଧ୍ୟ ବେଶ ଚତୁରତାର ସହ ଏବେ ହାତସଫେଇ କରୁଛନ୍ତି। ବାରଗୁଡିକରେ ବିଳମ୍ବିତ ରାତିରେ ପାଟ୍ରୋଲିଂ ଆଳରେ ପହଁଚି ଯାଉଛନ୍ତି। ଆଉ ତାପରେ ଯାହା ସବୁ ହଉଥିବ, ତାହା ଆପଣ ଭଲସେ ବୁଝିପାରୁଥିବେ। ପଦ୍ କଥା ନ କହିବା ଭଲ। ଭୋର ଯାଏଁ ଡିଜେ ବାଜିବା ପାଇଁ ମିଳୁଛି ମାସିକିଆ। ମ୍ୟାଡାମ କୁଆଡେ କୋଚିଆ କାରବାରକୁ ବି ଭଲସେ ନେଇ ଆଣି ଥୋଇପାରୁଛନ୍ତି। ସରଳ ଭାଷାରେ କୋଚିଆକୁ ବୁଝାଇବାକୁ ହେଲେ, ଚୋରା ମଦ କାରବାକୁ ବେଶ ପ୍ରଶୟ ଦେଉଛନ୍ତି ମ୍ୟାଡାମ। ସାରା ସହରରେ ଗଳିକନ୍ଦିରେ ଏବେ ବ୍ୟବସ୍ଥିତ ଢଙ୍ଗରେ ମିଳୁଛି ଚୋରା ମଦ। ଏହାଦ୍ୱାରା ଲାଇସେନ୍ସ ପ୍ରାପ୍ତ ଦୋକାନୀଙ୍କ କୋଟା ବା ଟାର୍ଗେଟ ପୂରଣ ହୋଇପାରୁଛି। ମଦ ମାଫିଆଙ୍କ ପକେଟ ମଧ୍ୟ ଗରମ ହେଉଛି। ଆଉ ଏସବୁ କାରବାର ଦ୍ୱାରା ମ୍ୟାଡାମଙ୍କ ପକେଟ ମଧ୍ୟ ଗରମ ହେଉଛି। ଖାଲି ମଦ ନୁହେଁ, ପାଉ କାରବାରକୁ ଅବାଧ କରାଇବାର ଗଳାବାଟ କୁଆଡ଼େ ପ୍ରସ୍ତୁତ କରିଛନ୍ତି ମ୍ୟାଡାମ। ଯାହାକୁ ନେଇ ବିଭାଗ ଭିତରେ ଏବେ ବଣ୍ଟି ଔର ବବଲି ଯୋଡିକୁ ନେଇ ଭାରି ଚର୍ଚ୍ଚା। ■

## ଟେଣ୍ଡରରେ ଛନ୍ଦିହେଲେ ଜିଲ୍ଲାପାଳ

ଭୁବନେଶ୍ୱର,୬।୧୨ (ସଂଚାର ବ୍ୟୁରୋ): ନୂଆ ସରକାରକୁ ଚକ୍‌ମା ଦେଇ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା ବାବୁମାନେ ଶସ୍ତା ଇଲେକଟ୍ରୋନିକ ସାମଗ୍ରୀ କିଣିବାକୁ ଯେଉଁ ଯୋଜନା କରିଥିଲେ ତାହା ଫସର ଫାଟିଯାଇଛି । ଘଟଣା ପଦାକୁ ଆସିବାପରେ ସରକାରଙ୍କୁ ଲୋକହସା ହେବା ସହିତ ଟେଣ୍ଡର ବାତିଲ ହୋଇଥିବାବେଳେ ଜିଲ୍ଲାପାଳଙ୍କ ନିରବତା ସନ୍ଦେହକୁ ଅଧିକ ଘନୀଭୂତ କରୁଛି।

ଏଭଳି ଘଟଣା ଘଟିଛି ରାଜଧାନୀର ଅନତି ଦୂରରେ ଥିବା କଟକ ଜିଲ୍ଲାରେ। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ୮୦ଟି ହାଇସ୍କୁଲ ପାଇଁ ୧୬୦ଟି ଇଲେକଟ୍ରୋନିକ ପ୍ୟାନେଲ ବୋର୍ଡ କିଣିବାପାଇଁ ନିଷ୍ପତ୍ତି ନିଆଯିବା ପରେ ଟେଣ୍ଡର ହୋଇଥିଲା। ଟେଣ୍ଡରରେ ଏକାଧିକ ସର୍ତ୍ତ ରଖାଯିବା ସହିତ ନିର୍ଦ୍ଦିଷ୍ଟ ୪ଟି କମ୍ପାନୀର ନାଁ ଉଲ୍ଲେଖ ଥିଲା । ସେଥି ମଧ୍ୟରୁ ଗୋଟିଏ ଜଣାଶୁଣା କମ୍ପାନୀ ଥିବାବେଳେ ଆଉ ତିନିଟି କମ୍ପାନୀ ମୁଖ୍ୟତଃ ଚାଇନା ମାଲ୍ ବିକ୍ରି କରନ୍ତି । ତେବେ ଏହି ଟେଣ୍ଡରକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା ବିଭାଗ ଜାରି କରିଥିଲା। ଜିଲ୍ଲା ସ୍ତରୀୟ ଏଭଳି ଟେଣ୍ଡର ସଂକ୍ରାନ୍ତରେ ଜିଲ୍ଲାପାଳ ଅବଗତ ହେବା ଏକ ପ୍ରକାର ନିଶ୍ଚିତ । ଅତି ସର୍ତ୍ତକତାର ସହିତ ହୋଇଥିବା ଏହି ଟେଣ୍ଡର ସଂକ୍ରାନ୍ତରେ ପ୍ରଘଟ ହେବାପରେ ଶିକ୍ଷା ବାବୁମାନଙ୍କ ଗୁମର ଖୋଲିଛି । ରାଜ୍ୟରେ ଏକାଧିକ ଅର୍ନ୍ତଜାତୀୟ ବ୍ରାଣ୍ଡ୍ ବିକ୍ରି ହେଉଥିବାବେଳେ ଶିକ୍ଷାବିଭାଗ କାହିଁକି ତିନି ତିନିଟି ଅନାମଧେୟ କମ୍ପାନୀ ନାମ ଉଲ୍ଲେଖ କଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ହେଉଥିବା ଆଲୋଚନାରୁ ଜଣାଯାଇଛି ଯେ ଏଭଳି ଟେଣ୍ଡର କରିଥିବା ମୂଷାମାନଙ୍କ ଦେହରୁ ପୁରୁଣା ସରକାରର ଗନ୍ଧ ଛାଡିନାହିଁ । ଗଳାବାଟରେ କାମ କରି ହାତ ଚିକ୍କଣରେ ସିଦ୍ଧହସ୍ତ ଏହି ବାବୁମାନେ କାଇଦା କରି ଏଭଳି ଟେଣ୍ଡର କରିଥିଲେ ଯେଭଳି ତାଲିକାରେ ଥିବା ବଡ କମ୍ପାନୀଟି ଟେଣ୍ଡରରେ ହାରିଯିବ ଓ ଗୋଟିଏ ଅନାମଧେୟ କମ୍ପାନୀ ଟେଣ୍ଡର ପାଇବ । ହେଲେ ପିଲାଙ୍କ ପାଠପଢା ସହିତ ହୋଇଥିବା ଖେଳର ସୁରାକ ପ୍ରଘଟ ହେବାପରେ ଏହାକୁ ନେଇ ହୋ ହଲ୍ଲା ହେଲା। କାଳେ ନୂଆ ସରକାର କିଛି କାର୍ଯ୍ୟାନୁଷ୍ଠାନ ନେବେ ତାହା ପୂର୍ବରୁ ବାବୁମାନେ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିଥିବା ପୃଷ୍ଠା-୬



- ନିର୍ଦ୍ଦିଷ୍ଟ କମ୍ପାନୀକୁ ଅନୁକମ୍ପା
- ଧରାପଡ଼ି ଲୋକହସା

### ବିଧାନସଭାରେ କଂଗ୍ରେସ ବିଧାୟକଙ୍କ କଳି

## ରାଗିଗଲେ ତାରା

ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ): ରାଜ୍ୟ କଂଗ୍ରେସରେ ନେତୃତ୍ୱ କନ୍ଦଳ ତୁଟୁନାହିଁ। ସେପଟେ ବିଧାୟକ ଦଳରେ ଫାଟ। ଚାରି ଭାଗ ହୋଇଗଲାଣି କଂଗ୍ରେସ ବିଧାୟକ ଦଳ। ବିଧାୟକ ଦଳରେ ସୃଷ୍ଟି ହୋଇଥିବା କନ୍ଦଳ ଆଜି ପ୍ରଶ୍ନକାଳରେ ଦେଖିବାକୁ ମିଳିଥିଲା। ପୋଲାଭରମ ପ୍ରସଙ୍ଗକୁ ନେଇ କଂଗ୍ରେସର ମୁଲତବି ନୋଟିସକୁ ବାଚସ୍ପତି ଗ୍ରହଣ କରି ନ ଥିଲେ। ଏହାର ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ବିଧାନସଭା ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ହଟ୍ଟଗୋଳ କଲେ ଆଉ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବି ହୋଇଗଲା। କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନିପତି କିନ୍ତୁ ବିଧାୟକ ଦଳ ନେତାଙ୍କ ଏ ରଣନୀତି ସମ୍ପର୍କରେ ଅବଗତ ନ ଥିଲେ ଓ ବିଧାୟକଙ୍କ ପ୍ରତିବାଦରେ ସେ କ୍ଷୁବ୍ଧ ହୋଇ ଉଠିଥିଲେ। ମୁଲତବି ପ୍ରସ୍ତାବ ନୋଟିସକୁ ଗ୍ରହଣ କରାଯିବ କି ନାହିଁ, ତାହା ପୃଷ୍ଠା-୬





### କାନ ଡେରିଆ

ଦେବୀ ମିଶ୍ର ବାବୁ ହାରିବା ପଛରେ
ଥିଲା ତ ବିଜେଡ଼ି ଛୁରି
ଅନୁଗତ ସବୁ ଛାଡ଼ିଗଲାପରେ
ସତ ଆସୁଛି ବାହାରି।

## ରାଜନୈତିକ ବୁଦ୍ଧିଦାତା ନିଖୋଜ

ଭୁବନେଶ୍ୱର,୬।୧୨ (ସଂଚାର ବ୍ୟୁରୋ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ବୁଦ୍ଧିଦାତା ଏବେ ଏକ ପ୍ରକାର ନିଖୋଜ । ଗଣମାଧ୍ୟମରେ ଆଉ ତାଙ୍କୁ ଦେଖିବାକୁ ମିଳୁନାହିଁ। ଗୋଟିଏ ପଟେ ବିଜେଡି ଧିରେ ଧିରେ ସଙ୍କଟ ଭିତରକୁ ଠେଲିହୋଇ ଯାଉଥିବାବେଳେ ବୁଦ୍ଧିଦାତା ନିଖୋଜ ହେବା ଏବେ ଦଳୀୟ କର୍ମୀ ଓ ନେତାଙ୍କୁ ଅଡୁଆରେ ପକାଇଛି ।

ବିଜେଡି ସରକାରରୁ ହଟିବା ପରେ ନବୀନଙ୍କ ରାଜନୈତିକ ପରାମର୍ଶଦାତା ସାଜିଥିଲେ କର୍ପୋରେଟ ଜଗତରୁ ରାଜନୀତିକୁ ଆସିଥିବା ସଂତୃପ୍ତ ମିଶ୍ର । କର୍ପୋରେଟ ଚାକିରି ଛାଡି ବିଜେଡିରେ ଯୋଗଦେବା ପରେ ଦଳ ତାଙ୍କୁ କଟକ ଲୋକସଭା ଆସନରୁ ପ୍ରାର୍ଥୀ କରିଥିଲା । ହେଲେ ସବୁଠାରୁ ଧନୀ ସାଂସଦ ପ୍ରାର୍ଥୀ ଶ୍ରୀ ମିଶ୍ର ନିର୍ବାଚନରେ ଶୋଚନୀୟ ଭାବେ ହାରିଥିଲେ। ଦଳ ବି କ୍ଷମତାରୁ ଯାଇଥିଲା । ଏହାପରେ



- ସଙ୍କଟରେ ଫସୁଛି ବିଜେଡି
- ତଡ଼ିଦେଲେ କି ସନ୍ୟାସୀ ?

ସଂତୃପ୍ତଙ୍କୁ ମିଳିଥିଲା ନବୀନଙ୍କ ରାଜନୈତିକ ପରାମର୍ଶଦାତାର ପଦବୀ । ରାଜନୀତିରେ ନୂଆକରି ପାଦ ଥାପିଥିବା ସଂତୃପ୍ତଙ୍କର ଏଭଳି ଅଭିଷେକ ଦଳରେ ଅନେକଙ୍କୁ ଆଚମ୍ବିତ କରିଥିଲା । ହେଲେ ଦଳୀୟ ନିଷ୍ପତ୍ତି ଆଗରେ କେହି ମୁହଁ ଖୋଲିନଥିଲେ । ସମସ୍ତେ ଭାବିଥିଲେ ପ୍ରଶାସନିକ ଅଭିଜ୍ଞତା ଆଧାରରେ ସଂତୃପ୍ତ ବୁଦ୍ଧିଦେବେ ଓ ବିଜେଡି ଡଙ୍ଗାକୁ ଆଗକୁ ନେବେ । ହେଲେ ଏହା ଭିତରେ ବିଜେଡିର ଦୁଇ ଦୁଇ ଜଣ ସାଂସଦ ଦଳ ଛାଡି ବିଜେପିରେ ମିଶି ଗଲେଣି । ଆଉ କିଛି ଯିବାପାଇଁ ସଜବାଜ ହେଉଥିବା ଆଲୋଚନା ଚାଲିଛି । ଜିଲ୍ଲା ସ୍ତରର ନେତାମାନେ ପ୍ରତିଦିନ ଦଳ ଛାଡୁଛନ୍ତି । ଦଳରେ ଥିବା ବଦ୍ରୀପାତ୍ରଙ୍କ ଭଳି ବରିଷ୍ଠ ନେତାମାନେ ସରକାରଙ୍କୁ ତେରେଛା ବାଣ ମାରି ଘାଇଲା କରୁଛନ୍ତି । ହାରିବାର ପରାଜୟରୁ ବିଜେଡି ବାହାରିବା ବଦଳରେ ଧିରେ ଧିରେ ସଙ୍କଟ ଭିତରକୁ ଠେଲିହୋଇ ଯାଉଛି । ଦଳର ଯୁବ ନେତାମାନେ ଏକ ପ୍ରକାର କରଛଡା ଦେଉଛନ୍ତି। ଦଳର ସାଂଗଠନିକ ସମ୍ପାଦକ ଅଦାଲତି ମାମଲରେ ଛନ୍ଦିହୋଇ ଗଲେଣି । ବିଜେପି ମଧ୍ୟ ମଉକା ଦେଖି ବିଜେଡିକୁ ଷଣ୍ଢୁଆସୀ ଆକ୍ରମଣ କରିବାରେ ଲାଗିଛି । ବିଜେଡି ଭାଡି ଖାଲି କରିବାପାଇଁ ବିଜେପି ରଣନୀତି ପ୍ରସ୍ତୁତ କରୁଥିବାବେଳେ ଦଳର କେନ୍ଦ୍ରୀୟନେତାମାନେ ଘନ ଘନ ଓଡ଼ିଶାକୁ ଆସୁଛନ୍ତି ।

ଏଭଳି ସ୍ଥିତିରେ କିନ୍ତୁ ରାଜନୈତିକ ବୁଦ୍ଧିଦାତାଙ୍କର ଦେଖା ଦର୍ଶନ ନାହିଁ । ତାଙ୍କର ଗତିବିଧି ସଂକ୍ରାନ୍ତରେ ଅଧିକାଂଶ ବିଜେଡି ନେତା ଅଜ୍ଞ । କିଛି ବିଜେଡି କର୍ମୀଙ୍କ କହିବା କଥା ଯେ ସଂତୃପ୍ତଙ୍କର ମହାରାଷ୍ଟ୍ରରେ ଥିବା ସମ୍ପତ୍ତିର ଜଗାରଖା ପାଇଁ ସେ ଅଧିକ ସମୟ ସେଠାରେ ଦେଉଛନ୍ତି । ତେବେ ହେଉଥିବା ଆଲୋଚନା ଅନୁଯାୟୀ ସନ୍ୟାସୀଙ୍କ ଯାତନାରେ ଜର୍ଜରିତ ହୋଇ ସଂତୃପ୍ତ ଏବେ ମନମରା । ତାଙ୍କ ବୁଦ୍ଧି ସନ୍ୟାସୀଙ୍କର ପସନ୍ଦ ଆସୁନାହିଁ । ତେଣୁ ବୁଦ୍ଧି ଦେବା ଅପେକ୍ଷା ନିଜ ବୁଦ୍ଧି ନିଜ ପାଖରେ ରଖିବାକୁ ସଂତୃପ୍ତ ଉଚିତ୍ ମନେ କରିଛନ୍ତି । ହେଲେ କାଳେ ସଂତୃପ୍ତ ପଦ୍ମପୋଖରୀ ମୁହାଁ ହେବେ ସେଥିପାଇଁ ବିଜେଡିର ଗୋଟିଏ ଗୋଷ୍ଠି ତାଙ୍କ ଉପରେ ନଜର ରଖିଥିବା ସୂଚନା ମିଳୁଛି ।

## ଆଶିଷ ସିଂହ ଆଇଟିବିପି ଆଇଜି

ଭୁବନେଶ୍ୱର, ୬।୧୨ (ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଡେପୁଟେସନରେ ଗଲେ ଆଇପିଏସ ଅଫିସର ଆଶିଷ ସିଂହ। ଇଣ୍ଡୋ-ତିବେତିଆନ ବର୍ଡର ପୋଲିସ ଫୋର୍ସର ଆଇଜି ଭାବେ ଅବସ୍ଥାପିତ ହୋଇଛନ୍ତି । ସେ ପାଞ୍ଚ ବର୍ଷ ପାଇଁ କେନ୍ଦ୍ରୀୟ ଡେପୁଟେସନରେ ଗଲେ । ପୂର୍ବତନ କେନ୍ଦ୍ରାଞ୍ଚଳ ଆଇଜି ତଥା ପୂର୍ବତନ ଅବକାରୀ କମିଶନର ଆଶିଷ ସିଂହ ଗୃହ ବିଭାଗର ଓଏସଡି ଦାୟିତ୍ୱରେ ଥିଲେ। କେନ୍ଦ୍ରୀୟ ଟେପୁଟେସନରେ ଯିବାକୁ ଆଶିଷ ସିଂହ କରିଥିବା ଆବେଦନକୁ ଆଜି କେନ୍ଦ୍ର ସରକାର ମଂଜୁର କରିଛନ୍ତି। ଏଥିସହ ତାଙ୍କୁ ଶୀଘ୍ର ଦାୟିତ୍ୱମୁକ୍ତ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି।



## ରେପୋ ରେଟ୍ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୬।୧୨: ରିଜର୍ଭ ବ୍ୟାଙ୍କ କ୍ରମାଗତ ୧୧ଶ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛି। ଚଳିତ ବର୍ଷର ଅଭିବୃଦ୍ଧି ହାର ହ୍ରାସ ଘଟାଇଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ ରିଜର୍ଭ ବ୍ୟାଙ୍କର ୬ ଜଣିଆ ମୁଦ୍ରା ନୀତି କମିଟିର ଏକ ବୈଠକ ବସିଥିଲା। ଏଥିରେ ରେପୋ ରେଟ୍ ୬.୫ ପ୍ରତିଶତରେ ସ୍ଥିର ରଖିବାକୁ ୪ ଜଣ ସଦସ୍ୟ ମତ ଦେଇଥିଲେ ଓ ୨ ଜଣ ଏହାକୁ ବିରୋଧ କରିଥିଲେ। ହେଲେ ସିଆର୍‌ଆର୍ ୫୦ ବେସିକ ପଏଣ୍ଟ ହ୍ରାସ କରିଛି।

### ମହାକାଳପଡ଼ା ପାଇଁ ଗୌରବ ଆଣିଲେ ଅଭିଷେକ

## ଓୟୁଏଟିରେ ଟପ୍ପର, ରାଷ୍ଟ୍ରପତିଙ୍କ ଠାରୁ ପାଇଲେ ସ୍ୱର୍ଣ୍ଣ

**ମହାକାଳପଡ଼ା, ୬।୧୨ (ସଂଚାର ବ୍ୟୁରୋ) :** ଗତ ୫ ଡିସେମ୍ବର ୨୦୨୪ରେ ଓଡ଼ିଶା ୟୁନିଭରସିଟି ଅଫ ଏଗ୍ରିକଲଚରର ୪୦ତମ ସମାବର୍ତ୍ତନ ଉତ୍ସବରେ ମହାକାଳପଡ଼ା ମାଟିର ପୁଅ ଅଭିଷେକ ମିଶ୍ରଙ୍କୁ ଭାରତର ମହାମହିମ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ସମ୍ମାନିତ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଟିକରପଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଳଦିଆ ଶାସନ ଗ୍ରାମର ନିତ୍ୟାନନ୍ଦ ମିଶ୍ର ଓ ବିଣାପାଣି ମିଶ୍ରଙ୍କ ସୁପୁତ୍ର ଅଭିଷେକ ଜଣେ ମେଧାବୀ ଛାତ୍ର। ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲରେ ଯୁକ୍ତ ଦୁଇ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଓଡିଶା ଏଗ୍ରିକଲଚର ୟୁନିଭରସିଟି ରେ ଭେଟେରିନାରି ସାଇନ୍ସ ବିଭାଗରେ ଯୁକ୍ତ ୩ ସମାପ୍ତ କରିଥିଲେ। ଯୁକ୍ତ ୩ ରେ ଟପ୍ପର ହୋଇଥିବାରୁ ତାଙ୍କୁ ରାଷ୍ଟ୍ରପତିଙ୍କ ହାତରୁ ସ୍ୱର୍ଣ୍ଣ ପଦକ ସମ୍ମାନିତ କରାଯାଇଛି।



ଅଭିଷେକ ମିଶ୍ରଙ୍କ ଏହି ସଫଳତା ପରେ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲା ତାଙ୍କୁ ନେଇ ଗର୍ବ କରୁଛି। ଅଭିଷେକ ଏବେ ମାଷ୍ଟର ଇନ୍ ଭେଟେରିନାରି ସାଇନ୍ସରେ ଆଇଭିଆରଆଇ ବାରେଲି ୟୁନିଭରସିଟି ଉତ୍ତରପ୍ରଦେଶରେ ପିଜି କରୁଛନ୍ତି।

### ଦଳିତ ଯୁବକକୁ ବିଧାୟକଙ୍କ ଅନୁଗତ ମାଡ଼ ମାରିବା ଘଟଣା

## ଦିନରେ ଏତଲା, ରାତିରେ ଫଇସଲା

**କେନ୍ଦ୍ରାପଡା/ମହାକାଳପଡ଼ା, ୬।୧୨ (ସଂଚାର ବ୍ୟୁରୋ) :** ଗତ ବୁଧବାର ଏକ ଘଟଣା କୁ ନେଇ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀକୁ ଉଠାପକା କରିଥିଲା। ଘଟଣାର ଗୁରୁତ୍ୱ ଏପରି ଥିଲାଯେ, ମହାକାଳପଡ଼ା ଅଞ୍ଚଳର ପ୍ରତି ଜନମାନସରେ ଚର୍ଚ୍ଚା ଜୋର୍ ଧରିଥିଲା ଓ ସାମାଜିକ ଗଣମାଧ୍ୟମରେ ଏହାର ବହୁଳ ତର୍କ ଦେଖିବାକୁ ମିଳିଥିଲା। ମହାକାଳପଡ଼ା ବିଧାୟକଙ୍କ ଅନୁଗତ ଯୁବକ ଜଣେ ଦଳିତ ବର୍ଗର ଯୁବକଙ୍କୁ ମାଡ଼ ମାରିଥିବା ଓ ଜାତିଆଣ ଆକ୍ଷେପ କରି ମାନହାନି କରିଥିବା ଜମ୍ବୁ ସାମୁଦ୍ରିକ ଥାନାରେ ଏତଲା ଦେଇଥିଲେ। କିନ୍ତୁ ଏହାର ପରଦିନ ଅର୍ଥାତ ଗୁରୁବାର ରାତିରେ ଅଭିଯୋଗକାରୀ ଯୁବକ ଜଣଙ୍କ ଦେଇଥିବା ଏତଲା ମିଥ୍ୟା ଓ ଭିତ୍ତିହୀନ ଦର୍ଶାଇ ସମାଧାନ କରିଛନ୍ତି। ଯାହାକୁ ନେଇ ଏବେ ନାନାଦି ପ୍ରଶ୍ନ ସୃଷ୍ଟି କରିଛି।

ରାମନଗର ପଞ୍ଚାୟତ ବରଜ ଗ୍ରାମର ଧିରେନ୍ଦ୍ର ସେଠୀଙ୍କ ପୁଅ ବିଶ୍ୱ

**ଜୋର ଧରିଲା ଚର୍ଚ୍ଚା**

**ଚାପ ନା ବଢ଼ିଲା ଅନୁକମ୍ପା**

ପ୍ରକାଶ ସେଠୀ(୨୮) ବାଲିପାଟ ଗ୍ରାମର ଏକ ଭୋଜି ରେ ଯୋଗଦେବାକୁ ଯାଇ ସେଠାରେ ରାମନଗରର ଚନ୍ଦ୍ରକାନ୍ତ ସ୍ୱାଇଁ ଓ ତାଙ୍କ ବାପାଙ୍କ ସହିତ ଗଣ୍ଡଗୋଳ ଓ ଜାତିଆଣ ଆକ୍ଷେପ ଭଳି ଅଭିଯୋଗ ହୋଇଥିଲା। ଏ ଘଟଣାରେ ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ ଘୋର



ଅସନ୍ତୋଷ ଛାଡିଥିଲେ। ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ମଧ୍ୟ ହୋଇଥିଲା । ହେଲେ ସନ୍ଧ୍ୟାରେ ଅଭିଯୋଗକାରୀ ଘଟଣା ମିଥ୍ୟା ଓ ଭିତ୍ତିହୀନ ଦର୍ଶାଇ ଘଟଣାକୁ ସମାଧାନ କରି ଦେଇଛନ୍ତି।

ଦିନରେ ନିଜକୁ ସତ୍ୟବାନ୍ କହି ଅନ୍ୟ ନାମରେ ଥାନାରେ ଏତଲା ଦେଇଥିବା ଯୁବକ ହଠାତ୍ ସନ୍ଧ୍ୟାରେ ଘଟଣାକୁ ମିଥ୍ୟା ଦର୍ଶାଇ ସମାଧାନ କରିଲା କାହିଁକି ତାହାକୁ ନେଇ ନାନାଦି ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ଭାଇରାଲ ହେଉଥିବା ଭିଡିଓରେ ବିଧାୟକଙ୍କ ଅନୁଗତ ଦର୍ଶାଉଥିବା ଯୁବକ ଜଣକ ସିଧା ସଳଖ ଗାଳି ଗୁଲଜ କରିବା ସହ ପୋଲିସର ପାୱାର ମଧ୍ୟ ଦେଖାଉଥିଲେ। କିନ୍ତୁ ଏତେ ସବୁ ପରେ ମଧ୍ୟ କାହିଁକି ଓ କେଉଁ କାରଣରୁ ଏତଲା ପ୍ରତ୍ୟାହାର କଲେ ନା ଦଳିତ ଯୁବକ ଜଣକ ଉପରେ କାହାର ଚାପ ପଡିଲା ତାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠୁଥିବା ବେଳେ ଏତଲା ପ୍ରତ୍ୟାହାର କରିଥିବା ଯୁବକ ଜଣଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବାଲ୍ୟ ବିବାହ ନିରାକରଣ ଓ କୈଶୋର ସଶକ୍ତୀକରଣ ପ୍ରତିଜ୍ଞା ଅଭିଯାନ

**କେନ୍ଦ୍ରାପଡା, ୬।୧୨ (ସଂଚାର ବ୍ୟୁରୋ):** ଜିଲ୍ଲାରୁ ବାଲ୍ୟ ବିବାହ ପ୍ରଥାକୁ ସମ୍ପୂର୍ଣ୍ଣ ସମାପ୍ତ କରିବା ନିମନ୍ତେ ଏବଂ କୈଶୋର ସଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜିଲ୍ଲାସ୍ତରରେ ୧୫ ଦିନିଆ ଅଭିଯାନର ଶୁଭାରମ୍ଭ ଜିଲ୍ଲାପାଳଙ୍କ ସଦ୍ଭାବନା ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇ ଯାଇଅଛି । ଏହି ଅଭିଯାନ ଚଳିତ ମାସ ୬ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହା ମାଧ୍ୟମରେ ଜିଲ୍ଲାରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ପ୍ରତିଜ୍ଞା ଅଭିଯାନ ର ଲୋଗୋ ଉନ୍ମୋଚନ ହେବା ସହ ଶପଥ ପାଠ ମଧ୍ୟ କରାଯାଇଥିଲା । ଏହି ଅଭିଯାନ ର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା କୈଶୋର ମାନଙ୍କୁ ଜୀବନକୌଶଳ ଶିକ୍ଷା , ତୃଣମୂଳ ସ୍ତରୀୟ ମୁଖ୍ୟ ଏବଂ ମହିଳା ମାନଙ୍କ ସମୁଦାୟିକ ସହାୟତାରେ କେନ୍ଦ୍ରାପଡ଼ା ର ବାଲ୍ୟବିବାହ ହାର ଶତକଡା ୯.୪ (ଭଷଲସ୍ଥ-୫)ରୁ ପଚାଶ ପ୍ରତିଶତ ୨୦୨୫ ସୁଦ୍ଧା କମାଇବା, ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷାକାରୀ ତୃଣମୂଳ ସ୍ତରରେ କୈଶୋର ମାନଙ୍କୁ ସେବା ଯୋଗାଇ ଦେବା, ଗାଁ ରୁ ସହର, ସହରରୁ ଜିଲ୍ଲା ପର୍ଯ୍ୟନ୍ତ ବାଲ୍ୟ ବିବାହ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟିକରିବା, ପରିବାର ନିୟୋଜନ ଜନିତ ସୂଚନା ଓ ଶିକ୍ଷା ସହିତ ଓ ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟର ସେବା ଗୁଡିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ସୁନିଶ୍ଚିତ କରିବା, ବାଲ୍ୟବିବାହ କ୍ଷେତ୍ରରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ବାଲ୍ୟ ବିବାହାକୁ ରୋକିବା ଏବଂ ବାଲ୍ୟବିବାହକୁ ସମୂଳରୂପେ ଉଚ୍ଛେଦ କରିବା ନିମନ୍ତେ ସମୁଦାୟ ର ବ୍ୟବହାର ଓ କୁପ୍ରଥା ରେ ପରିବର୍ତ୍ତନ ଆଣିବାରେ ଜାତି ମୁଖିଆ ମାନଙ୍କ ସମର୍ଥନ ଏକଜୁଟ କରିବା । ଏଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ମନୋରମା ସ୍ୱାଇଁ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ବିଜୟ କେତନ ସାହୁ, ମଙ୍ଗମ ଚେୟାରପର୍ସନ ଶ୍ରୀମତୀ ସ୍ୱାଗତିକା ପାତ୍ର , ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ, ଶିଶୁ ଅଧିକାର ଓ ବାଲ୍ୟ ବିବାହ ନିରାକରଣ ପ୍ରୋଗ୍ରାମ ର ଘାସିରାମ ପଣ୍ଡା, ୟୁନିସେଫ ସ୍ୱାଗତ ଘଡେଇ, ଅମିତା ସିଂହ , ଜିଲ୍ଲା ସଂଯୋଜିକା କୈଶୋର ସଶକ୍ତି କରଣ ୱାନଷ୍ଟପ ସେଂଟର୍ ର ମୁଖ୍ୟ, ଜିଲ୍ଲା ସଂଯୋଜିକା, ଜିଲ୍ଲାର ସମସ୍ତ ଶକ୍ତି ସଦନର କର୍ମକର୍ତ୍ତା, ନଅ ଗୋଟି ବ୍ଲକର ସମସ୍ତ ସିଡିପିଓ, ଅଙ୍ଗନବାଡ଼ି ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ , ଜିଲ୍ଲାରେ ଶିଶୁ ସୁରକ୍ଷା କାର୍‌ୟରେ ନିୟୋଜିତ ପଲ୍ଲିଶ୍ରୀ, ଭାରତ ଓ ରେସୱା ସେବଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଶକ୍ତି ସଦନର ଅନ୍ତେବାସୀ, କିଶୋର କିଶୋରୀ ଯୋଗ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

**କେନ୍ଦ୍ରାପଡା, ୬।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୃଷି କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ, ମାର୍ଶାଘାଇ କୃଷି ଅଧିକାରୀ ହେମନ୍ତ କୁମାର ସାମଲ, କେନ୍ଦ୍ରାପଡାର କମଳାକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଛାତ୍ର ମାନଙ୍କ ଦ୍ୱାରା ବିଶ୍ୱ ମୃର୍ତିକା ଦିବସ ଅବସରରେ ପୋଷ୍ଟର ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉପଢୌକନ, ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇ ଥିଲା । ୩୦ଜଣ ଚାଷୀଙ୍କୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇ ଥିଲା । ଚାଷୀ ଓ ଅତିଥି ମାନେ ମୃର୍ତିକା ପରୀକ୍ଷାଗାର ଓ ଭ୍ରାମ୍ୟମାଣ ମୃର୍ତିକା ପରୀକ୍ଷାଗାର ପରିଦର୍ଶନ କରି କିଭଳି ମୃର୍ତିକା ପରୀକ୍ଷା କରାଯାଏ ତାହା ଅନୁଧ୍ୟାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀ ଓ କୃଷି ଅଧିକାରୀ ବୈଜ୍ଞାନିକ ମାନଙ୍କର ଆଲୋଚନା ମୃର୍ତିକା ସ୍ୱାସ୍ଥ୍ୟ ଉପରେ କରାଯାଇ ଥିଲା । କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ କୃଷି ଅଧିକାରୀ ଦିଜବର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍କୁଲ ଛାତ୍ରକୁ ଗ୍ରିଲରେ ବାନ୍ଧି ନିର୍ଯାତନା

## ଘଟଣାର ତଦନ୍ତ କଲା ଶିକ୍ଷା ବିଭାଗ

**କେନ୍ଦ୍ରାପଡା, ୬।୧୨ (ସଂଚାର ବ୍ୟୁରୋ) :** ସ୍କୁଲ ଛାତ୍ରକୁ ସ୍କୁଲ ଗ୍ରିଲରେ ବାନ୍ଧି ନିର୍ଯାତନା ଦେବାର ଭିଡିଓ ଭାଇରାଲ ହୋଇଛି । ଯାହାକୁ ନେଇ ବିଭିନ୍ନ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।



କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ମାର୍ଶାଘାଇ ଇଂଲିଶ ମିଡିୟମ ବେସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟର ଗ୍ରିଲରେ ବାନ୍ଧି ମାଡ ମାରିବା ଘଟଣା ସାମ୍ନାକୁ ଆସିବା ପରେ ଗୁରୁତ୍ୱର ସହ ନେଇଛି ଶିକ୍ଷା ବିଭାଗ। ଶୁକ୍ରବାର ମାର୍ଶାଘାଇ ବ୍ଲକ ଶିକ୍ଷାଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ନିଜେ ସେହି ବିଦ୍ୟାଳୟ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସତ୍ୟାସତ୍ୟ ପରଖିଛନ୍ତି। ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ଅନ୍ୟ ପକ୍ଷରେ ଅବିଭାବକ ମାଆ ଏ ଘଟଣାକୁ ନିଜେ ଛାତ୍ରଙ୍କୁ ବିଦ୍ୟାଳୟ ଗ୍ରିଲରେ ବାନ୍ଧି ଥିବାର କଥା ସ୍ୱିକାର କରିବା ସହ ସେହିଦିନ ପିଲାର ଦେହ ଖରାପ ଥିଲା ପିଲାଟି ଦେଖିବା ପାଇଁ ଆସିଥିଲି । ଏଠି ପ୍ରଶ୍ନ ଉଠୁଛି କେଉଁ ଭଳି ଭାବେ ବିଦ୍ୟାଳୟ ପରିସରରେ ପିଲାଙ୍କ ପରୀକ୍ଷା ଚାଲୁଥିବା ସମୟରେ ଜଣେ ଅବିଭାବକ ବିଦ୍ୟାଳୟ ପରିସର ମଧ୍ୟରେ ପଶି ନିଜ ପୁଅକୁ ବା କୋମଳମତି ଛାତ୍ରଙ୍କୁ ବିଦ୍ୟାଳୟର ଗ୍ରିଲରେ ବାନ୍ଧି ପାରିଲେ। ଏହି ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ କାହିଁକି ଥିଲେ ନୀରବ? ଏନେଇ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ପଚାରିବାରୁ ପ୍ରତିକ୍ରିୟାରେ ଅଧିକାରୀ କହିଛନ୍ତି ବାପା,ମାଆ କି ବିଦ୍ୟାଳୟର କୌଣସି କର୍ମଚାରୀ ଏଭଳି ଆଇନ୍ ବିରୋଧୀ କାର୍ଯ୍ୟ କରିପାରିବେ ନାହିଁ? ଯିଏ ଏଭଳି ଆଇନ୍ ବିରୋଧୀ କାର୍ଯ୍ୟ କରିଥିବ ତେବେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ।

## ରାଜକନିକାରେ ନୂଆ ସିଡିପିଓଙ୍କ ଯୋଗଦାନ



**ରାଜକନିକା, ୬।୧୨ (ସଂଚାର ବ୍ୟୁରୋ) :** ରାଜକନିକା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ନୂଆ ସିଡିପିଓ ଭାବେ ରଞ୍ଜୁରାଣୀ ଦାସ ଆଜି ଯୋଗଦାନ କରିଛନ୍ତି। ଏଥିପାଇଁ କାର୍ଯ୍ୟାଳୟ ପକ୍ଷରୁ ଫୁଲତୋଡା ଦେଇ ସମସ୍ତ କର୍ମଚାରୀ ଅଭିନନ୍ଦନ ଜଣାଇଥିଲେ।ଶ୍ରୀମତୀ ଦାସ ଏହା ପୂର୍ବରୁ ମୟୁରଭଞ୍ଜର ଖୁଣ୍ଟା ବ୍ଲକରେ କାର୍ଯ୍ୟରତ ଥିଲେ।ତେବେ ଏଠାରେ ଅବସ୍ଥାପିତ ହେବା ପରେ ତାଙ୍କ ପାଇଁ ରହିଛି ବହୁ ଚ୍ୟାଲେଞ୍ଜ୍ ବୋଲି ଚର୍ଚ୍ଚା ବି ହେଉଛି ।କାର୍ଯ୍ୟାଳୟ ପରିଚାଳନାରେ ଦେଖା ଦେଇଥିବା ଅନିୟମିତତା, ଛତୁଆ ପ୍ରସ୍ତୁତିରେ ଲାଗି ରହିଥିବା କେଁ ତାସହିତ ଅଙ୍ଗନବାଡି କେନ୍ଦ୍ର ପରିଚାଳନାରେ ତୃଟି ଆଦି ପ୍ରମୁଖ ସମସ୍ୟା ଥିଲେ ବି ଶ୍ରୀମତୀ ଦାସ ଏହାକୁ ସମାଧାନ କରି ପାରିବେ ବୋଲି ଆଶା କରା ଯାଉଛି ।

## ବାଲି ଖାଦାନକୁ ନେଇ ଅଶାନ୍ତ ହେବାକୁ ଯାଉଛି କେନ୍ଦ୍ରାପଡ଼ା

**କେନ୍ଦ୍ରାପଡ଼ା, ୬।୧୨ (ସଂଚାର ବ୍ୟୁରୋ):** ଦୀର୍ଘଦିନ ଧରି ଶାନ୍ତ ପଡିଥିବା କେନ୍ଦ୍ରାପଡ଼ା ସହର ପୁଣି ହେବାକୁ ଯାଉଛି ଅଶାନ୍ତ । ଡେରାବିଶ ବ୍ଲକ ଅନ୍ତର୍ଗତ ବସିପୁର ଠାରେ ଥିବା ବହୁ ଚର୍ଚ୍ଚିତ ବିବାଦୀୟ ବାଲିଘାଟ ଚାଲିବା ଘଟଣାକୁ କେନ୍ଦ୍ରକରି ସୃଷ୍ଟି ହେବାକୁ ଯାଉଛି ଗ୍ୟାଙ୍ଗୱାର ଭଳି ଏକ ବିରାଟ ପରିସ୍ଥିତି ।

ଜିଲ୍ଲା ଖଣି ଅଧିକାରୀ ରଞ୍ଜିତ କୁମାର ବେହେରା ଏବଂ ସଦର ଥାନା ଅଧିକାରୀ ବିମଳ କୁମାର ମଲ୍ଲିକଙ୍କ ସୂଚନା ମୁତାବକ ବହୁଦିନ ଧରି ପଡି ରହିଥିବା ବସିପୁର ବାଲିଘାଟ ଯେତେବେଳେ ପୁଣି ଆଜି ଚାଲିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଲା ଯେ - ଉକ୍ତ ଖାଦାନକୁ ଟେଣ୍ଡର ନେଇଥିବା କେଉଁଝର ଜିଲ୍ଲାର ଲେସି ଯୋଗେନ୍ଦ୍ର ବେହେରା ଚଲାଇ ପାରିବେ ଏବଂ ଅନ୍ୟ କେହି ଚଲାଇ ପାରିବେ ନାହିଁ ଏବଂ ସେହି ସ୍ଥାନକୁ ଲେସି ଯୋଗେନ୍ଦ୍ର ବେହେରା ନଆସି ପାୱାର ଅଫ୍ ଅର୍ଟର୍ନି ଦେଇଥିବା ପ୍ରଥମ ପକ୍ଷ ମାଧବ ଚନ୍ଦ୍ର ପ୍ରଧାନଙ୍କୁ ନଜଣାଇଁ କଟକ ଜିଲ୍ଲା ଆସୁରେଶ୍ୱର ଗ୍ରାମର ଦ୍ୱିତୀୟ ପକ୍ଷ ଅବଦୁଲ୍ ନିଆଜ୍ ଖାଁକୁ କହି ଖଣି ଅଧିକାରୀ ରଞ୍ଜିତ ବେହେରାଙ୍କ ତତ୍ୱାବଧାନରେ ତାଙ୍କ ସହିତ ସଲାସୁତୁରା କରି ଜିଲ୍ଲା ପ୍ରଶାସନକୁ ଫାଇଲ ଅଫିସରୁ ହଜି ଯାଇଥିବା ଭଳି ଏକ ସଙ୍ଗୀନ ସଂପୂର୍ଣ୍ଣ ମିଥ୍ୟା ଓ କଳ୍ପ କଳ୍ପିତ ଭୁଲ୍ ତଥ୍ୟାବଳୀ ଦେଇ କୋର୍ଟକୁ ଭୁଆଁ ବୁଲାଇ କୋର୍ଟ ଅନୁମତିକୁ ନମାନି ଦ୍ୱିତୀୟ ପକ୍ଷଙ୍କ ଠାରୁ କୁଆଡେ ପନ୍ଦର ଲକ୍ଷ ଟଙ୍କା ଲାଞ୍ଚ ନେଇ ରଞ୍ଜିତ କୁମାର ବେହେରା ସକାଳୁ ସକାଳୁ ପୁଣି ବସିପୁର ବାଲି ଖାଦାନ ଚଳାଇବାକୁ ଦୁଇଟି ଟ୍ରାକ୍ଟର ଏବଂ ପ୍ରାୟ ୧୫ ରୁ ୨୦ ଜଣ ଲୋକଙ୍କୁ ସେହି ସ୍ଥାନରେ ଠୁଳ କରିବା ପାଇଁ ଦ୍ୱିତୀୟ ପକ୍ଷ ସେକ ଅବଦୁଲ ନିଆଜ୍ ଖାଁଙ୍କ ଦ୍ୱାରା ଯୋଜନା ପ୍ରସ୍ତୁତ କରୁଥିବା ବେଳେ ପ୍ରଥମ ପକ୍ଷ ମାଧବ ଚନ୍ଦ୍ର ପ୍ରଧାନ ଏପରି ଏକ ସାଙ୍ଘାତିକ ବେଆଇନ୍



**କୋର୍ଟ ଆଦେଶକୁ ଖଣି ଅଧିକାରୀଙ୍କ ଅବମାନନା ଅଭିଯୋଗ**

**ବାଲି ଉଠାଇବାକୁ ଦୁଇ ଗୋଷ୍ଠୀ ଛକାପଞ୍ଝା**

ଘଟଣାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଡ଼ାକି ଖଣି ଅଧିକାରୀ ଏବଂ ଲେସି ଯୋଗେନ୍ଦ୍ର ବେହେରା ଓ ଦ୍ୱିତୀୟ ପକ୍ଷ ସେକ ଅବଦୁଲ୍ ନିଆଜ ଖାଙ୍କ ସମସ୍ତ ଗୁମର ଖୋଲି ଦେବା ପରେ ବାଲି ଖାଦାନ ଖୋଲାଯିବା କାର୍ଯ୍ୟକୁ ବନ୍ଦ ରଖାଯିବା ସହିତ ଏକ ବଡ ଧରଣର ଗ୍ୟାଙ୍ଗ ୱାର ଏବଂ ଗଣ୍ଡ ଗୋଳିଆ ପରିସ୍ଥିତିକୁ ସଦର ପୋଲିସ ବନ୍ଦ୍ କରିବାକୁ ଏକ ପ୍ରକାର ସକ୍ଷମ ହୋଇଥିବା ଜଣା ପଡିଥିଲା ।

ଏପଟେ ବିଶେଷ ସୂତ୍ରରୁ ଖବର ପାଇ ସଦର ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ ସଦଳ ବଳ ଉକ୍ତ ଖାଦାନ ନିକଟରେ ପହଂଚି କାଳେ କୌଣସି ଗଣ୍ଡଗୋଳ କିମ୍ବା ଉଭୟ ଗୋଷ୍ଠୀ ମଧ୍ୟରେ ଗ୍ୟାଙ୍ଗ ୱାର ଭଳି ସଂଘର୍ଷ ପୁଣି ସୃଷ୍ଟିହେବ ଭାବି ଉଭୟ ଗୋଷ୍ଠୀଙ୍କୁ ସେହି ସ୍ଥାନରୁ ଘଉଡାଇ ଥାନକୁ ଡ଼ାକି ଆଲୋଚନା କରିବା ସଙ୍ଗେ ସଙ୍ଗେ ବାଲି ଖାଦାନ ଚାଲୁ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ୍ ରଖିଥିବା ଦେଖିବାକୁ ମିଳିଥିବା ବେଳେ ଏପଟେ ସ୍ଥାନୀୟ ବୁଦ୍ଧିଜିବୀ ମାନେ କହିଛନ୍ତି ଯେ - ଉକ୍ତ ବାଲି ଖାଦାନ କୁ ଲେସିଙ୍କ ଠାରୁ ଲକ୍ଷ, ଲକ୍ଷ ଟଙ୍କା ଲାଞ୍ଚ କୁଆଡେ ଲେସିଙ୍କ ଠାରୁ ପାୱାର ଅଫ୍ ଅର୍ଟନି ନେଇ ଥିବା ପ୍ରଥମ ପକ୍ଷକୁ ଘଣ୍ଟ ଘୋଡାଇବାକୁ ଯାଇ କୋର୍ଟ ଅର୍ଡରକୁ ଅବ ମାନନା କରି ପୁଣି ଆଇନଗତ ପରିସ୍ଥିତି ସୃଷ୍ଟି କରିବା ସହିତ ଲେସିଙ୍କ ଅନୁପସ୍ଥିତିରେ ଦୀର୍ଘ ଦୁଇଦିନ ଧରି ବାସ୍ତବତା କ୍ଷେତ୍ରରେ ଖାଦାନ ନ ଚଲାଇ ମାନୁଆଲି କାଗଜ ପତ୍ରରେ ଖାଦାନ ଚାଲିଥିବା କଥା ନିଜ ମୁହଁରେ ସ୍ୱିକାର କରିଛନ୍ତି ଖଣି ଅଧିକାରୀ ରଞ୍ଜିତ କୁମାର ବେହେରା ନିଜେ । ଖଣି ଅଧିକାରୀ ଯଦି ଏପରି ମନ ମୁଖି କୋର୍ଟ ଅଦେଶ ନମାନି କାର୍ଯ୍ୟ କରନ୍ତି ତେବେ ଆଗାମୀ ଦିନରେ ପୁଣି କେନ୍ଦ୍ରାପଡା ସହର ସମେତ ଆଖ ପାଖ ଅଞ୍ଚଳରେ ଗ୍ୟାଙ୍ଗୱାର ସମସ୍ୟା ନିଶ୍ଚୟ ସୃଷ୍ଟି ହେବ ବୋଲି ବୁଦ୍ଧିଜିବୀ ମହଲରେ ଏବେ ଠାରୁ ଚର୍ଚ୍ଚା ଯୋର ଧରିଲାଣି ।

## ତେରଗାଁ ପଞ୍ଚାୟତରେ ଆବାସ କେଳେଙ୍କାରୀ

**ମହାକାଳପଡ଼ା, ୬।୧୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଆବାସ କେଳେଙ୍କାରୀ ଥମିବାର ନା ନେଉନି। ଖୋଦ୍ ସରକାରୀ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଓ ଅସାଧୁ କାର୍ଯ୍ୟ ପାଇଁ ବଦନାମ ହେଉଛି ପ୍ରଶାସନ। ବାରମ୍ବାର ଏନେଇ ଅଭିଯୋଗ ହେଲେ ମଧ୍ୟ ଚେତୁ ନାହାଁନ୍ତି କର୍ମଚାରୀ। ସବୁ ନିୟମ କାନୁନକୁ ଜଳାଞ୍ଜଳି ଦେଇ ଅସାଧୁ ଉପାୟରେ ଟଙ୍କା ରୋଜଗାର ପାଇଁ ଅଯୋଗ୍ୟଙ୍କୁ ବଣ୍ଟା ଯାଉଛି ସରକାରୀ ଟଙ୍କା। ଏମିତି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତରୁ।

ସୂଚନା ମୁତାବକ ତେର ଗାଁ ପଞ୍ଚାୟତ ସୁବଳା ଗ୍ରାମର ଜଗବନ୍ଧୁ ବେହେରାଙ୍କ ଏକ ଆଜବେଷ୍ଟସ ଘର ଅଛି। ଯାହାଙ୍କୁ ପୂର୍ବତନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପ୍ରଧାନ ଅନୁକମ୍ପା ଦେଖାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସାମିଲ କରାଇ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିଥିଲେ। ଯାହାକୁ ସୂଚନା ଅଧିକାର କର୍ମୀ ସୁବ୍ରତ ସେଠୀ ଲଗାତାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ କରାଯାଇ ବଦଳି କରାଯାଇଥିଲା। ହେଲେ ପୁନର୍ବାର ସେହି ବ୍ୟକ୍ତିଙ୍କୁ ବର୍ତ୍ତମାନ ପଞ୍ଚାୟତର ଡାଟା ଏଣ୍ଟ୍ରି ଅପରେଟର ଗୁରୁ ପ୍ରସାଦ ନାୟକ



**Sanction and Completion Details**

| | |
|---|---|
| Administrative Sanction No. : | OR18008/4/3704 |
| Scheme Under which Sanction : | PMAYG |
| InCash/Advice/Cheque (in Rs.) : | 0 |
| Remand Status : | |

**Convergence Details**

| Ujjwala Connection : | Status | MGNREGA: | Status |
|---|---|---|---|

**heet Details**

| ment | Financial Year | Amount (In Rs.) | Order Sheet No. |
|---|---|---|---|
| | 2023-2024 | 40000 | OR18008-PMAY |
| | 2024-2025 | 65000 | OR18008-PMAY |

| Payment Mode | Payment Date | Refund Status |
|---|---|---|
| DBT(Aadhaar based) | 03/07/2023 | |
| DBT(Aadhaar based) | 19/11/2024 | |

ଦ୍ୱିତୀୟ କିସ୍ତି ଟଙ୍କା ୬୫,୦୦୦ ପ୍ରଦାନ କରିଛନ୍ତି। ଯାହାକୁ ନେଇ ଏବେ ତେର ଗାଁ ପଞ୍ଚାୟତର ଆବାସ କେଳେଙ୍କାରୀର ଫର୍ଦ୍ଦ ଲେଉଟିଛି। ପ୍ରଶ୍ନ ଉଠୁଛି ଜଣଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ସତ୍ତ୍ୱେ ମଧ୍ୟ ସମ୍ପୃକ୍ତ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କରାଗଲା କେମିତି? ଡାଟା ଏଣ୍ଟ୍ରି ଅପରେଟର ତାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କରିବା ପଛର କାରଣ କ'ଣ? ସବୁ ନିୟମ କାନୁନକୁ ଜଳାଞ୍ଜଳି ଦେଇ

**ନିୟମ କାନୁନକୁ ଜଳାଞ୍ଜଳି ଦେଇ ସର୍ବେସର୍ବା ସାଜିଛନ୍ତି ଏଡିଓ**

**ଲାଞ୍ଚ ନେଇ ଅଯୋଗ୍ୟଙ୍କୁ ଦେଲେ ଦ୍ୱିତୀୟ କିସ୍ତି**

**ଉଚ୍ଚସ୍ତରୀୟ ତଦନ୍ତ ଦାବି**

ନିଜକୁ ସର୍ବେସର୍ବା ସାଜି ଅଯୋଗ୍ୟଙ୍କୁ ସରକାରୀ ଟଙ୍କା ପ୍ରଦାନ କରିବାରେ କେବଳ ଡାଟା ଏଣ୍ଟ୍ରି ଅପରେଟରଙ୍କ ହାତ ଅଛି ନା ଏହି ଘଟଣାରେ ଅନ୍ୟମାନଙ୍କର ମଧ୍ୟ ସଂପୃକ୍ତି ରହିଛି ? ଟଙ୍କା ପ୍ରଦାନ ପୂର୍ବରୁ ଜିପିଆରଏସ ଫଟୋ ଆବଶ୍ୟକ ହୁଏ। ଯଦି ସମ୍ପୃକ୍ତ ବ୍ୟକ୍ତିଙ୍କର ଘର ନିର୍ମାଣ ହୋଇନି ତେବେ ଡାଟା ଏଣ୍ଟ୍ରି ଅପରେଟର କାହା ଘର ସାମ୍ନାରେ ଫଟୋ ଉଠାଇ ବିଲ୍ କଲେ ?

ଏହି ଘଟଣା ସାମ୍ନାକୁ ଆଣି ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ ସମଗ୍ର ଜିଲ୍ଲା ପ୍ରଶାସନକୁ ନିଶାନା କରିଛନ୍ତି। ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ହିତାଧିକାରୀଙ୍କ ପାଖରୁ ଟଙ୍କା ଫେରସ୍ତ କରିବା ସହ ଘଟଣାରେ ଲିପ୍ତ ଥିବା ସମସ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଟେଣ୍ଡର ଫିକ୍ସିଂରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ

**କେନ୍ଦ୍ରାପଡ଼ା, ୬।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୂର୍ତ୍ତ ବିଭାଗରେ ଟେଣ୍ଡର ଫିକ୍ସିଂ ଭଳି ସଂଗୀନ ଅଭିଯୋଗ ଏବେ ସାମ୍ନାକୁ ଆସିଛି। ସମୟ ସୀମା ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଶେଷ କରାଇ ଦେଇଥିବା ଅଭିଯୋଗ ଦୁଇ ବି କ୍ଲାସ ଯୁବ ଠିକାଦାର ଆଣିଛନ୍ତି। କେନ୍ଦ୍ରାପଡା ପୂର୍ତ୍ତ ବିଭାଗ-୧ ଅଧିନରେ ବାହାରିଥିବା ବିଭିନ୍ନ ଟେଣ୍ଡର ପାଇଁ ଟେଣ୍ଡର ଭରିଥିବା କଟକର ମନୀଷ କୁମାର ମଲ୍ଲିକଙ୍କ ଅଭିଯୋଗ ମୁତାବକ ସେ ଆଳିରେ ରହି ବିଭିନ୍ନ କାମ ପାଇଁ ଟେଣ୍ଡର ପକାଇ କାମ କରୁଥିଲେ। ଆଳୀ ଅଂଚଳର କଣ୍ଟିପୁର,ମହୁ,ଦେସାହି ଇତ୍ୟାଦି ସ୍ଥାନରେ ପ୍ୟାଡି ପ୍ରୋକରମେଣ୍ଟ ପାଇଁ ଯେଉଁ ସ୍ଥାନରେ ଟେଣ୍ଡର ବାହାରିଥିଲା ସେ ସେଗୁଡିକ ସ୍ଥାନରେ ଟେଣ୍ଡର ପକାଇଥିଲେ । ପାଖାପାଖି କେଉଁଟି ୭୪ ଲକ୍ଷ ଥିଲା ତ ଆଉ କେଉଁଟି ୬୪ ତ ଆଉ କେଉଁଠାରେ ୯୪ ଲକ୍ଷ ଟଙ୍କାର ଟେଣ୍ଡର ବାହାରିଥିଲା। ଏହି ଟେଣ୍ଡର ପ୍ରକ୍ରିୟା ଗୁରୁବାର ଦିବା ୧୨.୧୫ରୁ ୧୨.୪୫ ପର୍ଯ୍ୟନ୍ତ ଲଟେରୀ ଥିଲା ବେଳେ ସେ ପୂର୍ବାହ୍ନ ୧୨ରେ ପୂର୍ତ୍ତ ବିଭାଗ-୧ ରେ ପହଞ୍ଚିଲା ବେଳକୁ ଲଟେରୀ କାମ(ପ୍ରକ୍ରିୟା) ସବୁ ଶେଷ ହୋଇ ଯାଇଥିଲା ବୋଲି ଜାଣିବାକୁ ପାଇଥିଲେ । ଆମକୁ ଯେଉଁ ଟାଇମ ବାବଦରେ ମେଲ୍ କରାଯାଇଥିଲା ସେ ଅନୁଯାୟୀ କାମ ହୋଇନାହିଁ କି କିଛିବି ଠିକ କରାଯାଇନାହିଁ ବୋଲି ଆମେ ଭାବୁଛୁ।



**ସମୟ ପୂର୍ବରୁ ଖୋଲିଲେ, ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦେଲେ**

**ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ଦୁଇ ଠିକାଦାର**

ସେହିପରି କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁବ ଠିକାଦାର ସନ୍ତୋଷ କୁମାର ଲେଙ୍କା ଅଭିଯୋଗ କରିଛନ୍ତି ମୁଁ ପୂର୍ତ୍ତ ବିଭାଗକୁ ଲଟେରୀ ପାଇଁ ଆସିଥିଲି। ମୁଁ ଆସିବାର ଦେଢ଼ ଘଣ୍ଟା ଆଗରୁ ଲଟେରୀ ସରିଯାଇଥିଲା । ଶ୍ୟାମସୁନ୍ଦରପୁର ପାଇଁ ୯୧ ଲକ୍ଷରୁ ଅଧିକ ଟଙ୍କାର ଟେଣ୍ଡର ଭରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ମୋତେ ମେଲ୍ ଯୋଗେ ଦୁଇଟି ଟେଣ୍ଡରର ଲଟେରୀ ପାଇଁ ଯଥାକ୍ରମେ ଅପରାହ୍ନ ୧.୧୫ ଓ ୧.୩୦ ମି.ସମୟ ଦିଆଯାଇଥିବା ବେଳେ ମୁଁ ଆସି ପହଞ୍ଚିବା ବେଳକୁ ଟେଣ୍ଡରର ଲଟେରୀ କାର୍ଯ୍ୟକ୍ରମ ଶେଷ ହୋଇଯାଇଥିଲା। ମୁଁ ଏନେଇ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ ଲଟେରୀ କାର୍ଯ୍ୟ ଶେଷ ହୋଇଛି ଯାହା କରିବା କଥା କର"ବୋଲି କହିଥିବା ଅଭିଯୋଗ କରିଛନ୍ତି।

ତେବେ ଦୁଇଜଣ ଠିକାଦାର ଅଧିକ୍ଷଣ ଯନ୍ତ୍ରୀଙ୍କ ଉପରେ ଟେଣ୍ଡର ଫିକ୍ସିଂ ଅଭିଯୋଗ ଆଣିଥିବା ବେଳେ ଏହାକୁ କିନ୍ତୁ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରା ଖଣ୍ଡନ କରିଛନ୍ତି। ପ୍ରତିକ୍ରିୟା ରେ କହିଛନ୍ତି ପ୍ରଥମ ଅଧ୍ୟାୟରେ ୧୦ଟି କାମର ଲଟେରୀ ଥିଲା,ଆମର ସାଢ଼େ ୧୧ରେ ଲଟେରୀ ଟାଇମ ଥିଲା ଯେତେବେଳେ କି ଏହା ଆରମ୍ଭ ହୋଇଥିଲା। ଯେଉଁ ଯେଉଁ ବିଡ଼ର ମାନେ ଆସି ବସିଲେ ପାଖାପାଖି ୧୩-୧୪ ଜଣ ହେବେ ତାଙ୍କ ଉପସ୍ଥିତିରେ ଲଟେରୀ ହେଲା ଆମର ଭିଡ଼ିଓଗ୍ରାଫି ହୋଇଛି।

ଦୁଇ ଠିକାଦାର ଟେଣ୍ଡର ଫିକ୍ସିଂକୁ ନେଇ ଅଭିଯୋଗ ଆଣିବା ପରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଏନେଇ ପ୍ରତିକ୍ରିୟା ରଖିଛନ୍ତି। କହିଛନ୍ତି ମୁଁ ଜାଣିନି ଯେଉଁମାନେ ଅଭିଯୋଗ କରିଛନ୍ତି ସେମାନେ ଠିକାଦାର କି କଣ କିନ୍ତୁ ସେମାନେ ଯେଉଁ ଟେଣ୍ଡର ପ୍ରକ୍ରିୟାରେ ଅଭିଯୋଗ କରିଛନ୍ତି ତାହା ଉପରେ ବିଚାର କରାଯାଇ ବିଭାଗ ପକ୍ଷରୁ କଣ କରାଯାଇଛି ତାହାର ତଦନ୍ତ ହେବ। ବିଭାଗ କାମର ପ୍ରୋସିଜିଓର କଣ, କାମ ପାଇଁ କଣ ନିୟମାବଳୀ ରହିଛି ସେନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଆମ୍ବେଦକରଙ୍କ ୬୯ତମ ମହାପ୍ରୟାଣ ଦିବସ



**ପଟ୍ଟାମୁଣ୍ଡାଇ, ୬।୧୨ (ସଂଚାର ବ୍ୟୁରୋ):** ଆମ୍ବେଦକର ସ୍ମୃତି ସଂସଦ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ଼ ଭି ଆର ଆମ୍ବେଦକରଙ୍କ ୬୯ତମ ମହାପରାୟଣ ଦିବସ ପାଳିତ ହୋଇଯାଇଛି । ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀଙ୍କ ପୌରହିତ୍ୟରେ ସ୍ଥାନୀୟ ବାଇପାସ ଠାରେ ଆୟୋଜିତ ସ୍ମୃତି ସଭାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ ମୁଖ୍ୟବକ୍ତା,ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଇଂ ତପନ କୁମାର ପାତ୍ର,କାଉନସିଲର ମଳୟ ଓଝା, ଓ ସୁବାଷ ମଲିକ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ସଭା ଆରମ୍ଭରେ ବାଇପାସ ଛକ ଠାରେ ଥିବା ଆମ୍ବେଦକର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସ୍ମୃତି ସଂସଦ ସମ୍ପାଦକ ଗୋପୀବଲ୍ଲଭ ନାୟକ ସ୍ୱାଗତଭାଷଣ ସହ ବିବରଣୀ ପାଠ କରିଥିଲେ । ଦଳିତ ନେତା ଦିଲ୍ଲୀପ ମଲିକ, ପ୍ରଭାତ ମଲିକ,ଉତ୍ତମ ମଲିକ,ମଳୟ ମଲିକ ଅନିରୁଦ୍ଧ ମଲିକ,ସେକ ଜାକିର ହୁସେନ,ସେକ ମଦାନୀ,ପ୍ରଶାନ୍ତ ସ୍ୱାଇଁ ଓ ରବୀନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ଆମ୍ବେଦକରଙ୍କ ସ୍ମୃତି ଚାରଣ କରିଥିଲେ ।

# ଯୋଗାଯୋଗ ପାଇଁ ଶବ୍ଦ ଏକମାତ୍ର ମାଧ୍ୟମ ନୁହେଁ

## ସାଙ୍କେତିକ ଭାଷା ପାଇଁ ପିଏମ ଇ-ବିଦ୍ୟା ଡିଟିଏଚ ଚ୍ୟାନେଲର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

**ନୂଆଦିଲ୍ଲୀ,୬।୧୨:** ବଧିର ପିଲାଙ୍କ ଦକ୍ଷତା ପ୍ରଶିକ୍ଷଣ, ମାନସିକ ସ୍ୱାସ୍ଥ୍ୟ, ଶ୍ରେଣୀ ଭିତ୍ତିକ ପାଠ୍ୟଖସଡା ତଥା ଯୋଗାଯୋଗ ଦକ୍ଷତା କ୍ଷେତ୍ରରେ ସହାୟକ ହେବା ଲକ୍ଷ୍ୟରେ ଶୁକ୍ରବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ଭାରତୀୟ ସାଙ୍କେତିକ ଭାଷା(ଆଇଏସଏଲ) ପାଇଁ ପିଏମ ଇ-ବିଦ୍ୟା ଡିଟିଏଚ ୨୪ ଘଣ୍ଟିଆ ଚ୍ୟାନେଲ ନମ୍ବର -୩୧ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ସ୍ୱତନ୍ତ୍ର ଆବଶ୍ୟକତା କରୁଥିବା ପିଲାମାନଙ୍କ ଶିକ୍ଷାକୁ ବିଶେଷ ପ୍ରାଥମିକତା ଦେଇଛି । ଏହି ପଦକ୍ଷେପ ବହୁ ସର୍ବସ୍ପର୍ଶୀ ଓ ସମାବେଶୀ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି । ଭାରତୀୟ ସାଙ୍କେତିକ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଯୋଗାଯୋଗ ପାଇଁ ଶବ୍ଦ ଏକମାତ୍ର ମାଧ୍ୟମ ନୁହେଁ ; ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବାରେ ବିକଳ୍ପ ରୂପ ତଥା ସାଙ୍କେତିକ ଭାଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଭାରତରେ ଶ୍ରବଣହୀନ ଜନସଂଖ୍ୟାକୁ ସମର୍ଥନ କରିବା ପାଇଁ ଅଧିକରୁ ଅଧିକ ଲୋକ ଭାରତୀୟ ସାଙ୍କେତିକ ଭାଷା ଶିଖିବାର ପରିକଳ୍ପନା କରି ଏହାକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ବିକଶିତ କରିବା ଦରକାର । ଏହା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବାରେ ସହାୟକ ହେବ । ଯୋଗାଯୋଗକୁ ସୁଗମ କରିବା ପାଇଁ ଶ୍ରୀ ପ୍ରଧାନ ଶୁଭାରମ୍ଭ ହୋଇଥିବା ଚ୍ୟାନେଲ ୩୧କୁ ଏକ ସେତୁ ବୋଲି ଅଭିହିତ କରିବା ସହ ଏହାକୁ ଲୋକପ୍ରିୟ କରିବା ଏବଂ ଭାରତୀୟ ସଂକେତିକ ଭାଷା ପାଇଁ ବିଶ୍ୱର ପ୍ରବେଶ ଦ୍ୱାର ଭାବରେ ସମଗ୍ର ଭାରତରେ ଏହାର ଉପଲବ୍ଧି ସୁନିଶ୍ଚିତ କରିବାକୁ ସେ ଷ୍ଟେକହୋଲଡରମାନଙ୍କୁ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଏହି ପଦକ୍ଷେପ ସାମ୍ବିଧାନିକ ଅଧିକାର ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇଛି, ଯାହା ସମସ୍ତ ନାଗରିକଙ୍କ ପାଇଁ ଶିକ୍ଷା ଏବଂ ସମ୍ବଳର ସମାନ ଉପଲବ୍ଧତାକୁ ସୁନିଶ୍ଚିତ କରିବ । ଭାରତୀୟ ସାଙ୍କେତିକ ଭାଷା ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରିବା, ବୃହତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଭାରତକୁ ଅଧିକ ସମାବେଶୀ ଭବିଷ୍ୟତ ଆଡକୁ ନେବାର କ୍ଷମତା ରଖିଛି ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ବଧିର ପିଲାଙ୍କୁ ଏକ ଶୈକ୍ଷିକ ବାତାବରଣ ଦେବା ଲାଗି ଭାରତୀୟ ସାଙ୍କେତିକ ଭାଷାକୁ ଉନ୍ନତ କରାଯାଉଛି। ଜାତୀୟ ଶିକ୍ଷା ନୀତି ଅନୁସାରେ ଭାରତୀୟ ସାଙ୍କେତିକ ଭାଷା ବା ଆଇଏସଏଲକୁ ସାରା ଦେଶରେ ପ୍ରଚଳନ କରାଯିବ । ବଧିର ପିଲାଙ୍କ ପଢିବା ଲାଗି ବି କେନ୍ଦ୍ର ଓ ରାଜ୍ୟ ପାଠ୍ୟ ଖସଡାରେ ବିଭିନ୍ନ ଉପକରଣ ସାମିଲ କରାଯାଇଛି ।

- ପିଏମ ଇ-ବିଦ୍ୟା ଡିଟିଏଚ ୨୪ ଘଣ୍ଟିଆ ଚ୍ୟାନେଲ ନମ୍ବର -୩୧ ବଧିର ପିଲାଙ୍କ ଯୋଗାଯୋଗକୁ ସୁଗମ କରିବ
- ଜାତୀୟ ଶିକ୍ଷା ନୀତି ଅନୁସାରେ ଭାରତୀୟ ସାଙ୍କେତିକ ଭାଷାକୁ ସାରା ଦେଶରେ ପ୍ରଚଳନ କରାଯିବ




# ସମ୍ବିଧାନ ବିଷୟରେ ଅବଗତ ହେଲେ ଏହା ଅଧିକ ସମୃଦ୍ଧ ହେବ




**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ଭାରତୀୟ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ଜୀବନ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷମୟ ଥିଲା। ସେ ଜଣେ ଯୋଗଜନ୍ମା ଥିଲେ। ନିଜ ଆତ୍ମବିଶ୍ୱାସ, ତ୍ୟାଗ ଓ ନିଷ୍ଠା ସହ ମନରେ ଥିବା ସଂକଳ୍ପ, ଇଚ୍ଛାଶକ୍ତି ଯୋଗୁଁ ସେ ଏହି ଜାଗା ପର୍ଯ୍ୟନ୍ତ ପହଞ୍ଚି ପାରିଥିଲେ। ସମାଜର ତଳ ପାହାଚ ଲୋକଙ୍କୁ ସେବା କରିବା ଓ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ଆଗକୁ ଆଣିବା ପାଇଁ ବ୍ୟବସ୍ଥା ନିର୍ଦ୍ଧାରଣ କରିବାରେ ଡ.ଆମ୍ବେଦକରଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଡ.ଆମ୍ବେଦରକରଙ୍କ ମହାପ୍ରୟାଣ ଦିବସ ପାଳନ ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ସମାଜର ପଛୁଆ ବର୍ଗରୁ ଆସି ସଂଘର୍ଷ କରୁଥିବାବେଳେ କୌଣସି କାରଣରୁ ଆତ୍ମବିଶ୍ୱାସ କମିଗଲେ ଶ୍ରୀ ଆମ୍ବେଦକରଙ୍କୁ ମନେ ପକାଇବା ଉଚିତ। ଆଜି ଆମ ସମ୍ବିଧାନ ସମୃଦ୍ଧ ହୋଇଛି। ଯେତେବେଳେ ଲୋକେ ସମ୍ବିଧାନ ବିଷୟରେ ଅବଗତ ହେବେ ସେତେବେଳେ ଏହା ଆହୁରି ଅଧିକ ସମୃଦ୍ଧ ହେବ। ଏଥିପାଇଁ ନଭେମ୍ବର ୨୬ରୁ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ସମ୍ବିଧାନ ପ୍ରଣେତାଙ୍କ ଉପରେ ବିଭିନ୍ନ ଚର୍ଚ୍ଚା ହେବ। ସମ୍ବିଧାନ ଦିବସରୁ ସାଧାରଣତନ୍ତ୍ର ଦିବସ ପର୍ଯ୍ୟନ୍ତ ଏହି ୬୦ ଦିନର ଅବଧି ମଧ୍ୟରେ ତାଙ୍କ ବିଷୟରେ ଅଧିକ ଅଧ୍ୟୟନ ଓ ଗବେଷଣା ହେବ। ଏହା ଦ୍ୱାରା ସାଧାରଣ କାର୍ଯ୍ୟକର୍ତ୍ତା ଅସାଧାରଣ ବ୍ୟକ୍ତିତ୍ୱ ବନିପାରିବେ। ଡ.ବାବାସାହେବ ଆମେଦକରଙ୍କୁ ଯେତେ ଶ୍ରଦ୍ଧାଞ୍ଜଳି ଦେଲେ କମ୍ ହେବ। ସେ ଭାରତବର୍ଷରେ ଜଣେ ଆଲୋକବର୍ତ୍ତିତା ଭାବେ ସମାଜକୁ ଆଲୋକିତ କରିଥିଲେ। ସମସ୍ତଙ୍କୁ ନିଜର ଇଚ୍ଛାଶକ୍ତି ବଳରେ ପ୍ରଭାବିତ କରିପାରୁଥିଲେ।

# ସମ୍ ହସ୍ପିଟାଲ୍‌ରେ ଜଟିଳ ମସ୍ତିଷ୍କ ଅସ୍ତ୍ରୋପଚାର




**ବ୍ରହ୍ମପୁର,୬।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଶୀତଳାପଲ୍ଲୀ ସ୍ଥିତ ସମ୍ ହସ୍ପିଟାଲ୍‌ରେ ଆରମ୍ଭ କରାଯାଇଛି ହାଇ-ଗ୍ରେଡ୍ ଗ୍ଲିଓମା ଅସ୍ତ୍ରୋପଚାର। ମସ୍ତିଷ୍କରେ ସୃଷ୍ଟି ହେଉଥିବା କିଛି ଉଗ୍ର ଟ୍ୟୁମରକୁ ହାଇ-ଗ୍ରେଡ ଗ୍ଲିଓମା କୁହାଯାଏ ଯାହାର ଚିକିତ୍ସା ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ କରାଯାଏ। ସେହି ଚିକିତ୍ସା ପ୍ରକ୍ରିୟା ଏବେ ଶୀତଳାପଲ୍ଲୀ ସ୍ଥିତ ସମ୍ ହସ୍ପିଟାଲ୍‌ରେ ଉପଲବ୍ଧ ବୋଲି ହସ୍ପିଟାଲ୍‌ର ନିର୍ଦ୍ଦେଶକ ଶ୍ରୀ ଦେବପ୍ରସାଦ ଦାଶ କହିଛନ୍ତି। ବିଶେଷଜ୍ଞ ଡାକ୍ତର ତଥା ନ୍ୟୁରୋ ସର୍ଜନ୍ ଡାକ୍ତର ପରେଶ ଗୌଡ ଏହି ଅସ୍ତ୍ରୋପଚାର କରୁଥିବା ବେଳେ ଏହି ପଦ୍ଧତି ଦ୍ୱାରା ଅତ୍ୟାଧୁନିକ ସ୍ନାୟୁ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲ୍‌ର ଖ୍ୟାତି ବଢୁଛି ବୋଲି ସେ କହିଛନ୍ତି। ଆମେ ଦକ୍ଷିଣ ଓଡ଼ିଶାର ଏହି ହସ୍ପିଟାଲ୍‌ରେ ବିଶ୍ୱସ୍ତରୀୟ ସ୍ନାୟୁ ଶଲ୍ୟ ଚିକିତ୍ସା ପ୍ରଦାନ କରିବା ନେଇ ବଦ୍ଧପରିକର ଥିବା ବେଳେ ଲୋକମାନଙ୍କୁ ଏହା ଦ୍ୱାରା ଆଉ ଚିକିତ୍ସା ପାଇଁ ଦୂର ସ୍ଥାନକୁ ଯିବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ଅତ୍ୟାଧୁନିକ ଇମେଜିଂ ସିଷ୍ଟମ୍, ଅସ୍ତ୍ରୋପଚାର କକ୍ଷ ଏବଂ ଡାକ୍ତର ଗୌଡ଼ଙ୍କ ନେତୃତ୍ୱରେ ନିପୁଣ ସ୍ନାୟୁଶଲ୍ୟ ଟିମ୍ ମାଧ୍ୟମରେ ସ୍ନାୟୁ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲ୍ ଆଗକୁ ଆହୁରି ଉନ୍ନତି କରିବ ବୋଲି ସେ କହିଛନ୍ତି। ଏହି ଡାକ୍ତରଖାନାରେ ଅତ୍ୟାଧୁନିକ ଚିକିତ୍ସା ସହ ସମ୍ବେଦନଶୀଳ ସେବା ଚିକିତ୍ସା କ୍ଷେତ୍ରରେ ଏକ ଭିନ୍ନତା ସୃଷ୍ଟି କରୁଛି ବୋଲି ଶ୍ରୀ ଦାଶ କହିଛନ୍ତି।




ନୂଆଦିଲ୍ଲୀର କନିଷ୍ଟିଟ୍ୟୁସନ କ୍ଲବ ଠାରେ ଆମ୍ବେଦକର ଇଣ୍ଟରନାସନାଲ ସେଣ୍ଟର ପକ୍ଷରୁ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସମାଜସେବା ପାଇଁ ଓଡିଶାର ୱମେନ ଅର୍ଗାନାଇଜେସନ ଫର ସୋସିଆଲ ୱେଲଫାରର ସମ୍ପାଦିକା ଜ୍ୟୋସ୍ନା ଦାସଙ୍କୁ ଭାରତୀୟ ସେବା ରତ୍ନ ସମ୍ମାନ ପ୍ରଦାନ

# ଭାରତକୁ ଜାଣିବା କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ଗଣମାଧ୍ୟମ ପ୍ରତିନିଧିଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ୭୯ ତମ "ଭାରତକୁ ଜାଣିବା କାର୍ଯ୍ୟକ୍ରମ'(କେଆଇପି)ରେ ୨ଦିନିଆ ଓଡ଼ିଶା ପରିଭ୍ରମଣରେ ଆସିଥିବା ବିଭିନ୍ନ ଦେଶର ୨୭ ଜଣ ଗଣମାଧ୍ୟମ ପ୍ରତିନିଧିଦଳ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ସହିତ ଆଜି ଏକ ବୈଠକରେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ଗୃହ(ସ୍ୱରାଷ୍ଟ୍ର ) ବିଭାଗ ସଂଯୋଜନାରେ ଆସିଥିବା ଏହି ପ୍ରତିନିଧି ଦଳଙ୍କୁ ବୈଠକରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ସଂପର୍କରେ ସବିଶେଷ ଅବଗତ କରାଯାଇଥିଲା। ଅନୁଷ୍ଠିତ ବୈଠକରେ ବିକଶିତ ଭାରତର ସଂକଳ୍ପନାରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ ସଂପର୍କରେ ଆଲୋଚନା କରାଯାଇଥିଲା। ଅନୁଷ୍ଠିତ ଏହି ସାମ୍ବାଦିକ ପ୍ରତିନିଧିମାନଙ୍କ ମଧ୍ୟରେ ପିଜି, ଇଣ୍ଡୋନେସିଆ, ଇସ୍ରାଏଲ୍, କେନିଆ, ମାଲେସିଆ, ମରିସସ, ନିଉଜିଲାଣ୍ଡ, ସିଙ୍ଗାପୁର, ଶ୍ରୀଲଙ୍କା, ସୁରିନେମ, ତ୍ରିନିଦାଦ ଓ ଟବାଗୋ ଓ ଆଦି ରାଷ୍ଟ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଅବସ୍ଥାପିତ ଏବଂ ନ୍ୟୁଜ ଏଜେନ୍ସି ପାଇଁ କାର୍ଯ୍ୟ କରୁଥିବା ବୈଦ୍ୟୁତିକ ଓ ମୁଦ୍ରଣ ଗଣମାଧ୍ୟମ ପ୍ରତିନିଧିମାନେ ରହିଛନ୍ତି। ଆଗାମୀ ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଭୁବନେଶ୍ୱରରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବାକୁ ଥିବାରୁ ବିଭିନ୍ନ ଦେଶର ଗଣମାଧ୍ୟମ ପ୍ରତିନିଧିଙ୍କର କେଆଇପି କାର୍ଯ୍ୟକ୍ରମ ଅଧିନରେ ଓଡ଼ିଶା ଭ୍ରମଣ ଗୁରୁତ୍ୱ ବହନ କରୁଛି।



# କିଟ୍‌ରେ କେ-ଆଇ-୩ ଫେଷ୍ଟ ଉଦ୍‌ଘାଟିତ



**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ପରିକଳ୍ପନା, ସର୍ଜନା ଓ ପ୍ରଭାବ (ଆଇଡିଆ, ଇନୋଭେସନ୍, ଇମ୍ପାକ୍ଟ)କୁ ନେଇ କିଟ୍ ବିଶ୍ୱବିଦ୍ୟାଳୟରେ କେ-ଆଇ୩ ଫେଷ୍ଟ ଉଦ୍‌ଘାଟିତ ହୋଇଯାଇଛି। କେ-ଆଇ୩ ଫେଷ୍ଟ ପ୍ରଥମ ସଂସ୍କରଣର ବିଷୟ ବସ୍ତୁ ରହିଛି ଫ୍ରଣ୍ଟିଅର ଟେକ୍ନୋଲୋଜି ଫର ବିକଶିତ ଭାରତ-୨୦୪୭ । କିଟ୍ ଡିନ୍ ଗୋଲ୍ଡ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓପିଏସ୍‌ସିର ପ୍ରାକ୍ତନ ଅଧ୍ୟକ୍ଷ ବ୍ରିଗେଡିୟର ଡ. ଲକ୍ଷ୍ମୀ ଚରଣ ପଟ୍ଟନାୟକ ଯୋଗଦେଇ ପରିକଳ୍ପନା, ସର୍ଜନା ଓ ଏଗୁଡ଼ିକର ପ୍ରଭାବ ଉପରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ସେ କହିଲେ ବିଶ୍ୱର ପ୍ରାୟ ଅଧିକାଂଶ ସର୍ଜନା ଓ ଆବିଷ୍କାର ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରୁ ହିଁ ଆରମ୍ଭ ହୋଇଛି। ୩ଡି ପ୍ରିଣ୍ଟିଂଠାରୁ ଆରମ୍ଭ କରି ବ୍ଲକ୍‌ଚେନ୍ ଟେକ୍ନୋଲୋଜି ପର୍ଯ୍ୟନ୍ତ ବିଭିନ୍ନ ସର୍ଜନା ବିଶ୍ୱବିଦ୍ୟାଳୟସ୍ତରରୁ ଆରମ୍ଭ ହୋଇଛି। ଏବେ ଆତ୍ମନିର୍ଭର ଭାରତ ପ୍ରୟାସ ଅଧିନରେ ବିଭିନ୍ନ ପ୍ରତିରକ୍ଷା ଉତ୍ପାଦ ତିଆରି କରାଯାଉଛି। ଏଭଳି ଉଦ୍ୟୋଗ କରି ବହୁ ଯୁବକ ଉଦ୍ୟୋଗପତି ହୋଇପାରିଛନ୍ତି ବୋଲି ସେ କହିଥିଲେ। କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇ କହିଲେ, କେବଳ କୌଣସି ପରିକଳ୍ପନାକୁ ନିଜ ମନ ମଧ୍ୟରେ ଆଣିଲେ ହେବ ନାହିଁ। ଏହାକୁ କାର୍ଯ୍ୟକାରୀ କରିବା ସହ ଏହା ପ୍ରଭାବ କଣ ରହିବ ତା ଉପରେ ମଧ୍ୟ ଚିନ୍ତା କରିବା ଉଚିତ। ନିଜ ପରିକଳ୍ପନା ଓ ସର୍ଜନାର ଯଦି କୌଣସି ପ୍ରଭାବ ନ ରହିଲା ତେବେ ତାହା ଫଳପ୍ରଦ ହୋଇ ନ ଥାଏ। ନିଜ ସର୍ଜନାକୁ ଆଗକୁ ନେଇଯିବା ପାଇଁ କିଟ୍ ହେଉଛି ପ୍ରକୃଷ୍ଟ କ୍ଷେତ୍ର ବୋଲି ଶ୍ରୀ ସାମନ୍ତ କହିଥିଲେ ।

# ଡେପୁଟେସନ ନାଁରେ ମନମାନି

**ଭୁବନେଶ୍ୱର,୬।୧୨ (ସଂଚାର ବ୍ୟୁରୋ):** ଡେପୁଟେସନରେ ଆସିଥିବା ମହିଳା କୋଚ୍‌ଙ୍କୁ କାହିଁକି ଦିଆଯାଉନି ନିଯୁକ୍ତି ? ଓଡ଼ିଶାରେ ଅଛନ୍ତି ମାତ୍ର ୨ ମହିଳା କୋଚ୍, କେମିତି ଉନ୍ନତ ପ୍ରଶିକ୍ଷଣ ପାଇବେ କ୍ରୀଡ଼ାବିତ ? ବିଭାଗର ମନମାନି ପାଇଁ ପ୍ରଶ୍ନ ଉଠାଇଲେଣି ଖେଳାଳି। ଦାବି ଉଠିଲାଣି କୋଚ୍ ନିଯୁକ୍ତି ପୂର୍ବରୁ କିଛି ସର୍ତ୍ତ ରଖାଯାଉ। ସମସ୍ତେ ନିଯୁକ୍ତି ପୂର୍ବରୁ ସେହି ସର୍ତ୍ତ ଅନୁସାରେ କାର୍ଯ୍ୟ କରିବେ। ଫଳରେ ମହିଳା କୋଚ ଅଭାବ ଦୂର ହେବ। ରାଜ୍ୟରେ କ୍ରୀଡ଼ାକୁ ବେଶ ଅଧିକ ଗୁରୁତ୍ୱ ଦିଆଯାଉଛି। ଖାସ କରି ମହିଳା ଖେଳାଳିମାନଙ୍କୁ ମଧ୍ୟ ସରକାର ଅନେକ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ କ୍ରୀଡ଼ା ବିଭାଗର କିଛି ଅଧିକାରୀଙ୍କ ପାଇଁ ଆଜି କ୍ରୀଡ଼ା ବ୍ୟବସ୍ଥା ମାଟିକାମୁଡିବାକୁ ବସିଲାଣି। ଗୋଟିଏ ପଟେ ରାଜ୍ୟରେ ମହିଳା କୋଚ ଅଭାବ ଅନ୍ୟପଟେ ବର୍ଷ ବର୍ଷ ଧରି ଭୁବନେଶ୍ୱର ହଷ୍ଟେଲରେ ଗାଦିମାଡ଼ି ବସିଛନ୍ତି ଜଣେ ମହିଳା କୋଚ। ନିୟମ ରହିଛି ୩ ବର୍ଷରେ ଥରେ କୋଚ୍‌ଙ୍କୁ ବଦଳି କରାଯିବା କଥା। କିନ୍ତୁ ମ୍ୟାଡାମ ଜଣକ ଏଠି ୧୨ ରୁ ୧୩ ବର୍ଷ ହେଲା ଅଛନ୍ତି। କିନ୍ତୁ ଏହା କେମିତି ସମ୍ଭବ। କାହା ସୁପାରିସ ନା କାହାର ଚାପ ଫଳରେ ସେ ଏଠାରେ ଦିର୍ଘ ବର୍ଷ ହେଲା ରହିଛନ୍ତି ? କୁହାଯାଉଛି କେହି ଜଣେ ପଣ୍ଡା ବାବୁ ତାଙ୍କୁ ସୁରକ୍ଷା ଦେଉଛନ୍ତି, ଯାହାଙ୍କ ପାଇଁ ସେ ବିନା ଟେନ୍‌ସନ୍‌ରେ ଏଠାରେ କାର୍ଯ୍ୟରତ। ସେପଟେ ସୁନ୍ଦରଗଡ଼ରେ ମହିଳା ସ୍ପୋର୍ଟସ ହଷ୍ଟେଲରେ ନାହାନ୍ତି ମହିଳା କୋଚ୍। ସେଠାରେ ଜଣେ ପୁରୁଷ କୋଚ୍‌ଙ୍କୁ ନିଯୁକ୍ତି ମିଳିଛି। ଫଳରେ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି। କାରଣ ମହିଳା ଖେଳାଳିମାନଙ୍କର ଅନେକ ସମୟରେ ଅଭ୍ୟାସ ବେଳେ ନାନା ଶାରୀରିକ ସମସ୍ୟା ଉପୁଜି ଥାଏ ଯାହାକୁ ଜଣେ ମାହିଳା କୋଚ ହିଁ ବୁଝି ଥାନ୍ତି। କିନ୍ତୁ ଭୁବନେଶ୍ୱରରେ ଏହି ମହିଳା କୋଚ୍ ଜଣକ ଦୀର୍ଘ ଦିନ ହେବ ଥିଲେ ମଧ୍ୟ କାହିଁକି ତାଙ୍କୁ ସୁନ୍ଦରଗଡ଼କୁ ନ ପଠାଯାଇ ଏଠାରେ ରଖାଯାଇଛି ବୋଲି ବୁଦ୍ଧିଜୀବି ମାନେ ପ୍ରଶ୍ନ କଲେଣି। କ୍ରୀଡା ବିଭାଗରେ ଏଭଳି ମନମାନୀ କାର୍ଯ୍ୟକୁ ମଧ୍ୟ ବେସ ନିନ୍ଦା କଲେଣି କ୍ରୀଡାବିତ୍ ମାନେ। ଯେଉଁ ଦୀଗ ଉପରେ ଆମେ ଗୁରୁତ୍ୱ ଦେଉଛୁ ତାହା ହେଲା କ୍ରୀଡା ବିଭାଗରେ ଅଦୃଶ୍ୟ ଚାପ। ସମସ୍ତେ ଚାହାନ୍ତି ଭୁବନେଶ୍ୱର ଭଳି ଏକ ସହରରେ ରହି ଚାକିରୀ କରିବା ପାଇଁ କିନ୍ତୁ ତା ଅର୍ଥ ନୁହେଁ ବର୍ଷ ବର୍ଷ ଧରି ଜଣକୁ ସେହି ଯାଗାରେ ରଖାଯିବ ଓ ଅନ୍ୟ ଜିଲ୍ଲାରେ ଖେଳାଳି ମାନେ ଉପଯୁକ୍ତ ତାଲିମ ପାଇବାରୁ ବଞ୍ଚିତ ହେଉଥିବେ। ଯେଉଁ ମାନେ ଡେପୁଟେସନରେ ଆସୁଛନ୍ତି ସେମାନକରୁଛନ୍ତି କଣ ? କେବଳ ଡେପୁଟେସନ ବାହାନାରେ ନିଜର ମନମାନୀ ଚଳାଉଛନ୍ତି ମହିଳା କୋଚ ମାନେ। ତେଣୁ ଦାବୀ ଉଠିଛି ଯେଉଁ କୋଚ ମାନଙ୍କୁ ନିଯୁକ୍ତି ଦିଆଯାଉଛି ସେମାନଙ୍କ ସହ ନିଯୁକ୍ତି ପୂର୍ବରୁ ଏକ ଚୁକ୍ତି ହେବା ଆବଶ୍ୟକ। ଯେଉଁ ଚୁକ୍ତିରେ ପୋଷ୍ଟିଂ ସହ କିଛି ନିର୍ଦ୍ଦିଷ୍ଟ ନିୟମାବଳୀକୁ ସ୍ଥାନିତ କରାଯିବ। ନିଯୁକ୍ତି ସମୟରେ ଏହି ଚୁକ୍ତିନାମା ଅନୁଶାରେ ନିୟମ ମାନି କାର୍ଯ୍ୟ କରିବାକୁ ହେବ। ଫଳରେ ଖେଳାଳି ମାନଙ୍କ ପାଇଁ ଏହା ଏକ ଭଲ ପଦକ୍ଷପ ହେବା ସହିତ ରାଜ୍ୟରେ ଖେଳ ଓ ଖେଳାଳିଙ୍କୁ ଉଚିତ ନ୍ୟାୟ ମିଳି ପାରିବ ବୋଲି ଆଶା କରାଯାଉଛି। କ୍ରୀଡା ବିଭାଗ ଓ ସରକାର ଏବେ ଏଥିପ୍ରତି ଧ୍ୟାନ ଦେବା ସହିତ ତୁରନ୍ତ ଏହି ସମସ୍ୟାର ସମାଧାନ କରି ଭୁବନେଶ୍ୱରରେ ଦୀର୍ଘ ବର୍ଷ ହେଲା ଗାଦି ମାଡି ବସିଥିବା ମହିଳା କୋଚଙ୍କୁ ସୁନ୍ଦରଗଡ଼କୁ ବଦଳି କରିବାକୁ ବିଭିନ୍ନ ମହଲରୁ ଅନୁରୋଧ କରାଯାଇଛି। ଦେଖିବାକୁ ବାକି ରହିଲା କେବେ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବିଭାଗ ?

- କେବଳ ଗାଦି ମାଡ଼ିବସିବା ଲକ୍ଷ୍ୟ
- ହତାସ ମହିଳା ଖେଳାଳି

## କଟକ ରେଳ ଷ୍ଟେସନ୍‌ରେ ବିମାନ ବନ୍ଦରର ଭ୍ରମ

# ଶିଖରପୁର ପଟେ ଖୋଲିବ ଅତ୍ୟାଧୁନିକ ଗେଟ୍




**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** କଟକ ରେଳଷ୍ଟେସନ ପ୍ଲାଟଫର୍ମ ସିଧାସଳଖ ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ହେବାକୁ ଯାଉଛି। ଷ୍ଟେସନର ପଛପଟ ଅର୍ଥାତ ଶିଖରପୁର ପଟେ ଶୀତତାପ ନିୟନ୍ତ୍ରିତ ତୃତୀୟ ଗେଟ୍ ଅତ୍ୟାଧୁନିକ ଢଙ୍ଗରେ ଖୋଲିବାକୁ ଯାଉଛି। ଫଳରେ କଟକ ବାହାରୁ ଆସୁଥିବା ରେଳଯାତ୍ରୀଙ୍କୁ ଅଯଥାରେ ସହର ଭିତରେ ପଶିବାକୁ ପଡ଼ିବ ନାହିଁ। ବିମାନ ବନ୍ଦରର ଭ୍ରମ ସୃଷ୍ଟି କରୁଥିବା ଏହି ଗେଟ୍ ସିଧାସଳଖ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ତାଲିକାରେ ପ୍ରଥମ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦାୟିତ୍ୱ ଗ୍ରହଣ ପରେ କଟକରେ ପ୍ରଥମ ପ୍ରକଳ୍ପ ଭାବେ ରେଳଷ୍ଟେସନର ଚାରି ନମ୍ବର ଗେଟ୍‌ରୁ ସିଧାସଳଖ ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ପାଇଁ ଏକ ରାସ୍ତା ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୧ରୁ ଏହି ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ପାଖାପାଖି ୧୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି ନୂଆ ଷ୍ଟେସନର ତଳ ମହଲାରେ ଶୀତତାପ ନିୟନ୍ତ୍ରିତ ପ୍ରତୀକ୍ଷାଳୟ ରହିଛି। ଏଥିରେ ପାଖାପାଖି ୫୦୦ ଯାତ୍ରୀ ବସିବାର ବ୍ୟବସ୍ଥା ରହିଛି। ଗୋଟିଏ ଲିଫ୍ଟ, ସିଡ଼ି ଗୋଟିଏ, ଏସ୍କାଲେଟର୍ ଦୁଇଟି ରହିଛି। ସାଧାରଣ ଯାତ୍ରୀଙ୍କ ପାଇଁ ୫ଟି ଟିକଟ କାଉଣ୍ଟର ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଗୋଟିଏ କାଉଣ୍ଟର ରହିଛି। ଦିବ୍ୟାଙ୍ଗଙ୍କ ପାଇଁ ଗୋଟିଏ ଶୌଚାଳୟ ଓ ସାଧାରଣ ଯାତ୍ରୀଙ୍କ ପାଇଁ ଚାରିଟି ଶୌଚାଳୟ ରହିଛି।

# ପାରିବାରିକ କଳହର ଉଗ୍ର ରୂପ; ବୋହୂ ପରେ ଚାଲିଗଲା ପୁଅ



**କଟକ,୬।୧୨(ସଂଚାର ବ୍ୟୁରୋ):** ପୁଅ ଓ ବୋହୂଙ୍କୁ ପେଟ୍ରୋଲ ଢାଳି ବାପା ପୋଡ଼ି ମାରିଦେବା ଘଟଣା। ଏସସିବି ରେ ଚିକିତ୍ସାଧୀନ ଅବସ୍ଥାରେ ପୁଅ ଦୀନବନ୍ଧୁ ରାଉତଙ୍କ ମୃତ୍ୟୁ ହୋଇଛି। ବାରଙ୍ଗ ଥାନା ବାରସିଙ୍ଗା ଗାଁରେ ଘଟିଥିଲା ଜଘନ୍ୟ କାଣ୍ଡ। ପୁଅ ଟଙ୍କା ନ ଦେବାରୁ ପୁଅ ଓ ବୋହୂଙ୍କୁ ପେଟ୍ରୋଲ ଢାଳି ପୋଡ଼ି ଦେଇଥିଲା ନୃଶଂସ ବାପା। ଗତ ରବିବାର ଚିକିତ୍ସାଧୀନ ଅବସ୍ଥାରେ ବୋହୂର ମୃତ୍ୟୁ ହୋଇଥିଲା। ଶନିବାର ଅଭିଯୁକ୍ତ ବାପା ଗୋବର୍ଦ୍ଧନ ନିଜ ପୁଅ ଦୀନବନ୍ଧୁଙ୍କୁ ଟଙ୍କା ମାଗିଥିଲେ। ହେଲେ ଦୀନବନ୍ଧୁ ଟଙ୍କା ଦେବାକୁ ମନା କରି ଦେବାରୁ ଏଥିରେ ଗୋବର୍ଦ୍ଧନ ଉତ୍କ୍ଷିପ୍ତ ହୋଇ ଘରୁ କିରୋସିନ ଆଣି ଦୀନବନ୍ଧୁଙ୍କ ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ। ଦୀନବନ୍ଧୁ ଜଳୁଥିବା ଦେଖି ତାଙ୍କ ସ୍ତ୍ରୀ ଦୌଡ଼ି ଆସି ସ୍ୱାମୀକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ସେ ମଧ୍ୟ ଜଳି ଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଦୀନବନ୍ଧୁଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଆଜି ଭୋରରୁ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଛି।

# ବିରଳ ଜନଜାତି - ଘୋଷଣା ହୋଇନାହାନ୍ତି



**ଭୁବନେଶ୍ୱର,୬।୧୨:** ଓଡ଼ିଶା ସରକାର ରାଜ୍ୟରେ ବସବାସ କରୁଥିବା କୌଣସି ଜନଜାତିଙ୍କୁ 'ବିରଳ ଜନଜାତି' ବର୍ଗ ରୂପେ ଘୋଷଣା କରିନାହାନ୍ତି। ବର୍ତ୍ତମାନ ରାଜ୍ୟରେ ୬୪ଟି ଜନଜାତିର ଲୋକେ ବାସ କରୁଛନ୍ତି ଏବଂ ସେଥି ମଧ୍ୟରୁ ୧୩ଟି ବର୍ଗର ଜନଜାତିଙ୍କୁ ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ଭାବେ ଘୋଷଣା କରାଯାଇଛି। ବିଜେଡି ବିଧାୟକ ବଦ୍ରୀ ନାରାୟଣ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ତଥା ପଛୁଆବର୍ଗ ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ନୂତନ ଭାବେ ୧୧୩୮ଟି ପିଭିଟିଜି ଗ୍ରାମ ବା ପଡ଼ା ରହିଥିବାବେଳେ ୫୪୧ଟି ପୁରୁଣା ଗ୍ରାମ ବା ପଡ଼ା ରହିଛି। ନୂତନ ଗ୍ରାମ ବା ପଡ଼ାରେ ଏକ ଲକ୍ଷ ୬୦ ହଜାରର ଅଧିକ ପିଭିଟିଜି ବସବାସ କରୁଥିବାବେଳେ ପୁରୁଣା ପଡ଼ା ବା ଗ୍ରାମରେ ଏମାନଙ୍କ ସଂଖ୍ୟା ୨ଲକ୍ଷ ୯୪ ହଜାରରୁ ଅଧିକ ରହିଛି। ପିଭିଟିଜି ତାଲିକାରେ ଥିବା ଜନଜାତିମାନଙ୍କ ମଧ୍ୟରେ ପାଉଡି ଭୂୟାଁ, ଜୁଆଙ୍ଗ, ଲାଞ୍ଜିଆ ସଉରା, ସଉରା, ବିରହୋର, କୁଟିଆ କନ୍ଧ, ବଣ୍ଡା, ଲୋଧା, ମାଙ୍କଡିଆ, ଚୁକଟିଆ ଭୁଞ୍ଜିଆ, ଡୋଙ୍ଗରିଆ କନ୍ଧ ଆଦି ରହିଛନ୍ତି। ଏମାନେ ମୁଖ୍ୟତଃ ଅନୁଗୁଳ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମାଲକାନଗିରି, ମୟୁରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ବସବାସ କରୁଛନ୍ତି। ଏମାନେ ପ୍ରାୟ ୩୮ଟି ବ୍ଲକର ୨୩୧ଟି ପଞ୍ଚାୟତରେ ବସବାସ କରୁଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଆଦିମ ଆଦିବାସୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା 'ଡେଭଲପମେଣ୍ଟ ପିଭିଟିଜି' ନାମକ ଏମ ଶତ ପ୍ରତିଶତ କେନ୍ଦ୍ରୀୟ ଯୋଜନା ଏହି ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ପିଭିଟିଜିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ଅନୁଭବ କରି ତାହାର ସମାଧାନ କରିବା ଏବଂ ଦାରିଦ୍ର୍ୟ ଦୂରୀକରଣ, ସାକ୍ଷରତା ସ୍ତର ବଅଢ଼ି ଏବଂ ଉନ୍ନତ ସ୍ୱାସ୍ଥ୍ୟ ସ୍ଥିତି ସୁନିଶ୍ଚିତ କରିବାପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି। (ତଥ୍ୟ)

# ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ



**ଭୁବନେଶ୍ୱର,୬।୧୨ (ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ଉଦ୍‌ଘାଟନୀ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପୁସ୍ତକ ମେଳା ଆସନ୍ତା ଡିସେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜିର ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ବାଲେଶ୍ୱର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ, ଖଣ୍ଡପଡ଼ା ବିଧାୟକ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଶିଷ୍ଟ ସାହିତ୍ୟିକ ଶ୍ରୀ ଶାନ୍ତନୁ ଆଚାର୍ଯ୍ୟ, ମୁମ୍ବାଇ ଓଡ଼ିଆ ମହାସଂଘର ସଭାପତି ଡ଼. ବିପିନ୍ ମିଶ୍ର ଆଦି ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବପ୍ରଥମେ ସମସ୍ତ ଅତିଥିମାନେ ପୁସ୍ତକମେଳାରେ ପଡ଼ିଥିବା ବିଭିନ୍ନ ଷ୍ଟଲ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା ତିନୋଟି ପାଭିଲିୟନ ବୁଲି ଦେଖିଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ କରାଯାଇ ଅନୁଷ୍ଠାନିକ ଭାବରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆଜିର ଉଦ୍‌ଘାଟନୀ ସମାରୋହରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ ଯେ, ପୁସ୍ତକ ହେଉଛି ଆମ ସମାଜ ପାଇଁ ଏକ ଦର୍ପଣ। ଜଣେ ଲେଖକ ନିଜର ଲେଖନୀ ଚାଳନା କରି ଯେଉଁ ପୁସ୍ତକଟିଏ ରଚନା କରିଥାଏ ତାହା ଆମକୁ ଆମ ସମାଜର ବାସ୍ତବିକତା ସହ ପରିଚିତ କରାଇଥାଏ ଏବଂ ଆମକୁ ଦିଗଦର୍ଶନ ମଧ୍ୟ ପ୍ରଦାନ କରିଥାଏ। ତେଣୁ ଆମେ ସମସ୍ତେ ଓ ବିଶେଷ ଭାବେ ଯୁବପିଢ଼ିମାନେ ପୁସ୍ତକ ପଠନ ମାଧ୍ୟମରେ ସମାଜର ବାସ୍ତବିକତା ସମ୍ବନ୍ଧରେ ଅବଗତ ହୋଇ ଏକ ବିକଶିତ ସମାଜ ଏବଂ ଏକ ବିକଶିତ ରାଜ୍ୟ ଓ ଦେଶ ଗଠନରେ ନିଜର ଯୋଗଦାନ ଦେବା ଉଚିତ ବୋଲି ଶ୍ରୀ ସିଂ ମତପ୍ରକାଶ କରିଥିଲେ।

# ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ମହାପରିନିର୍ବାଣ ଦିବସ



**ଖୋର୍ଦ୍ଧା,୬।୧୨(ସଂଚାର ବ୍ୟୁରୋ):** ଭାରତ ରତ୍ନ ବାବା ସାହେବ ଭିମ ରାଓ ଆମ୍ବେଦକରଙ୍କର ମୃତ୍ୟୁ ବାର୍ଷିକୀ ଅବସରରେ, ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ମଣ୍ଡଳ କାର୍ଯ୍ୟାଳୟ ରେ, 'ମହାପରିନିର୍ବାଣ' ଦିବସ ପାଳନ କରାଯାଇଛି। ଏହି ଅବସର ରେ, ଶ୍ରୀ ଏଚ୍.ଏସ୍. ବାଜୱା, ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ସମସ୍ତ ବିଭାଗୀୟ ଅଧିକାରୀ ଏବଂ ରେଳ କର୍ମଚାରୀ ମାନେ ବାବା ସାହେବ ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମହାପରିନିର୍ବାଣ ଦିବସ ହେଉଛି "ଭାରତୀୟ ସମ୍ବିଧାନର ପିତା" ଡକ୍ଟର ବି.ଆର୍ ଆମ୍ବେଦକରଙ୍କୁ ସ୍ମରଣ କରିବାର ଦିନ, ଯିଏ ଦେଶର ଅନ୍ୟତମ ସମାଜ ସଂସ୍କାରକ ଥିଲେ।

# ଉତ୍ତରପୂର୍ବ ଦେଶର ଅଷ୍ଟଲକ୍ଷ୍ମୀ

## ଅଷ୍ଟଲକ୍ଷ୍ମୀ ମହୋତ୍ସବକୁ ଉଦଘାଟନ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୬।୧୨:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅଷ୍ଟଲକ୍ଷ୍ମୀ ମହୋତ୍ସବକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ କରି ଶ୍ରୀ ମୋଦୀ କହିଥିଲେ ଯେ ଏହା ବାବା ସାହେବ ଡ. ବି ଆର ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ। ବାବାସାହେବ ଆମ୍ବେଦକରଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନକୁ ୭୫ ବର୍ଷ ପୂରିଛି, ଏହା ସମସ୍ତ ନାଗରିକଙ୍କ ପାଇଁ ଏକ ବଡ଼ ପ୍ରେରଣା ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ ଭାରତର ସମସ୍ତ ନାଗରିକଙ୍କ ତରଫରୁ ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜି-୨୦ ବୈଠକର ସଫଳ ଆୟୋଜନ ସମେତ ଗତ ୨ ବର୍ଷ ମଧ୍ୟରେ ଭାରତ ମଣ୍ଡପମ୍ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମର ସାକ୍ଷୀ ହୋଇଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ ଯେ ଆଜିର କାର୍ଯ୍ୟକ୍ରମ ଆହୁରି ସ୍ୱତନ୍ତ୍ର। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ସମଗ୍ର ଦିଲ୍ଲୀକୁ ଉତ୍ତର-ପୂର୍ବ ଭାରତର ବିଭିନ୍ନ ରଙ୍ଗରେ ଆକର୍ଷଣୀୟ କରିଛି।

# ପଶ୍ଚିମ ଭାରତରେ ପଦ୍ମ

ଉତ୍ତର ପ୍ରଦେଶ ପରେ ରାଜନୈତିକ ଦୃଷ୍ଟିରୁ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ହେଲା ମହାରାଷ୍ଟ୍ର। ଲୋକସଭାକୁ ଏହି ରାଜ୍ୟ ୪୮ ଜଣ ସଭ୍ୟ ପ୍ରତିନିଧି ପଠାଏ। କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ, ଅନ୍ୟ ଦୃଷ୍ଟିରୁ ମଧ୍ୟ ମହାରାଷ୍ଟ୍ରର ରାଜନୈତିକ ଗୁରୁତ୍ୱ ଢେର ଅଧିକ। ମୁମ୍ବାଇ ହେଉଛି ଦେଶର ଅର୍ଥନୈତିକ ରାଜଧାନୀ। ଶିଳ୍ପ ଓ କୃଷି ଉତ୍ପାଦନରେ ମହାରାଷ୍ଟ୍ର ସମୃଦ୍ଧ। ଦେଶର ବିଭିନ୍ନ ରାଜ୍ୟରୁ ଅନେକ ବ୍ୟକ୍ତି ଏଠାକୁ ଧାଇଁ ଆସନ୍ତି କର୍ମ ନିଯୁକ୍ତି ପାଇଁ। ତେଣୁ ମହାରାଷ୍ଟ୍ର ଭାରତୀୟ ରାଜନୀତିର ଏକ ପ୍ରାଣକେନ୍ଦ୍ର କହିଲେ ଭୁଲ ହେବନି। ଏଠାରେ ବିଜେପି ସରକାର ଗଠନ କରିବା ଏକ ମହତ୍ୱପୂର୍ଣ୍ଣ ସଫଳତା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦ ବିଜେପି ଅକ୍ତିଆର କରିବା ଦଳ ପାଇଁ ଏକ ବଡ଼ ସଫଳତା। ରାଜ୍ୟ ମୁଖ୍ୟମନ୍ତ୍ରୀ ଭାବେ ଦେବେନ୍ଦ୍ର ଫଡ଼ନାବିସ ଶପଥ ଗ୍ରହଣ କରିଛନ୍ତି। ଏହା ସହିତ ସମଗ୍ର ପଶ୍ଚିମ ଭାରତକୁ ବିଜେପି ନିଜ କବଜାକୁ ନେବାରେ ସଫଳ ହୋଇଛି। ମହାରାଷ୍ଟ୍ର ସହିତ ଗୁଜରାଟ, ରାଜସ୍ଥାନ, ଗୋଆ, ସବୁ ରାଜ୍ୟରେ ବିଜେପି ମୁଖ୍ୟମନ୍ତ୍ରୀ। ଦଳର ତୃତୀୟ ପିଢ଼ିର ନେତାଙ୍କ ମଧ୍ୟରେ ଫଡ଼ନାବିସ ସର୍ବାଗ୍ରେ ରହିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ୧୨ ଦିନ ପରେ ରାଜ୍ୟରେ ବିଜେପି ନେତୃତ୍ୱାଧିନ ମହାଯୁତି ସରକାର ଗଠନ ହୋଇଛି। ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିସ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ମହାଯୁତିର ଅନ୍ୟ ଦୁଇ ଅଂଶୀଦାର ଦଳ ଶିବସେନା ବିଧାୟକ ଦଳର ନେତା ଏକନାଥ ସିନ୍ଦେ ଏବଂ ଏନସିପି ବିଧାୟକ ଦଳର ନେତା ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଫଡ଼ନାବିସ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ପ୍ରଥମ ଥର ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୯ରେ ତାଙ୍କ ନେତୃତ୍ୱରେ ଏନଡିଏ ପୁନର୍ବାର ବିଜୟୀ ହୋଇଥିଲା। କିନ୍ତୁ ଶିବସେନାର ଧୋକ୍କାବାଜି ହେତୁ ଏନଡିଏ ସରକାର ଗଠନ କରିପାରିଲା ନାହିଁ। ମଝିରେ ଅଜିତ ପାୱାରଙ୍କ ସମର୍ଥନରେ ଫଡ଼ନାବିସ ମାତ୍ର ୩ ଦିନ ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ସଂଖ୍ୟାର ଖେଳରେ ସେ ହାର ମାନିଥିଲେ। ବିଧନସଭାର ବୃହତ୍ତମ ଦଳ ହୋଇଥିଲେ ମଧ୍ୟ ବିଜେପିକୁ ବିରୋଧୀ ଆସନରେ ବସିବାକୁ ପଡ଼ିଲା। ସେତେବେଳେ ସେ ମୁଖ୍ୟମନ୍ତ୍ରୀ ପଦକୁ ପୁନର୍ବାର ଫେରିବେ ବୋଲି କହିଥିଲେ। ଏବେ ସେ ଏହାକୁ କାର୍ଯ୍ୟକାରୀ କରି ଦେଖାଇଛନ୍ତି। ଏଥର ସେ ୨୦୧୪ ତୁଳନାରେ ଅଧିକ ଶକ୍ତିଶାଳି ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୮୮ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ମହାଯୁତି ୨୩୫ ଆସନ ଜିତିଛି। ବିଜେପି ଏକାକି ୧୪୮ ଆସନରେ ପ୍ରାର୍ଥୀ ଦେଇ ୧୩୨ ଆସନରେ ସଫଳତା ହାସଲ କରିଛି। ମ୍ୟାଜିକ ନମ୍ବରଠାରୁ ଏହା ମାତ୍ର ୧୩ ପଛରେ ରହିଛି। ଅନ୍ୟ ପକ୍ଷରେ ସହଯୋଗୀ ଦଳ ଅଜିତ ପାୱାରଙ୍କ ଏନସିପି ୪୧ ଏବଂ ଏକନାଥ ସିନ୍ଦେଙ୍କ ଶିବସେନା ୫୭ ଆସନରେ ଜିତିଛି। ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳର ସମର୍ଥନ ଯଥେଷ୍ଟ। ସେଥିପାଇଁ ବିଜେପି ବିନା ଚାପରେ ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କଲା। ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ଆଗ୍ରହୀ ଥିଲେ। କିନ୍ତୁ ବିଜେପି ଏହାକୁ ଗ୍ରହଣ କଲାନାହିଁ। ସିନ୍ଦେଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏନସିପି ନେତା ଅଜିତ ପାୱାର ତତ୍କାଳ ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ଫଡ଼ନାବିସଙ୍କୁ ସମର୍ଥନ ଘୋଷଣା କଲେ। ତେଣୁ ସିନ୍ଦେଙ୍କ ଦାବିର ଆଉ କିଛି ମୂଲ୍ୟ ରହିଲା ନାହିଁ। ଗୁରୁବାର ଶପଥ ଗ୍ରହଣ ପରେ ଫଡ଼ନାବିସ କହିଛନ୍ତି ଯେ, ତାଙ୍କ ସରକାର ଏହାର ୫ ବର୍ଷିଆ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିବେ। ୨୦୧୯ରୁ ୨୦୨୪ ମଧ୍ୟରେ ଯେପରି ରାଜ୍ୟରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଥିଲା ତାହାର ପୁନରାବୃତ୍ତି ହେବ ନାହିଁ ବୋଲି ସେ କହିଛନ୍ତି। ଫଡ଼ନାବିସଙ୍କ ଏହି ମନ୍ତବ୍ୟ ତାଙ୍କ ଗଭୀର ଆତ୍ମବିଶ୍ୱାସକୁ ପ୍ରମାଣିତ କରୁଛି। ବିଧାନସଭାରେ ବିଜେପିର ସଦସ୍ୟ ସଂଖ୍ୟା ୧୩୨। ଏନସିପି ଓ ଶିବସେନାର ୯୮ ସଦସ୍ୟଙ୍କୁ ବାଦ ଦେଲେ ଅନ୍ୟ ୫ଜଣ ସଦସ୍ୟ ମଧ୍ୟ ବିଜେପିକୁ ସମର୍ଥନ କରୁଛନ୍ତି। ହୁଏତ କିଛି ମାସ ମଧ୍ୟରେ ବିଜେପିର ବିଧାୟକଙ୍କ ସଂଖ୍ୟା ୧୪୫ ଟପିଯାଇପାରେ। କଂଗ୍ରେସ, ଉଦ୍ଧବ ଠାକରେଙ୍କ ଶିବସେନା ଏବଂ ଶରଦ ପାୱାରଙ୍କ ଏନସିପିର ବହୁ କମ ବିଧାୟକ ଅଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଦଳବଦଳ କରି ବିଜେପିରେ ସାମିଲ ହୋଇପାରନ୍ତି। ଯାହା ବି ହେଉ ବିଜେପିର ସଂଖ୍ୟା ଯାହା ବି ରହିଛି ସେଥିରେ ଫଡ଼ନାବିସ ନିଜ ଆସନ ବେଶ ସୁଦୃଢ଼ ବୋଲି କହିପାରିବେ। ମହାରାଷ୍ଟ୍ରରେ ବିଜେପିର ଜବରଦସ୍ତ ସଫଳତା ପଛରେ ଫଡ଼ନାବିସଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ବିଧାନସଭା ନିର୍ବାଚନରେ ସେ ଥିଲେ ବିଜେପିର ଅଘୋଷିତ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ। ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ନିମନ୍ତେ ମହାରାଷ୍ଟ୍ରବାସୀ ବିଜେପିକୁ ଭୋଟ ଦେଇଥିଲେ। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ତାଙ୍କ ଶାସନକୁ ଲୋକେ ମନେ ରଖିଛନ୍ତି। ୨୦୧୯ରେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ଜବାବ ରାଜ୍ୟବାସୀ ନିର୍ବାଚନରେ ଦେଇଛନ୍ତି। ନିର୍ବାଚନରେ ବିଜେପିକୁ ଆରଏସଏସର ସହଯୋଗ ଏବଂ ସମର୍ଥନ ପଛରେ ଫଡ଼ନାବିସଙ୍କ ଭୂମିକା ଥିଲା। ସେ ହିଁ ମୋହନ ଭାଗବତଙ୍କୁ ଭେଟି ଏଥିପାଇଁ ଅନୁରୋଧ କରିଥିଲେ। ଫଡ଼ନାବିସଙ୍କ ପଛରେ ଆରଏସଏସର ଦୃଢ଼ ସମର୍ଥନ ରହିଛି। ଆରଏସଏସର ମୁଖ୍ୟାଳୟ ନାଗପୁରରେ ସେ ଥିଲେ ମେୟର। ଫଡ଼ନାବିସଙ୍କ ପ୍ରତି ବିଜେପି ହାଇକମାଣ୍ଡ ପୁନର୍ବାର ଆସ୍ଥା ଏବଂ ବିଶ୍ୱାସ ସ୍ଥାପନ କରିବାର ମୁଖ୍ୟ କାରଣ ହେଲା ଦଳ ପ୍ରତି ତାଙ୍କର ଆନୁଗତ୍ୟ ଏବଂ ଶୃଙ୍ଖଳା। ୨୦୨୨ରେ ଉଦ୍ଧବ ଠାକରେଙ୍କୁ ବିଦା କରି ଏନଡିଏ ଯେତେବେଳେ କ୍ଷମତାକୁ ଫେରିଲା ସେତେବେଳେ ମେଣ୍ଟର ସ୍ୱାର୍ଥ ପାଇଁ, ଦଳର ସ୍ୱାର୍ଥ ପାଇଁ ଫଡ଼ନାବିସ ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରି ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହା ଥିଲା ଦଳର ନିର୍ଦ୍ଦେଶ। ସଂଖ୍ୟା ତାଙ୍କ ପକ୍ଷରେ ଥିଲେ ମଧ୍ୟ ସେ ଦଳ ପାଇଁ ସ୍ୱାର୍ଥ ତ୍ୟାଗ କରିଥିଲେ। ଗତ ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରରେ ଏନଡିଏ ଭଲ ପ୍ରଦର୍ଶନ କରିପାରିଲା ନାହିଁ। ଏହା ପରେ ଫଡ଼ନାବିସ ଉପ-ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦଳର ସାଙ୍ଗଠନିକ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ବିଜେପି ହାଇକମାଣ୍ଡ ଏଥିପାଇଁ ତାଙ୍କୁ ଅନୁମତି ଦେଇନଥିଲେ ଏବଂ ଉପ-ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଫଡ଼ନାବିସ ସ୍ୱୀକାର କରିଥିଲେ। ଦଳର ଜଣେ ଶୃଙ୍ଖଳିତ ନେତା ଭାବେ ତାଙ୍କୁ ବିଜେପି ପୁରସ୍କୃତ କରିଛି। ଏବେ ସମୟ ଆସିଛି ଫଡ଼ନାବିସ ତାଙ୍କ ଉପରେ ଦଳ ଯେଉଁ ଗଭୀର ଆସ୍ଥା ଏବଂ ବିଶ୍ୱାସ ସ୍ଥାପନ କରିଛି ତାହାକୁ ସଠିକ ବୋଲି ପ୍ରମାଣିତ କରିବେ। ବିଜେପିର ସେ ହେଉଛନ୍ତି ତୃତୀୟ ପିଢ଼ିର ନେତା। ଭବିଷ୍ୟତରେ ଦଳର ନେତୃତ୍ୱ ଭାର ତାଙ୍କ ଉପରେ ପଡ଼ିପାରେ। ମୁଖ୍ୟମନ୍ତ୍ରୀ ଭାବେ ସେ ନିଜ ଦକ୍ଷତା ପ୍ରମାଣିତ କରିପାରିଲେ ଭବିଷ୍ୟତରେ ସେ ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇପାରନ୍ତି। ମହାରାଷ୍ଟ୍ର ସହିତ ସମଗ୍ର ପଶ୍ଚିମ ଭାରତକୁ ବିଜେପି ନିଜ ଦଖଲକୁ ନେଇଛି। ଆଗକୁ ପୂର୍ବ ଓ ଦକ୍ଷିଣ ଭାରତ ଉପରେ ନଜର।

## ସମ୍ପାଦକଙ୍କୁ ପତ୍ର

### ସବୁ ଜିଲ୍ଲାକୁ ରେଳସଂଯୋଗ ହେଉ

ମହାଶୟ,

ସ୍ୱାଧୀନତା ପରେ ଯଦି ଓଡ଼ିଶା କୌଣସି କ୍ଷେତ୍ରରେ ସର୍ବାଧିକ ବିକାଶ ହାସଲ କରିଥାଏ ତେବେ ତାହା ହେଉଛି ରେଳବାଇ। ବିଗତ ଶତାବ୍ଦୀର ନବେ ଦଶକ ପର୍ଯ୍ୟନ୍ତ ଓଡ଼ିଶା ରେଳବାଇରେ ସବୁଠାରୁ ଅବହେଳିତ ରାଜ୍ୟ ଥିଲା। କୋଲକାତାରୁ ଚେନ୍ନାଇକୁ ସଂଯୋଗକାରୀ ଲାଇନ ଓଡ଼ିଶା ଦେଇ ଯାଇଛି। ତେଣୁ ଏଠାରେ ରେଳଲାଇନ ପଡ଼ିଲା। ଖଣିଜ ସାମଗ୍ରୀ ପରିବହନ ନିମନ୍ତେ ତାଳଚେର ଏବଂ ଅନ୍ୟାନ୍ୟ ଖଣିସମୃଦ୍ଧ ଅଞ୍ଚଳକୁ ରେଳ ଲାଇନ ପଡ଼ିଲା। ପୁରୀକୁ ପଶ୍ଚିମବଙ୍ଗରୁ ଯାତ୍ରୀ ଆସନ୍ତି। ତେଣୁ ଅନେକ ଟ୍ରେନ ପୁରୀ ସହ ସଂଯୁକ୍ତ ହେଲା। କିନ୍ତୁ ଓଡ଼ିଶାବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେବେ ରେଳ ପ୍ରକଳ୍ପ ନିର୍ମାଣ ହୋଇନି। ଏବେ ବି ଅନେକ ଜିଲ୍ଲା ଭାରତର ରେଳ ମାନଚିତ୍ରରେ ନାହିଁ। ପୂର୍ବତଟ ରେଳ ଜୋନ ଗଠନ ପରେ ବିଗତ ତିପନି ଦଶନ୍ଧି ହେବ କିଛିଟା ବିକାଶ ହୋଇଛି। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଓଡ଼ିଶାରେ ରେଳ ବିକାଶକୁ ଗୁରୁତ୍ୱ ଦେଇଆସୁଛନ୍ତି। ଏବେ ପ୍ରଥମ ଲକ୍ଷ୍ୟ ହେଲା କିପରି ରରାଜ୍ୟର ସବୁ ଜିଲ୍ଲା ସଦର ମହକୁମା କିପରି ରେଳ ଲାଇନ ସହ ସଂଯୁକ୍ତ ହେବ। ରେଳବାଇ ଓଡ଼ିଶାରୁ ବିପୁଳ ରାଜସ୍ୱ ସଂଗ୍ରହ କରୁଛି। ଏହାର ବିନିଯୋଗ ଓଡ଼ିଶାରେ ହେବା ଉଚିତ।

ମାନସ ଚନ୍ଦ୍ର ପାଣିଗ୍ରାହୀ, ସାଲେପୁର

# ଭାରତ ଧର୍ମନିରପେକ୍ଷ ଓ ସମାଜବାଦୀ କାହିଁକି ?



ଗୋପାଳ ମହାପାତ୍ର

ମାନ୍ୟବର ସୁପ୍ରିମ୍‌କୋର୍ଟ ଗତ ନଭେମ୍ବର ମାସ ୨୫ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ସମ୍ବିଧାନର ମୂଳ ପ୍ରସ୍ତାବନାରେ ୧୯୭୬ ମସିହାରେ ଜରୁରୀ କାଳୀନ ପରିସ୍ଥିତି ବେଳେ ଯୋଡ଼ାଯାଇଥିବା ସମାଜବାଦ ଓ ଧର୍ମନିରପେକ୍ଷ ଶବ୍ଦକୁ ହଟାଯିବ ନାହିଁ ବୋଲି କହିଛନ୍ତି। କୋର୍ଟ କହିଛନ୍ତି ଯେ ଏ ଦୁଇ ଶବ୍ଦ ହେଉଛି ସମ୍ବିଧାନର ବୁନିଆଦି ଢାଞ୍ଚାର ଅତୁଟ ଅଙ୍ଗ। ଏଥିରୁ ସ୍ପଷ୍ଟ ଯେ ଆମ ସମ୍ବିଧାନ ନିର୍ମାତା ମାନଙ୍କର ସ୍ପଷ୍ଟ ଲକ୍ଷଥିଲା ଯେ ସ୍ୱାଧିନ ଭାରତ ଏମିତି ଏକ ରାଷ୍ଟ୍ର ହେବ ଯେଉଁଠି ସରକାର ବା ଶାସନର କୌଣସି ଧର୍ମ ରହିବ ନାହିଁ ଓ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ମିଳିବ। ସମାଜବାଦର ଅର୍ଥ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ସମାନ ଅଧିକାର ମିଳିବ। ଏପରିକି ରାଷ୍ଟ୍ରର ଆୟ ଓ ସମ୍ପତ୍ତିରେ ପ୍ରତ୍ୟେକ ନାଗରିକଙ୍କର ସମାନ ଭାଗିଦାରୀ ସ୍ଥିର ହୋଇପାରିବ। ଏଇଥିପାଇଁ ସମ୍ବିଧାନରେ ସମତା ଓ ବନ୍ଧୁତ୍ୱ ଶବ୍ଦ ରଖାଯାଇଛି ଏବଂ ପ୍ରତ୍ୟେକଙ୍କୁ ଏକ ସମାନ ଦୃଷ୍ଟିରେ ନ୍ୟାୟ ଉପଲବ୍ଧ କରାଯିବା କଥା କୁହାଯାଇଛି। ୧୯୭୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ସମ୍ବିଧାନର ୪୨ତମ ସଂଶୋଧନ କରିବା ବେଳେ କେବଳ ଯେ ଦୁଇଟି ଶବ୍ଦକୁ ଯୋଡ଼ାଯାଇଥିଲା ତାହା ନୁହେଁ ବରଂ ୮ଟି ପ୍ରମୁଖ ଉପବନ୍ଧ ଲେଖା ଯାଇଥିଲା। ଏଥିରେ ସବୁଠାରୁ ମହତ୍ୱପୂର୍ଣ୍ଣ ନାଗରିକଙ୍କ ମୂଳ କର୍ତ୍ତବ୍ୟ ଥିଲା। ସମ୍ବିଧାନ ନିର୍ବାତାମାନେ କେବଳ ନଗରିକଙ୍କ ମୂଳ ଅଧିକାର ବାବଦରେ ଲେଖିଥିଲେ କିନ୍ତୁ ଜରୁରୀକାଳୀନ ପରିସ୍ଥିତି ବେଳେ କର୍ତ୍ତବ୍ୟକୁ ମୂଳ ଭାବନାର ଅଂଶ ବୋଲି କୁହାଯାଇଥିଲା। ଏହାବ୍ୟତୀତ ପରିବେଷ ସଂରକ୍ଷଣ, ସମାନ ନ୍ୟାୟ ଓ ପ୍ରତ୍ୟେକ (ଗରୀବ) ନାଗରିକଙ୍କୁ ମାଗଣା ଆଇନ ସହାୟତା ଦିଆଯିବା, ଶ୍ରମିକଙ୍କ ପ୍ରବନ୍ଧନରେ ଭାଗିଦାରୀ ଏବଂ ଭାରତର ଅଖଣ୍ଡତା କଥା ମଧ୍ୟ ସମ୍ବିଧାନର ଅଂଶ ବୋଲି ୪୨ ତମ ସଂଶୋଧନରେ ଯୋଡି ଦିଆଯାଇଥିଲା। ଏଥିରେ ସର୍ବାଧିକ ମହତ୍ୱ ମୂଳ କର୍ତ୍ତବ୍ୟକୁ ତ ଦିଆଯାଇଥିଲା କିନ୍ତୁ ଗରୀବ ନାଗରିକଙ୍କ ପାଇଁ ରାଷ୍ଟ୍ର(ଦେଶ)ର ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ଦେଶରୁ ଜରୁରୀକାଳୀନ ପରିସ୍ଥିତି ହଟିବାପରେ ନିର୍ବାଚନରେ ଯେତେବେଳେ ବିରୋଧି ଦଳ ମାନଙ୍କ ମେଣ୍ଟ ଜନତା ପାର୍ଟି ସରକାର ଗଠନ କଲେ ସେତେବେଳେ ସମ୍ବିଧାନରେ ୪୩ତମ ଓ ୪୪ତମ ସଂଶୋଧନ କରାଯାଇଥିଲା ହେଲେ ଅଣ କଂଗ୍ରେସ ମେଣ୍ଟର ସରକାର ୪୨ତମ ସଂଶୋଧନ ବେଳେ ଯୋଡ଼ାଯାଇଥିବା ଦୁଇ ଶବ୍ଦ ଓ ଉପବନ୍ଧକୁ ହଟାଇନଥିଲେ। ଏବେ ପ୍ରଶ୍ନ ଉଠୁଛି ଯେ ଇନ୍ଦିରା ଗାନ୍ଧୀ ୪୨ତମ ସଂଶୋଧନରେ ଏହି ଦୁଇ ଶବ୍ଦ ଯୋଡିଲେ କାହିଁକି? ଏବେ ୪୨ ତମ ସଂଶୋଧନର ସମାଜବାଦ ଓ ଧର୍ମନିରପେକ୍ଷ ଶବ୍ଦକୁ ନେଇ ଆପତ୍ତି ଉଠୁଛି କାହିଁକି? ଏସବୁ କୁ ବୁଝିବାକୁ ହେଲେ ଗୋଟିଏ କଥା ସ୍ପଷ୍ଟ ଯେ ବିରୋଧ କରୁଥିବା ରାଜନୈତିକ ଦଳ ବା ବ୍ୟକ୍ତିଙ୍କ ନଜରରେ ସମାଜବାଦର ଅର୍ଥ ବୋଧହୁଏ ସାମ୍ୟବାଦ ନିକଟରେ ପହଞ୍ଚିଯାଉଛି। ସ୍ୱାଧିନତା ଆନ୍ଦୋଳନ ବେଳେ ସ୍ପଷ୍ଟ ହୋଇଯାଇଥିଲା ଯେ ସ୍ୱାଧିନତା ପାଇଁ ଲଢେଇ କରୁଥିବା କଂଗ୍ରେସ ପାର୍ଟି ସ୍ୱାଧିନ ଭାରତରେ ଗାନ୍ଧୀଙ୍କ ସିଦ୍ଧାନ୍ତର ସମାଜବାଦ ଲାଗୁ କରିବ। କଂଗ୍ରେସର ଲକ୍ଷ୍ନୌ ଅଧିବେଶନରେ ପଣ୍ଡିତ ଜବାହରଲାଲା ନେହେରୁ ସ୍ପଷ୍ଟ କରିଦେଇଥିଲେ ଯେ ତାଙ୍କ ଦଳ ଦେଶରେ ଜମିଦାରୀ ପ୍ରଥା ସମାପ୍ତ କରିବ ଏବଂ ଚାଷିଙ୍କୁ ଜମିର ମାଲିକାନା ହକ୍ ଦେବ। ନେହେରୁଙ୍କ ଏହି ବକ୍ତବ୍ୟ ପରେ ମୁସଲିମ୍ ଲିଗ୍‌ର ନେତା ଜିନ୍ନା ବିଗିଡି ଯାଇଥିଲେ କାରଣ ସେତେବେଳେ ମୁସଲିମ୍‌ଲିଗ୍‌ରେ କେବଳ ବଡ଼ ବଡ ମୁସଲିମ ଜମିଦାର ଓ ଧନୀ ବ୍ୟକ୍ତି ହିଁ ସଦସ୍ୟ ଥିଲେ।

୧୯୩୬ ମସିହାରେ ଯେତେବେଳେ ପ୍ରାନ୍ତିୟ ବିଧାନସଭାର ପ୍ରଥମ ନିର୍ବାଚନରେ କଂଗ୍ରେସ ବିଜୟୀ ହେଲା ସେତେବେଳେ କଂଗ୍ରେସ ଜମିଦାରୀ ଉଚ୍ଛେଦ ପାଇଁ ଉଦ୍ୟମ କଲା। କଂଗ୍ରେସର ଏହି ନିଷ୍ପତ୍ତିରେ କେବଳ ଯେ ମୁସଲିମଲିଗ୍ ଆତଙ୍କିତ ହେଲା ତା ନୁହେଁ ବରଂ ଇଂରେଜ ସରକାର ମଧ୍ୟ ଏଥିପାଇଁ ଅସନ୍ତୋଷ ପ୍ରକାଶ କରିବା ସହ ଭାରତ ସ୍ୱାଧିନ ହେଲେ ସୋଭିଏତ ସଂଘର ବିଚାରଧାରାକୁ ଆପଣେଇ ନେବ ବୋଲି ଆଶଙ୍କା କରିଥିଲେ। ଏହା ହେଉଛି ଏକ ଐତିହାସିକ ତଥ୍ୟ। ପାକିସ୍ତାନୀ ମୂଳର ସ୍ୱିଡିସ୍ ରାଜନୀତି ବିଜ୍ଞାନୀ ଡ଼କ୍ଟର ଇସ୍ତିୟାକ ଅହମଦ ତାଙ୍କ ଲିଖିତ "ଜିନ୍ନା ଉନକି ରାଜନୈତିକ ସଫଳତାଏଁ ଓ ବିଫଳତା ଏଁ ଓ ବଣ୍ଟଓ୍ୟାରା ମେଁ ଉନକି ଭୂମିକା" ପୁସ୍ତକରେ ଏକଥା ଉଲ୍ଲେଖ କରିଛନ୍ତି। ଏଣୁ ଏକଥା ସ୍ପଷ୍ଟ ହୋଇଯାଇଛି ସ୍ୱାଧିନ ଭାରତରେ ସମାଜବାଦ କଂଗ୍ରେସର ଲକ୍ଷ ଥିଲା। ଏଥି ସହିତ ଧର୍ମ ନିରପେକ୍ଷତା ସମ୍ପର୍କରେ ମଧ୍ୟ ଆମେ କୌଣସି ଭ୍ରମରେ ରହିବାର ଆବଶ୍ୟକତା ନାହିଁ। ଏହି ଧର୍ମନିରପେକ୍ଷ ଶବ୍ଦ ସହ ଭାରତର ୫ହଜାର ବର୍ଷର ପୁରୁଣା ସଂସ୍କୃତି ଯୋଡି ହୋଇ ରହିଛି।

ଖ୍ରୀଷ୍ଟପୂର୍ବ ୩ହଜାର ବର୍ଷ ପୂର୍ବରେ ସମୟ ପର୍ଯ୍ୟନ୍ତ ଧର୍ମ ଜୀବନର ଆବଶ୍ୟକ ଅଙ୍ଗ ନଥିଲା। କିନ୍ତୁ ଧିରେ ଧିରେ ଯେତିକି ଆର୍ଥୀକ ବିକାଶ ଘଟିଲା ଏବଂ ସମ୍ପତ୍ତିର ମାଲିକ ହେବାର ବିଚାର ବଢ଼ିବାରେ ଲାଗିଲା ସେଇ ଅନୁସାରେ ଧର୍ମ ବିକଶିତ ହେବାରେ ଲାଗିଲା ଓ ଦେବୀ ଦେବତାଙ୍କ ସଂଖ୍ୟା ମଧ୍ୟ ବଢ଼ିବାକୁ ଲାଗିଲା। ପ୍ରଥମେ ସୂର୍ଯ୍ୟଉପାସନା ଠାରୁ ଆରମ୍ଭ କରି ଅନ୍ୟ ପ୍ରାକୃତିକ ଶକ୍ତି ମାନଙ୍କର ଉପାସନା ପଦ୍ଧତି ବିକଶିତ ହୋଇଥିଲା ଏବଂ କର୍ମକାଣ୍ଡର ସ୍ଥାପନା ବୈଦିକ କାଳରେ ହୋଇଥିଲା। ଏହା ପରେ ଜୈନ ଓ ବୌଦ୍ଧଧର୍ମ ପୁନଃ ପ୍ରକୃତିର ସତ୍ତାକୁ ଏକ ସ୍ୱରୂପ ଭାବେ ସ୍ୱୀକାର କରିଥିଲେ ଏବଂ ଏହି ସମୟରେ କୁହାଗଲା ଯେ "ଧାରୟତି ସଃ ଧର୍ମଃ" ଅର୍ଥାତ୍ ଯିଏ ଧାରଣ କରିବାର ଯୋଗ୍ୟ ସିଏ ଧର୍ମ ଅଟେ। ଏଥିରେ ପୂଜା ପଦ୍ଧତି କଥା କେଉଁଠି ଉଲ୍ଲେଖ କରାଯାଇନାହିଁ। ହିନ୍ଦୁ ସଂସ୍କୃତି ଯାହାକୁ ଆମେ ମାନୁଛେ ତାହା ମନୁସ୍ମୃତିରୁ ହିଁ ଆସିଛି ଯେଉଁଥିରେ ୪ବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୁଦ୍ରର ବ୍ୟବସ୍ଥା ରହିଛି। ଏହି ୪ବର୍ଣ୍ଣର ଲୋକଙ୍କ କାର୍ଯ୍ୟର ବିଭାଜନ କେବଳ ସମ୍ପତ୍ତି ସଞ୍ଚୟର ବ୍ୟବସ୍ଥା କୁ ହିଁ ଦର୍ଶାଇଥାଏ। ଏଭଳି ବିଶ୍ଳେଷଣ ଭାରତର ବିଜ୍ଞଜନମାନଙ୍କ ଦ୍ୱାରା କରାଯାଇଛି। ଏହିଥିପାଇଁ ସଂସ୍କୃତି ଏବଂ ଧର୍ମକୁ ଯେତେବେଳେ ଆମେ ଆମ ନିଜ ନିଜର ଦୃଷ୍ଟିରେ ଦେଖୁଛେ ସେତେବେଳେ ଆମ ମନରେ କେମିତି ଏକ କିଂଭୁତ କିମାକାର ଚିନ୍ତା ଉପୁଜିଥାଏ। ଖ୍ରୀଷ୍ଟାବ୍ଦର ପ୍ରାରମ୍ଭ ଏବଂ ଯଦି ଆମେ ସମ୍ରାଟ କନିଷ୍କଙ୍କ ଶାସନ ସମୟକୁ ଦେଖିବା ତେବେ ସେତେବେଳେ ବୌଦ୍ଧ ଧର୍ମର ଅନୁଗାମୀ ମାନେ ଥିଲେ ଓ ସେତେବେଳ ମୂର୍ତ୍ତୀ ପୂଜା ମଧ୍ୟ ହେଉଥିଲା। ବୌଦ୍ଧ ଧର୍ମରେ ମହାଯାନର ପ୍ରାରମ୍ଭ ହେଲା ଓ ପାଲି ଭାଷାରେ ବୌଦ୍ଧ ସାହିତ୍ୟ ଲେଖା ଯାଇଥିଲା। ଏଥିସହ ସଂସ୍କୃତ ଭାଷାରେ ଲେଖିବାକୁ ମଧ୍ୟ ଅନୁମତି ମିଳିଥିଲା, ପୂର୍ବରୁ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ଶାସନଥିଲା ଓ ଚନ୍ଦ୍ରଗୁପ୍ତ ଜୈନ ଧର୍ମର ଅନୁଗାମୀ ଥିଲେ କିନ୍ତୁ ତାଙ୍କ ପୌତ୍ର ସମ୍ରାଟ ଅଶୋକ ବୌଦ୍ଧ ଧର୍ମକୁ ମାନୁଥିଲେ। ଏବେ ଆମେ ଯାହାକୁ ହିନ୍ଦୁ ସଂସ୍କୃତି ବୋଲି ମାନୁଛେ ତାହା ବହୁଳତା ବାଦ ଥିଲା ଏବଂ ଏଇଥିପାଇଁ ଆମେ ଭାରତୀୟ ପ୍ରାରମ୍ଭରୁ ହିଁ ଧର୍ମନିରପେକ୍ଷତାକୁ ମାନି ଆସୁଥିଲେ। ୨୦୦୦ ମସିହା ପାଖାପାଖି କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଥିଲା। ତାଙ୍କ ସରକାରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିଲେ ପ୍ରମୋଦ ମହାଜନ। ପ୍ରମୋଦ ମହାଜନ ଥରେ ସଂସଦକୁ ଭାରତୀୟ ସମ୍ବିଧାନର ମୂଳ ହାତଲେଖା କପିର ଜେରକ୍ସ କପି ଆଣି ଆସିଥିଲେ। ସେହି ମୂଳ କପିରେ ମର୍ଯ୍ୟାଦାପୁରୁଷୋତ୍ତମ ରାମଙ୍କ ଲଙ୍କା ବିଜୟ ପରେ ଅଯୋଧ୍ୟା ଫେରିବାର ଚିତ୍ର ସହ ବାଦଶାହ ଆକବର ଏବଂ ଟିପୁ ସୁଲତାନଙ୍କ ଚିତ୍ର ଅଙ୍କିତ ଥିଲା।





ପ୍ରମୋଦ ମହାଜନ ଲୋକସଭାରେ ଯୁକ୍ତି ଦର୍ଶାଇଥିଲେ ଯେ ଯେହେତୁ ସମ୍ବିଧାନର ମୂଳ କପିରେ ରାମଙ୍କ ଚିତ୍ର ରହିଛି ତେଣୁ ସମ୍ବିଧାନର ମୂଳ ପ୍ରସ୍ତାବନାରୁ ଧର୍ମନିରପେକ୍ଷ ଶବ୍ଦକୁ ହଟାଯିବା ଆବଶ୍ୟକ ଏବଂ ସମାଜବାଦ ଶବ୍ଦକୁ ମଧ୍ୟ ହଟାଯିବା ଆବଶ୍ୟକ କାରଣ ଭାରତ ଏବେ ବଜାର ମୂଳକ ଅର୍ଥବ୍ୟବସ୍ଥା ଅର୍ଥାତ୍ ପୁଞ୍ଜିବାଦର ନୀତିରେ ଚାଲିଛି। ଲୋକସଭାରେ ପ୍ରମୋଦ ମହାଜନଙ୍କ ଏହି ତର୍କ ବା ବୟାନକୁ ବିରୋଧ କରାଯାଇଥିଲା ଓ କୁହାଯାଇଥିଲା ଯେ ମୂଳ କପିକୁ ସୁନ୍ଦର କରିବା ପାଇଁ ଚିତ୍ରକର ନନ୍ଦଲାଲ ବୋଷ ଏହି ଚିତ୍ର ଆଙ୍କିଥିଲେ। କିନ୍ତୁ ତାଙ୍କ ଉଦେଶ୍ୟ ଧାର୍ମିକ ନଥିଲା ବରଂ ରାଷ୍ଟ୍ରୀୟ ଥିଲା। ପ୍ରମୋଦ ମହାଜନଙ୍କ ମନ୍ତବ୍ୟ/ଯୁକ୍ତିକୁ ସେତେବେଳେ କଂଗ୍ରେସ ନେତା ପ୍ରିୟରଞ୍ଜନ ଦାସ ମୁନସୀ ବ୍ୟାପକ ସମାଲୋଚନା କରିଥିଲେ। ଦାସ ମୁନସୀ କହିଥିଲେ ଯେ ଆର୍ଥୀକ ଉଦାରୀକରଣ ନୀତିକୁ କଂଗ୍ରେସ ସରକାର ଲାଗୁକରିଥିଲା ଭାରତର ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ। ନେହେରୁଙ୍କ ସମୟରୁ ଭାରତ ମିଶ୍ରିତ ଅର୍ଥବ୍ୟବସ୍ଥାକୁ ଆପଣେଇ ଚାଲିଥିଲା କିନ୍ତୁ ଡ଼କ୍ଟର ମନମୋହନ ସିଂହ କେନ୍ଦ୍ରରେ ଅର୍ଥମନ୍ତ୍ରୀ ଥିବାବେଳେ ଭାରତର ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ଉଦାରୀକରଣ ନୀତିକୁ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ଏହାର ଅସଲ ଉଦେଶ୍ୟ ଗରୀବଙ୍କୁ ସମ୍ପନ୍ନ କରିବା ଓ ଭାରତୀୟ ବହୁଳତା ବାଦ ସଂସ୍କୃତିକୁ ବଜାୟ ରଖିବା। ଏଣୁ ଏଥିରୁ ସ୍ପଷ୍ଟ ଯେ ମୂଳ କପିରେ ରାମାୟଣର ରାମ ଓ ଆକବରଙ୍କ ଚିତ୍ର କାହିଁକି ଅଙ୍କାଯାଇଥିଲା। ଏସବୁରୁ ଭାରତ କାହିଁକି ଧର୍ମ ନିରପେକ୍ଷ ଓ ସମାଜବାଦୀ ସେକଥା ସହଜରେ ବୁଝିହେବ।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ଗୀତାର ଅମୃତଜ୍ଞାନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀମଦ୍ ଭଗବତ୍ ଗୀତାର ସୃଷ୍ଟି ଦିବସକୁ ଗୀତା ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ମାର୍ଗଶୀର ଶୁକ୍ଳ ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ। ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧ ଭୂମିରେ ଆତ୍ମୀୟ ସ୍ୱଜନଙ୍କୁ ଦେଖି ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଯୋଗୀରାଜ ଶ୍ରୀକୃଷ୍ଣ ଗୀତା ଉପଦେଶ ପ୍ରଦାନ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଛନ୍ଦ ରୂପରେ ଅର୍ଥାତ୍ ଗୀତା ଗାଇ ଉପଦେଶ ପ୍ରଦାନ କରିଥିଲେ। ସେଥିପାଇଁ ଏହାକୁ ଗୀତା କୁହାଯାଇଥାଏ। ସ୍ୱୟଂ ଭଗବାନଙ୍କ ମୁଖ ନିସୃତ ବାଣୀ ହୋଇଥିବାରୁ ଏହି ଗ୍ରନ୍ଥର ନାମ ଭଗବତ ଗୀତା ହୋଇଛି। ଏହି ମହାଗ୍ରନ୍ଥରେ ୧୮ ଅଧ୍ୟାୟ ଏବଂ ୭୦୦ଟି ଶ୍ଳୋକ ରହିଛି। ଭଗବତ ଗୀତାରେ ଏକାଧିକ ବିଦ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ବିଦ୍ୟାଗୁଡ଼ିକ ମଧ୍ୟରୁ ଚାରିଟି ବିଦ୍ୟା ପ୍ରମୁଖ। ଅଭୟ ବିଦ୍ୟା, ସାମ୍ୟ ବିଦ୍ୟା, ଈଶ୍ୱର ବିଦ୍ୟା ଏବଂ ବ୍ରହ୍ମ ବିଦ୍ୟା। ଅଭୟ ବିଦ୍ୟା ମୃତ୍ୟୁ ଭୟ ଦୂର କରିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ସାମ୍ୟ ବିଦ୍ୟା ରୋଗ ଦ୍ୱେଷରୁ ମୁକ୍ତି ଦେଇଥାଏ। ଜୀବ ମଧ୍ୟରେ ସମାନତାର ଭାବ ପ୍ରକଟ କରିଥାଏ। ଈଶ୍ୱର ବିଦ୍ୟା ପ୍ରଭାବରେ ସାଧକ ଅହଂ ଏବଂ ଗର୍ବ ଭଳି ବିକାରରୁ ରକ୍ଷା ପାଇଥାଏ। ବ୍ରହ୍ମ ବିଦ୍ୟା ଦ୍ୱାରା ଅର୍ନ୍ତଆତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ। ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ। ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ।

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ। ଅର୍ଜ୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ। ଅର୍ଜ୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ। ଅର୍ଜ୍ଜୁନ ସାହସ ହରାଇଲେ। ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ? ଅର୍ଜ୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ। ଏହି ସମୟରେ ଶ୍ରୀମଦ୍‌ଭାଗବତ ଗୀତାର ଜନ୍ମ ହୋଇଥିଲା। ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ। ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା। ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ। ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି। ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ ବୋଲି ମାନିଛନ୍ତି। ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ। ଅର୍ଜ୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ। ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି। ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର। ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ। ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜ୍ଜୁନଙ୍କୁ କରାଇଥିଲେ। ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜ୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ। ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି।



ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜ୍ଜୁନ। କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନକରି କର୍ମ କର। କର୍ମ ନକରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ। ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ। କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ। ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚାରଣ। ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ। ନିରନ୍ତର ସନ୍ତୁଷ୍ଟ ରହିଥାଏ। ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ। ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ।'

ସହପ୍ରତିରତ୍ୱିକ ଓ ପ୍ରଫେସର
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋବାଇଲ୍: ୯୪୩୭୦୫୧୭୫୯

# ସତ୍ୟ ମଦ୍ୟପାୟୀ ଆଉ ଛଳନା ମଦ୍ୟପାୟୀ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏପରି ବଜାର ହାଟରେ ପୂର୍ବେ ଅବାଧରେ ମଦ୍ୟ ବା ମଦ୍ୟ ପରି ଦ୍ରବ୍ୟ ଉପଲବ୍ଧ ନଥିଲା। ବ୍ରିଟିଶ ପ୍ରଶାସନ ଏ ଦେଶରେ ଚାଲିବା ବେଳେ ବିଦେଶରୁ ବିଦେଶୀ ଅନେକ ଦ୍ରବ୍ୟ ଏ ଦେଶକୁ ଆସିବା ହୋଇଥିଲା ଓ ତାର ଗ୍ରାହକ ତତ୍କାଳ ସମ୍ଭ୍ରାନ୍ତ ରାଜା ରାଜୁଡ଼ା ଜମିଦାରମାନେ ବ୍ୟବହାର କରୁଥିଲେ। ରାଜା ମହାରାଜାଙ୍କ ନିମନ୍ତ୍ରିତ ଅତିଥ ଭବନ, ନିଜର ବାସସ୍ଥାନର ଶୟନ ଗୃହ, ବଡ଼ ବଡ ହୋଟେଲ, ମହଲକୁ ରାଜାମହାରାଜ ଅତିଥି ହେବାକୁ ଆସନ୍ତି ଏଇଠାରେ ବିଲାତର ମଦ୍ୟ ମାନ ମିଳୁଥିଲା। ଭାରତରେ ସ୍ୱାଧୀନତା ହାସଲ ପରେ ଜମିଦାରୀ ଚାଲିଗଲା। ହେଲେ ସ୍ଥିତିବାନ ପ୍ରଜା ସଂଖ୍ୟା ବହୁ ଗୁଣିତ ହୋଇଗଲା। ଏହି ସ୍ଥିତିବାନମାନେ ଜମିର ମାଲିକ ହୋଇଯିବାରୁ ଏମାନେ ବି କନିଷ୍ଠ ଜମିଦାର ବା ନୂଆ ଜମିଦାର ହୋଇଗଲେ ଓ ଏମାନେ ରାଜାଙ୍କୁ ବା ସରକାରଙ୍କୁ ପ୍ରତ୍ୟକ୍ଷ କର ଦେବା ଆରମ୍ଭ କଲେ। ଆସ୍ତେ ଆସ୍ତେ ସାହେବ ଢ଼ଙ୍ଗ ଲୋକରେ ପ୍ରବେଶ କଲା ଲୋକେ ବିଦେଶୀ ମଦ୍ୟ ପାନ କଲେ। ବିଦେଶୀ ମଦ୍ୟ, ବିଲାତି ମଦ୍ୟ, ଫରେନ ଲିକୁଅର ଫଳରେ ଦେଶୀ ମଦ୍ୟ ଚୁଲେଇ ମାଲ ଖଜୁରୀ ତାଡ଼ି ଦେଶରେ ରହିଲେ ବି ବିଦେଶୀ ମଦ ଚାହିଦା ବଢ଼ିଗଲା ଓ ବ୍ରିଟିଶକୁ ତଡ଼ିବା ପାଇଁ ଯେଉଁ ବିଦେଶୀ ଦ୍ରବ୍ୟ ବର୍ଜନର ପ୍ରଚାର ଚାଲିଥିଲା ତାହା ସବୁ ଆସ୍ତେ ଆସ୍ତେ ବନ୍ଦ ହୋଇଗଲା।

ପୂର୍ବେ ଗଣନାଟ୍ୟ ମଣ୍ଡଳୀ ମାନେ ଗଡ଼ଜାତ ରାଜବାଟୀରେ ନାଟ୍ୟ ପ୍ରଦର୍ଶନ କରିବାକୁ ଯାଉଥିଲେ। ତତ୍କାଳ ସମୟରେ ନାଟ୍ୟ ବିଷୟ ବସ୍ତୁ ଦୁଇଟି ରାଜାଙ୍କ ଚରିତ୍ରକୁ ସମ୍ବନ୍ଧ କରି କରାଯାଉଥିଲା। ଏଥିରେ ନବରସ ବିଧାନରେ ରାଜାଙ୍କର ଦରବାରରେ ନର୍ତ୍ତକୀ, ବାଇ ନାଚ, ରାଜାଙ୍କର ମଦ୍ୟପାନ ଆଦି ସିନକୁ ରାଜା ଯିଏ ଚେୟାରରେ ବସିବା ହେଉଥିଲା। ମାତ୍ର ରାଜବାଟୀରେ ତମସା ଦେଖାଇଲେ ଏଇ ତିନିର ସଂସ୍କାର ନାଟ୍ୟ ପରିଚାଳକମାନେ ବଦଳାଉଥିଲେ। କାରଣ ରାଜବାଟୀ ରାଜାଙ୍କୁ ଏଥିରେ ଅପମାନ ବା ସମାଲୋଚନା ବା ସମ୍ମାନ ହାନିର କାରଣ ହୋଇପାରେ ଯହିଁରେ ନାଟୀ ମଣ୍ଡଳୀ ଅଭିନୟରେ ଥିବା ରାଜାଙ୍କୁ ରାଜଦଣ୍ଡ ହୋଇପାରେ। ଏ ପାଇଁ ହାରମୋନିଆ ପେଟି ଉପରେ ରାଜା ବସିବେ, ବୋତଲରେ ନାଲିପାଣି ଭରି ପିଇବେ ବାଇନାଚର ଧାରା ବଦଳାଇ କିଛି ଏକ ଗୀତ ରାଜାଙ୍କ ସମ୍ମୁଖରେ ବୋଲାଯାଉଥିଲା। ପରେ ସାମାଜିକ ନାଟକ ହେଲା ଓ ରାଜବାଟୀରେ ଆଉ ନାଚ ହେବା ହୋଇପାରିବା ସମ୍ଭବ ରହିଲା ନାହିଁ କାଳକ୍ରମେ ରାଜଗଦ ଗଡ଼ଜାତ ରାଜାଙ୍କର ଚାଲିଗଲା ଗନ ସାଲ୍ୟୁଟ ବି ଚାଲିଗଲା।

ଲୁଚି ଛପି ନିଶା ପାଣି ଲୋକେ କିଛି ଦିନ କଲେ ଏବେ ପ୍ରକାଶ୍ୟରେ ମଦ୍ୟପାନ ଲୋକେ କରୁଛନ୍ତି। ଧର୍ମଭୟ ନାହିଁ ଯୁଦ୍ଧ ଆଚରଣ ନାହିଁ। ଗୁରୁଜନ ଲଘୁଜନ ବିଚାର ବି ନାହିଁ। ବରଂ ମଦ୍ୟପାନକାରୀଙ୍କୁ ଲୋକେ କୌଣସି ଦୋକାନକୁ ଗଲେ ଆଗେ ବିଦାୟ କରୁଛନ୍ତି। କୌଣସି କର୍ମ ହାସଲ ପାଇଁ ମଦ୍ୟ, ମାଂସ ଭୋଜିରେ ଆପ୍ୟାୟିତ ଅଫିସରଙ୍କୁ ଆପ୍ୟାୟିତ କରାଯାଉଛି ବିଲାତି ମଦ୍ୟ ଉପଢ଼ୌକନ ଦେଇ କାର୍ଯ୍ୟ ହାସଲ ଚିନ୍ତା କରାଯାଉଛି। ଏଇ ଭେଟରେ ଏକ ସୌଖିନ ଲାଞ୍ଚରେ ମଦ୍ୟ ଲାଗୁଛି। ଦେଶରେ ମଦ କାରଖାନା ବେଳକୁ ବେଳ ବଢ଼ିଲାଣି। ସଓ୍ୱେଲସ ମୋହନମେକିନ ପରି ବିଦେଶୀ ସଂସ୍ଥା ଆଟେ ବିଲାତି ମଦ ପ୍ରସ୍ତୁତ କାରଖାନା କରିଥିଲେ। ଏବେ ଦେଶୀୟ ଲୋକ ଏ କାରଖାନା ଡିଷ୍ଟିଲାରୀ କରୁଛନ୍ତି। ଆଖୁଗୁଡ଼ରୁ ମଦ୍ୟ ପ୍ରସ୍ତୁତ ହେଉଛି। ଏବେ ଗୁଡ଼ ଦୁର୍ଲଭ ମହୁଆଗୁଡ଼ ସବୁ ମଦ କାରଖାନା ପାଇଁ ଚାଲି ଯାଉଛି। ଦେବତା ପାଇଁ ଗୁଡ଼ ଲାଗୁଥିଲା ଏବେ ଅସୁର ପାନୀୟ ପାଇଁ ଗୁଡ଼ ଚାଲିଯାଉଛି। ଶିଳ୍ପରେ ମଦ୍ୟଶିଳ୍ପ ଧସେଇ ପଶିଲାଣି ସରକାରୀ ଆୟରେ ମଦ ଏକ ବିଶେଷ ଆୟଯୁକ୍ତକର। ଦେଖ ଯୁଗର ତାମସା, ଠାକୁର ଓ ମଦ୍ୟ ଏବେ ଦୁଇଟି ସେବା ମିଶି ରହିବା ଦେଖାଗଲାଣି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍
ଅରୁଣୋଦୟ ମାର୍କେଟ, କଟକ
ମୋବାଇଲ୍: ୯୪୩୭୦୩୧୨୫୩

# ଚାଷୀଙ୍କ ଉପରେ ଲୁହବୁହା ଗ୍ୟାସ୍ ପ୍ରୟୋଗ



ନୂଆଦିଲ୍ଲୀ, ୬।୧୨: ଏମଏସପିକୁ ଆଇନଗତ ସ୍ୱୀକୃତି ଦାବି କରି କୃଷକ ମାନେ ଆଜି ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ଶମ୍ଭୁ ବର୍ଡର ନିକଟରେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିଛି। ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଏହି ଦିଲ୍ଲୀ ଚଲୋ ଅଭିଯାନ ଲାଗି ଆହ୍ୱାନ ଦିଆଯାଇଥିଲା। ଚାଷୀଙ୍କୁ ଦିଲ୍ଲୀ ସୀମାରେ ଅଟକାଇବା ନିମନ୍ତେ ଶମ୍ଭୁ ସୀମାରେ ପୋଲିସ ଅସ୍ଥାୟୀ ବ୍ୟାରିକେଡ ନିର୍ମାଣ କରିଥିଲା। ଚାଷୀମାନେ ଏହାକୁ ଅତିକ୍ରମ କରି ଦିଲ୍ଲୀରେ ପ୍ରବେଶ କରିବା ନିମନ୍ତେ ଉଦ୍ୟମ କରିବା ବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବା ନିମନ୍ତେ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଫଳରେ ଚାଷୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଚାଷୀମାନେ ମୁଖ୍ୟତଃ ପଞ୍ଜାବ, ପଶ୍ଚିମ ଉତ୍ତର ପ୍ରଦେଶ ଓ ହରିୟାଣାରୁ ଆସିଥିଲେ। ସେମାନେ ୪୪ ନମ୍ବର ଜାତୀୟ ରାଜପଥରେ ଜାତୀୟ ପତାକା ଧରି ଚାଲି ଚାଲି ଆସିଥିଲେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ସେମାନେ ଫେରିବେ ନାହିଁ ବୋଲି ଘୋଷଣା କରିଥିଲେ। ଶୁକ୍ରବାର କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସଂସଦରେ କହିଥିଲେ ଯେ, ସରକାର ଚାଷୀଙ୍କ ସ୍ୱାର୍ଥ ରକ୍ଷା ଲାଗି ପ୍ରତିଶ୍ରୁତିବଦ୍ଧ। ଚାଷୀଙ୍କ ଉତ୍ପାଦିତ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ଦେବାକୁ ସରକାର ଘୋଷଣା କରିଛନ୍ତି ଏବଂ ଏହାକୁ କାର୍ଯ୍ୟକାରୀ କରୁଛନ୍ତି। ତେଣୁ ଚାଷୀମାନେ ଏମଏସପି ଦାବି କରି ଆନ୍ଦୋଳନ କରିବାର କିଛି ଯଥାର୍ଥତା ନାହିଁ ଏମଏସପି ପ୍ରଦାନ ମୋଦି ସରକାରଙ୍କ ଗ୍ୟାରେଣ୍ଟି ବୋଲି ସେ କହିଥିଲେ। ବିକ୍ଷୋଭକାରୀ ଚାଷୀ ଓ ପୁଲିସ୍ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଚାଷୀମାନେ ଏମଏସପି ଉପରେ ଆଇନଗତ ମାନ୍ୟତା ଦାବି କରିବା ସହ ଋଣ ଛାଡ଼ ଓ ବର୍ଦ୍ଧିତ ବିଜୁଳି ଟାରିଫରୁ ସୁରକ୍ଷା ଦାବି କରି ଦିଲ୍ଲୀ ଚାଲୋ ଆନ୍ଦୋଳନର ଡାକରା ଦେଇଛନ୍ତି। ସେମାନେ ସଂସଦ ନିକଟରେ ପହଞ୍ଚି ବିକ୍ଷୋଭ କରିବାକୁ ଚାହୁଁଥିବା ବେଳେ ଆଜି ପୁଲିସ୍ ସେମାନଙ୍କୁ ହରିୟାଣା-ପଞ୍ଜାବ ସୀମାନ୍ତ ଶମ୍ଭୁ ବର୍ଡରରେ ଅଟକାଇଛି। ତଥାପି ସେମାନେ ଆଗକୁ ବଢ଼ିବାରୁ ପୁଲିସ୍ ଲୁହ ବୁହା ଗ୍ୟାସ ପ୍ରୟୋଗ କରିଛି। ଏଥିରେ କିଛି ଚାଷୀ ଆହତ ହୋଇଥିବା ମଧ୍ୟ ଜଣାପଡ଼ିଛି। ଚାଷୀମାନେ ଆନ୍ଦୋଳନକୁ ତୀବ୍ର କରୁଥିବା ବେଳେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ପ୍ରଥମେ 'ମୋଦି ଗ୍ୟାରେଣ୍ଟି' କଥା କହିଥିଲେ। ହେଲେ ଅପରାହ୍ଣ ବେଳକୁ ସରକାରଙ୍କ ସ୍ୱର ବଦଳିଛି। କେନ୍ଦ୍ର ପକ୍ଷରୁ ଆନ୍ଦୋଳନ କରୁଥିବା ଚାଷୀଙ୍କୁ ଆଲୋଚନା ପାଇଁ ଡକାଯାଇଛି।

କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଭାଗୀରଥୀ ଚୌଧୁରୀ କହିଛନ୍ତି, "ଯଦି ଚାଷୀମାନଙ୍କର କୌଣସି ସମସ୍ୟା ରହିଛି, ତା'ହେଲେ ସେମାନେ ସରକାରଙ୍କ ସହ ଏହାର ସମାଧାନ ପାଇଁ ଆଲୋଚନା କରିପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାହାନ୍ତି ଯେ କୌଣସି ବି ଲୋକ ସମସ୍ୟାରେ ନ ରୁହନ୍ତୁ। ଯଦି ସେମାନଙ୍କର କୌଣସି ସମସ୍ୟା ରହିଛି, ଏଠାରେ ଏକାଠି ବସି ଏହା ଉପରେ ଆଲୋଚନା କରିପାରିବା। ପ୍ରତି ସମସ୍ୟାର ସମାଧାନ ଆଲୋଚନା ଦ୍ୱାରା ହୋଇପାରିବ। ସେମାନେ ପ୍ରଥମେ ସରକାରଙ୍କ ସହ କଥା ହେବା ଜରୁରୀ। ସେମାନେ ଆମର ଭାଇ।"

ଆଜି ସକାଳେ ଯେତେବେଳେ ଚାଷୀମାନେ ଶମ୍ଭୁ ବର୍ଡର ଅଭିମୁଖେ ଦିଲ୍ଲୀ ଚାଲୋ ଅଭିଯାନ ଆରମ୍ଭ କରିଥିଲେ ସେତେବେଳେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ସଂସଦରେ କହିଥିଲେ ଯେ ନରେନ୍ଦ୍ର ମୋଦି ସରକାର ଉତ୍ପାଦଗୁଡ଼ିକୁ ଏମଏସପିରେ କିଣିବାକୁ ପ୍ରତିଶ୍ରୁତିବଦ୍ଧ। ସେ କହିଥିଲେ, "ମୁଁ ଏହି ଗୃହକୁ ନିଶ୍ଚିତ କରିବାକୁ ଚାହୁଁଛି ଯେ ଚାଷୀମାନଙ୍କ ସମସ୍ତ ଦ୍ରବ୍ୟ ଏମଏସପିରେ କିଣାଯିବ। ଏହା ମୋଦି ସରକାର ଓ ଆମେ ମୋଦିଜୀଙ୍କ ଗ୍ୟାରେଣ୍ଟି ପୂରଣ କରିବୁ। ସରକାର ଉତ୍ପାଦନ ଖର୍ଚ୍ଚର ୫୦%ରୁ ଅଧିକ ଦାମରେ ଚାଷୀଙ୍କ ଉତ୍ପାଦଗୁଡ଼ିକ କିଣୁଛନ୍ତି।"

## ବୈଜ୍ଞାନିକଙ୍କ ଚେତାବନୀ

# ଜଳବାୟୁ ପରିବର୍ତ୍ତନରୁ ବିପର୍ଯ୍ୟୟ



ନୂଆଦିଲ୍ଲୀ,୬।୧୨: ଜଳବାୟୁ ପରିବର୍ତ୍ତନ ହେତୁ ଖୁବ୍ ଆର୍କଟିକ ଗ୍ଲେସିୟର ସମ୍ପୂର୍ଣ୍ଣ ଲୋପ ପାଇବାକୁ ଯାଉଛି। ଏକ ନୂତନ ଅଧ୍ୟୟନରୁ ଏହା ଜଣାପଡିଛି। ଏହାର ଅର୍ଥ ହେଉଛି ୨୦୨୭ ସୁଦ୍ଧା ପ୍ରଥମ ଥର ପାଇଁ ଏଠାରେ ଗ୍ରୀଷ୍ମ ଋତୁ ଆସିପାରେ। ଅଧ୍ୟୟନ ଅନୁଯାୟୀ, ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ହେତୁ ଆର୍କଟିକ ସମୁଦ୍ର ବରଫ ପ୍ରତି ଦଶନ୍ଧିରେ ହାରାହାରି ୧୨ ପ୍ରତିଶତରୁ ଅଧିକ ତରଳି ଯାଉଛି, ଅର୍ଥାତ୍ ଆମେ ଗୋଟିଏ ଦିନ ଆଡକୁ ଗତି କରୁଛୁ ଯେତେବେଳେ ଏହାର ପ୍ରାୟ ସମସ୍ତ ବରଫ ସାମୟିକ ଭାବରେ ଅଦୃଶ୍ୟ ହୋଇଯିବ। ଏହି ଅଧ୍ୟୟନ ନିକଟରେ ନେଚର କମ୍ୟୁନିକେଶନରେ ପ୍ରକାଶିତ ହୋଇଛି। ତଥାପି, କୁହାଯାଏ ଯେ ଯଦି ମଣିଷ କିଛି ଉନ୍ନତି ଆଣେ ତେବେ ଏହି ପ୍ରକ୍ରିୟା ୯ ରୁ ୨୦ ବର୍ଷ ବିଳମ୍ବ ହେବ। କଲୋରଡୋ ବୋଲଡର୍ ବିଶ୍ୱବିଦ୍ୟାଳୟର ଜଳବାୟୁ ବୈଜ୍ଞାନିକ ଆଲେକ୍ସଜାଣ୍ଡାର୍ ଜନ ଏବଂ ଗୋଟେନ୍‌ବର୍ଗ ବିଶ୍ୱବିଦ୍ୟାଳୟର ସେଲିନ ହ୍ୟୁଜ୍‌ଙ୍କ ସମେତ ଏକ ଅନ୍ତର୍ଜାତୀୟ ଅନୁସନ୍ଧାନକାରୀ ଦଳ ହାଇଟେକ୍ କମ୍ପ୍ୟୁଟର ମଡେଲ ବ୍ୟବହାର କରି ଏହାର ପୂର୍ବାନୁମାନ କରିଛନ୍ତି।

ଚଳିତ ବର୍ଷ, ନ୍ୟାଶନାଲ୍ ସ୍ନୋ ଏବଂ ଆଇସ୍ ଡାଟା କେନ୍ଦ୍ର ରିପୋର୍ଟ କରିଛି, ଆର୍କଟିକ ସମୁଦ୍ର ବରଫର ସର୍ବନିମ୍ନ ପରିମାଣ ୪.୨୮ ନିୟୁତ ବର୍ଗ କିଲୋମିଟର ଅଟେ, ଯାହା ୧୯୭୮ ପରଠାରୁ ସର୍ବନିମ୍ନ ସ୍ତର ଅଟେ। ଏହି ନୂତନ ଅଧ୍ୟୟନରେ, ୧୧ ଜଳବାୟୁ ମଡେଲ ଏବଂ ୨୬୬ ସିମୁଲେସନ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ କରାଯାଇଥିଲା। ଏହି ଜଳବାୟୁ ମଡେଲଗୁଡିକ ଦର୍ଶାଇଛି ଯେ, ଯଦିଓ ଗ୍ରୀନ ହାଉସ ଗ୍ୟାସ ନିର୍ଗମନ କମିଯାଏ, ୨୦୩୦ ସୁଦ୍ଧା ସମସ୍ତ ଆର୍କଟିକ ବରଫ ତରଳି ଯିବ।

# ଦାନ ବାକ୍ସରୁ ମିଳିଲା ୧ କେଜି ସୁନା ବିସ୍କୁଟ, ୨୩ କୋଟିରୁ ଅଧିକ ଟଙ୍କା



ଜୟପୁର, ୬।୧୨: ରାଜସ୍ଥାନର ଚିତ୍ତୋରଗଡ଼ରେ ଥିବା ସାନୱାଲିୟା ସେଠ୍ ମନ୍ଦିରକୁ ଦାନରେ ମିଳିଥିବା ଜିନିଷ ସମସ୍ତଙ୍କୁ ଚକିତ କରିଛି। ମନ୍ଦିରର ଦାନ ବାକ୍ସରୁ ଗୋଟିଏ ସୁନା ବିସ୍କୁଟ ମିଳିଛି। ଏହାର ଓଜନ ପ୍ରାୟ ୧ କେଜି ହେବ। ସେହିପରି ନଗଦ ୨୩ କୋଟିରୁ ଅଧିକ ଟଙ୍କା, ଗୋଟିଏ ରୁପାର ପିସ୍ତଲ ଓ ରୁପାର ହ୍ୟାଣ୍ଡକଫ ମଧ୍ୟ ମିଳିଛି। ଭଗବାନ କୃଷ୍ଣଙ୍କୁ ଏଠାରେ ପୂଜାର୍ଚ୍ଚନା କରାଯାଏ। ନିକଟରେ ଏହାର ଟ୍ରେଜେରୀ ଖୋଲା ଯାଇଥିଲା। ଏହି ସମୟରେ ସମସ୍ତଙ୍କୁ ଚକିତ କରିବା ଭଳି ଜିନିଷ ସେଥିରୁ ମିଳିଛି। ବର୍ତ୍ତମାନ ସୁଦ୍ଧା ହୋଇଥିବା ଗଣତିରୁ ୨୩ କୋଟିରୁ ଅଧିକ ଟଙ୍କା ସଂଗ୍ରହ ହୋଇସାରିଲାଣି। ସେହିପରି ୧ କେଜି ଓଜନର ସୁନା ବିସ୍କୁଟ ମଧ୍ୟ ମିଳିଛି। ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆହୁରି ଅନେକ ଛୋଟ ଛୋଟ ସୁନା ବିସ୍କୁଟ, ରୁପାର ବିଭିନ୍ନ ସାମଗ୍ରୀ ଯଥା ରୁପାର ବନ୍ଧୁକ, ଗୋଟିଏ ରୁପାର ତାଲା ଚାବି ଓ ବଂଶୀ ମଧ୍ୟ ଦେଇଛନ୍ତି। ପୂର୍ବରୁ ଏହି ମନ୍ଦିରରୁ କେବେ ହେଲେ ଏତେ ପରିମାଣର ଟଙ୍କା, ସୁନା ଓ ରୁପାର ଜିନିଷ ମିଳି ନଥିଲା। ମନ୍ଦିର କର୍ତ୍ତୃପକ୍ଷ ୨ ମାସର ବ୍ୟବଧାନ ପରେ ଦାନ ବାକ୍ସକୁ ଖୋଲିଛନ୍ତି। ଏହାକୁ ବିଭିନ୍ନ ପର୍ଯ୍ୟାୟରେ ଗଣତି କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୧.୩୪ କୋଟି ଟଙ୍କାର ଗଣତି ହୋଇପାରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୩.୬୦ କୋଟି, ତୃତୀୟ ପର୍ଯ୍ୟାୟରେ ୪.୨୭ କୋଟି ଟଙ୍କା ମିଳିଥିଲା। ବର୍ତ୍ତମାନ ସୁଦ୍ଧା ହୋଇଥିବା ଗଣତିରୁ ୨୩ କୋଟିରୁ ଅଧିକ ଟଙ୍କା ମିଳି ସାରିଲାଣି। ଗଣତି ବାକି ରହିଥିବାରୁ ଟଙ୍କାର ପରିମାଣର ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। ଟଙ୍କା ଗଣତି ହୋଇ ଥିବା ବେଳେ ଦାନ ବାକ୍ସରୁ ମିଳିଥିବା ସୁନା ଓ ରୁପା ସାମଗ୍ରୀର ମୂଲ୍ୟ ଆକଳନ କରାଯାଇ ନାହିଁ। ଗଣତି ପ୍ରକ୍ରିୟା ପ୍ରତି ମାସର ଅମାବାସ୍ୟାରେ କରାଯାଉଛି। ଏଥର ୬ରୁ ୭ଟି ପର୍ଯ୍ୟାୟରେ ଦାନ ସ୍ତମ୍ଭରୁ ମିଳିଥିବା ଜିନିଷଗୁଡ଼ିକର ଗଣତି କରାଯିବ।

# ବିଏସପି ବିହାରରେ ଏକାକି ଲଢ଼ିବ

ପାଟନା, ୬।୧୨: ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ବିହାର ବିଧାନସଭା ନିର୍ବାଚନରେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟୀ (ବିଏସପି) ଅନ୍ୟ କୌଣସି ଦଳ ସହ ଆସନ ବୁଝାମଣା କରିବ ନାହିଁ ଏବଂ ଏକାକି ସବୁ ଆସନରେ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ନିର୍ବାଚନ ପୂର୍ବରୁ ବିହାରରେ ବିଏସପି ଏହାର ସାଙ୍ଗଠନିକ ପୁନର୍ଗଠନ କରିବା ସହ ନିର୍ବାଚନର ଯଥେଷ୍ଟ ପୂର୍ବରୁ ସବୁ ଆସନ ଲାଗି ପ୍ରାର୍ଥୀ ଚୟନ କରିବ। ଦଳିତ ଓ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ଉପରେ ଆଧାରିତ ବିଏସପି ଆରଜେଡିର ଭୋଟ କାଟିବାକୁ ପ୍ରୟାସ କରିପାରେ। ଏହା ନୀତିଶ କୁମାରଙ୍କ ନେତୃତ୍ୱାଧିନ ଏନଡିଏ ଲାଗି ସହାୟକ ହୋଇପାରେ।

# ଥରିଲା କାଲିଫର୍ଣ୍ଣିଆ



ୱାଶିଂଟନ, ୬।୧୨: ଭୂମିକମ୍ପରେ ଥରିଲା ଆମେରିକାର କାଲିଫର୍ଣ୍ଣିଆ। ସ୍ଥାନୀୟ ସମୟ ୧୨ଟା ୪୦ ମିନିଟରେ ଭୂମିକମ୍ପ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୦ ରେକର୍ଡ କରାଯାଇଛି । ଏହି ଶକ୍ତିଶାଳୀ ଭୂକମ୍ପର କେନ୍ଦ୍ରସ୍ଥଳ ଫର୍ନଡେଲଠାରୁ ପାଖାପାଖି ୧୦୦ କିଲୋମିଟର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେସ୍‌ମୋଲୋ ବିଭାଗ ପକ୍ଷରୁ ସୋସିଆଲ ମିଡିଆରେ ଏନେଇ ସୂଚନା ଦିଆଯାଇଛି। ଭୂମିକମ୍ପ ପରେ ସୁନାମୀ ଆଲର୍ଟ ଜାରି କରାଯାଇଛି। କାଲିଫର୍ଣ୍ଣିଆ ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ରିଲିଫ୍ ପାଇଁ ପ୍ରସ୍ତୁତି ଚାଲିଛି।

# ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ

ଢାକା, ୬।୧୨: ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ବୌଦ୍ଧ ଏବଂ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ଉପରେ ଆକ୍ରମଣ ଏବଂ ଅତ୍ୟାଚାର ବଢ଼ି ଚାଲିଛି। ଏହାକୁ ବାଂଲାଦେଶର ସଂଖ୍ୟାଲଘୁ କମିଶନ ନିନ୍ଦା କରିବା ସହ ସରକାର ଏହା ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ବାଂଲାଦେଶ ହିନ୍ଦୁ-ବୌଦ୍ଧ-ଖ୍ରୀଷ୍ଟିଆନ ଏକତା ପରିଷଦ ପକ୍ଷରୁ ନିକଟରେ ଦେଶର ବିଭିନ୍ନ ସ୍ଥାନରେ ହିନ୍ଦୁ ସମ୍ପ୍ରଦାୟ ଉପରେ ବଢ଼ିଚାଲିଥିବା ହିଂସାକୁ ନିନ୍ଦା କରିବା ସହ ଏଥିନେଇ ଉଦବେଗ ପ୍ରକାଶ କରିଛି। ଗତ ୩ ତାରିଖ ଦିନ ମଙ୍ଗଳାରଗାଓଁ ଏବଂ ମୋନିଗାଓଁ ଇଷ୍ଟରେ ଶତାଧିକ ହିନ୍ଦୁମାନଙ୍କ ଘର ଉପରେ ଆକ୍ରମଣ କରାଯାଇ ଭଙ୍ଗାରୁଜା କରାଯାଇଛି। ଅନେକ ମହିଳା ମଧ୍ୟରେ ଏଥିରେ ଆହତ ହୋଇଛନ୍ତି। ଗୋଟିଏ ମନ୍ଦିର ମଧ୍ୟରେ କ୍ଷତିଗ୍ରସ୍ତ ହୋଇଛି। ସରକାର ତୁରନ୍ତ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏକତା ପରିଷଦ ପକ୍ଷରୁ ଦାବି କରାଯାଇଛି।

# କଂଗ୍ରେସ ସାଂସଦଙ୍କ ସିଟରେ ନୋଟ ବିଡ଼ା



ନୂଆଦିଲ୍ଲୀ, ୬।୧୨: କଂଗ୍ରେସ ସାଂସଦ ଅଭିଷେକ ମନୁ ସିଂଘଭିଙ୍କ ଆସନରେ ଟଙ୍କା ବିଡ଼ା ମିଳିବା ଘଟଣାକୁ କେନ୍ଦ୍ର କରି ଶୁକ୍ରବାର ସଂସଦରେ ହଙ୍ଗାମା ସୃଷ୍ଟି ହୋଇଛି। ଫଳରେ ରାଜ୍ୟସଭାରେ ସ୍ୱାଭାବିକ କାର୍ଯ୍ୟ ଚାଲିପାରିନାହିଁ। ହଟ୍ଟଗୋଳ ନିୟନ୍ତ୍ରଣ କରିବାରେ ବିଫଳ ହେବା ପରେ ଅଧ୍ୟକ୍ଷ ଜଗଦୀପ ଧନକଡ଼ ଗୃହକୁ ଦିନକ ପାଇଁ ମୁଲତବି ଘୋଷଣା କରିଛନ୍ତି। ଏହା ସହିତ ସାଂସଦଙ୍କ ଆସନକୁ ଏହି ଟଙ୍କା କିପରି ଆସିଲା, କିଏ ଏହାକୁ ଥୋଇଲା ତାହା ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସିସିଟିଭି ଗୁଡ଼ିକୁ ଯାଞ୍ଚ କରାଯାଉଛି। ଅଭିଷେକ ଏହି ଟଙ୍କା ତାଙ୍କର ନୁହେଁ ଏବଂ ସେ ଗୃହକୁ କେବଳ ଗୋଟିଏ ୫ ଶହ ଟଙ୍କିଆ ନୋଟ ଧରି ଆସିଥିଲେବୋଲି କହିଛନ୍ତି। ଶୁକ୍ରବାର ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକଡ଼ ଗୃହକୁ ଅବଗତ କରାଇଥିଲେ ଯେ, ଗତ କାଲି ଅଧିବେଶନ ମୁଲତବି ରହିବା ପରେ ସୁରକ୍ଷା କର୍ମୀମାନେ ରୁଟିନ ଯାଞ୍ଚ କରୁଥିଲେ। ସେତେବେଳେ ସେମାନେ କଂଗ୍ରେସ ସଦସ୍ୟ ଅଭିଷେକ ମନୁ ସିଂଘଭିଙ୍କ ଆସନରେ ଟଙ୍କା ବିଡ଼ା ଥୁଆଯାଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ତତ୍କାଳ ରାଜ୍ୟସଭା ସଚିବଙ୍କୁ ଅବଗତ କରାଇଥିଲେ। ଅଭିଷେକଙ୍କ ସିଟ ନମ୍ବର ହେଲା ୨୨୨। ସେ ତେଲେଙ୍ଗାନାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ସଭାପତି ତଥା ରାଜ୍ୟସଭା ସଦସ୍ୟ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି ଘଟଣାର ତଦନ୍ତକୁ ସେ ବିରୋଧ କରୁ

## ରାଜ୍ୟସଭାରେ ହଙ୍ଗାମା, ଗୃହ ମୁଲତବି

ନାହାଁନ୍ତି। କିନ୍ତୁ ତଦନ୍ତ ଚାଲୁଥିବା ବେଳେ ଗୃହର ଅଧ୍ୟକ୍ଷ କାହା ନାମ ନେବାର ନଥିଲା। ଅଭିଷେକ କହିଛନ୍ତି ଯେ, ସେ ଏଭଳି ଘଟଣା ଜୀବନରେ ପ୍ରଥମ ଥର ପାଇଁ ଜାଣିବାକୁ ପାଇଲେ। ସେ ଗତକାଲି ମଧ୍ୟାହ୍ନ ୧୨ଟା ୫୭ରେ ଗୃହକୁ ଆସିଥିଲେ। ଗୋଟାଏ ବେଳେ ଗୃହ ମୁଲତବି ହେଲା। ସେ ସାଢ଼େ ଗୋଟାଏରେ ସଂସଦ ଭବନ ପରିସର ଛାଡ଼ିଲେ। କିନ୍ତୁ ସେ ତାଙ୍କ ସହିତ ମାତ୍ର ୫ ଶହ ଟଙ୍କାର ଏକ ନୋଟ ଆଣିଥିଲେ। ଟଙ୍କା ବିଡ଼ା ଛାଡ଼ିଯିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ଆଜି ଗୃହର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକର ଏକ ଘୋଷଣା କରିଥିଲେ। ସେ କହିଥିଲେ ଯେ ଗତକାଲି ଗୃହର କାର୍ଯ୍ୟ ମୁଲତବୀ ରହିବା ପରେ ନିରାପତ୍ତା ରକ୍ଷୀମାନେ ସ୍ୱାଭାବିକ ଭାବେ ଗୃହର ରୁଟିନ୍ ଯାଞ୍ଚ କରିଥିଲେ। ସେହି ସମୟରେ ୨୨୨ ନମ୍ବର ସିଟ୍‌ରୁ ଟଙ୍କା ବିଡ଼ା ମିଳିଥିଲା। ଏହା ମୋ ଦୃଷ୍ଟିକୁ ଆସିବା ପରେ ମୁଁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛି। ଏହି ସିଟ୍‌ଟି ତେଲେଙ୍ଗାନାରୁ ରାଜ୍ୟସଭାକୁ ନିର୍ବାଚିତ ଅଭିଷେକ ମନୁ ସିଂହଭିଙ୍କୁ ଆବଣ୍ଟନ କରାଯାଇଛି।

# ୭୦ ହଜାର ଦେଲେ ମିଳୁଛି ଡାକ୍ତରୀ ଡିଗ୍ରୀ

## ମୁଖ୍ୟ ଅଭିଯୁକ୍ତ ସହ ୧୪ ନକଲି ଡାକ୍ତର ଗିରଫ

ସୁରଟ, ୬।୧୨: ୭୦ ହଜାର ଟଙ୍କା ନେଉଥିଲେ, ଡାକ୍ତରୀ ଡିଗ୍ରୀ ଦେଉଥିଲେ। ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ଲୋକେ ମଧ୍ୟ ଏହି ସାର୍ଟିଫିକେଟ କିଣି ପାଲଟି ଥିଲେ ଡାକ୍ତର । ଏଭଳି ଏକ ରାକେଟକୁ ଧରିବାରେ ସଫଳ ହୋଇଛି ଗୁଜରାଟର ସୁରଟ ପୁଲିସ। ଏହି ଗ୍ୟାଙ୍ଗର ମୁଖ୍ୟଙ୍କ ସହିତ ଟଙ୍କା ଦେଇ ଡାକ୍ତରୀ ଡିଗ୍ରୀ କିଣିଥିବା ୧୪ ନକଲି ଡାକ୍ତରଙ୍କୁ ଗିରଫ କରିଛି ପୁଲିସ। ଏହି ଗ୍ୟାଙ୍ଗର ଡାଟାବେସ୍‌ରେ ୧୨୦୦ଟି ନକଲି ଡାକ୍ତରୀ ଡିଗ୍ରୀ ଥିବା ଜଣାପଡ଼ିଛି। ଏହି ଗ୍ୟାଙ୍ଗର ମୁଖ୍ୟ ତଥା ମୁଖ୍ୟ ଅଭିଯୁକ୍ତଙ୍କ ନାଁ ଡାକ୍ତର ରମେଶ ଗୁଜରାଟୀ। ପୁଲିସର ସୂଚନା ଅନୁଯାୟୀ, ରମେଶ ଗୁଜରାଟୀ ଦେଖିଲେ ଯେ ଭାରତରେ ଇଲେକ୍ଟ୍ରୋ ହୋମିଓପାଥି ନେଇ କୌଣସି ନିୟମ ନାହିଁ। ତେଣୁ ସେ ଏକ ବୋର୍ଡ ଗଠନ କରି ଏହି ପାଠ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରିବାକୁ ଯୋଜନା କଲେ। ସେଥିପାଇଁ ସେ ୫ ଜଣ ଲୋକଙ୍କୁ ନିଯୁକ୍ତ କଲେ ଓ ସେମାନଙ୍କୁ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସା ସଂପର୍କରେ ପ୍ରଶିକ୍ଷଣ ଦେଲେ। ତିନି ବର୍ଷରୁ କମ୍ ସମୟ ମଧ୍ୟରେ ସେମାନଙ୍କର ପ୍ରଶିକ୍ଷଣ ଶେଷ ହୋଇଥିଲା। ରୋଗୀଙ୍କୁ ଇଲେକ୍ଟ୍ରୋ ହୋମିଓପାଥି ମେଡିସିନି କେମିତି ଦିଆଯିବ, ସେ ନେଇ ସେମାନେ ପ୍ରଶିକ୍ଷଣ ନେଇଥିଲେ। ଯେତେବେଳେ ଏହି ନକଲି ଡାକ୍ତରମାନେ ଦେଖିଲେ ଯେ ଲୋକମାନେ ଇଲେକ୍ଟ୍ରୋ ହୋମିଓପାଥି ପ୍ରତି ଆକୃଷ୍ଟ ହେଉଛନ୍ତି, ସେତେବେଳେ ସେମାନେ ଯୋଜନା ପରିବର୍ତ୍ତନ କରିଦେଲେ ଓ ଲୋକଙ୍କଠାରୁ ଟଙ୍କା ନେଇ ସେମାନଙ୍କୁ ମିଛ ଡିଗ୍ରୀ ବିକିବା ଆରମ୍ଭ କରି ଦେଲେ। ସେମାନଙ୍କର ସଂସ୍ଥା (ବୋର୍ଡ ଅଫ୍ ଇଲେକ୍ଟ୍ରୋ ହୋମିଓପାଥି, ଗୁଜରାଟ) ରାଜ୍ୟ ସରକାରଙ୍କ ଆୟୁଷ ବିଭାଗ ସହିତ ଚୁକ୍ତି କରିଛି ବୋଲି ସେମାନେ ଲୋକଙ୍କୁ କହିଥିଲେ। ଡାକ୍ତରୀ ଡିଗ୍ରୀ ପ୍ରଦାନ କରିବାକୁ ଓ ପ୍ରଶିକ୍ଷଣ ଦେବାକୁ ସେମାନେ ପ୍ରତ୍ୟେକ ଲୋକଙ୍କଠାରୁ ୭୦ ହଜାର ଟଙ୍କା ନେଉଥିଲେ। ଏହା ସହିତ ସେମାନେ ସେହି ନକଲି ଡାକ୍ତରମାନଙ୍କୁ କହୁଥିଲେ ଯେ ସେମାନେ ଏହି ସାର୍ଟିଫିକେଟ ଦ୍ୱାରା ଏଲୋପାଥି ଓ ହୋମିଓପାଥି ଚିକିତ୍ସା କରିପାରିବେ। ଟଙ୍କା ପାଇବାର ୧୫ ଦିନ ମଧ୍ୟରେ ଡିଗ୍ରୀ ପ୍ରଦାନ କରୁଥିଲା ଏହି ଗ୍ୟାଙ୍ଗ। କିନ୍ତୁ ଉକ୍ତ ଡିଗ୍ରୀର ବୈଧ ଅବଧି ରହିଥିଲା। ପ୍ରତିବର୍ଷ ସେଗୁଡ଼ିକର ନବୀକରଣ କରିବାକୁ ସେମାନେ କହୁଥିଲେ ଓ ଏହା ବାବଦକୁ ୫ ହଜାରରୁ ୧୫ ହଜାର ଟଙ୍କା ଦାବି କରୁଥିଲେ। ଯଦି କୌଣସି ନକଲି ଡାକ୍ତର ନବୀକରଣ ଫି' ଦେଉ ନଥିଲେ, ତା'ହେଲେ ଗ୍ୟାଙ୍ଗର ସଦସ୍ୟମାନେ ସେମାନଙ୍କୁ ଧମକଚମକ ଦେଉଥିଲେ। ଶୋଭିତ ଓ ଇର୍ଫାନ ନାମକ ଦୁଇ ଜଣ ଏହି କାମ କରୁଥିଲେ ବୋଲି ଗିରଫ ନକଲି ଡାକ୍ତରମାନେ କହିଛନ୍ତି। ଆହୁରି ମଧ୍ୟ ଏହି ନକଲି ଡାକ୍ତରଙ୍କ ଡିଗ୍ରୀଗୁଡ଼ିକୁ ଏକ ନକଲି ୱେବସାଇଟ୍‌ରେ ପଞ୍ଜୀକରଣ କରାଯାଉଥିଲା।

ଏହି ଗ୍ୟାଙ୍ଗରୁ ନକଲି ଡାକ୍ତରୀ ଡିଗ୍ରୀ ନେଇ ଏଲୋପାଥି ଚିକିତ୍ସା କରୁଥିବା ତିନି ନକଲି ଡାକ୍ତରଙ୍କୁ ପ୍ରଥମେ ପୁଲିସ ଧରିଥିଲା। ସେମାନଙ୍କ ସଂପର୍କରେ ସୁରଟ ପୁଲିସ କୌଣସି ସୂତ୍ରରୁ ସୂଚନା ପାଇଥିଲା। ପ୍ରଥମେ ସେମାନଙ୍କ କ୍ଲିନିକ୍ ଉପରେ ପୁଲିସ ଚଢ଼ାଉ କରିଥିଲା। ପଚରାଉଚରା ବେଳେ ସେମାନେ ପାଠପଢ଼ିଥିବା ଓ ବୋର୍ଡ ଅଫ୍ ଇଲେକ୍ଟ୍ରୋ ହୋମିଓପାଥି, ଗୁଜରାଟରୁ ସାର୍ଟିଫିକେଟ୍ ପାଇଥିବା କହିଥିଲେ। ତେବେ ଗୁଜରାଟ ସରକାର ସେମିତି କୌଣସି ପାଠ୍ୟକ୍ରମ ବ୍ୟବସ୍ଥା କରି ନାହାନ୍ତି ବୋଲି ପୁଲିସ ସେମାନଙ୍କୁ କହିଥିଲା।

## ରାହୁଲଙ୍କ ନାଗରିକତା ମାମଲା

# କେନ୍ଦ୍ରକୁ ଜବାବ ମାଗିଲେ ଦିଲ୍ଲୀ ହାଇକୋର୍ଟ



ନୂଆଦିଲ୍ଲୀ, ୬।୧୨: କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ନାଗରିକତା ମାମଲାରେ କେନ୍ଦ୍ରକୁ ଜବାବ ମାଗିଛନ୍ତି ଦିଲ୍ଲୀ ହାଇକୋର୍ଟ। ରାହୁଲ ଗାନ୍ଧିଙ୍କ ଭାରତୀୟ ନାଗରିକତାର ସ୍ଥିତାବସ୍ଥା ଉପରେ ସ୍ପଷ୍ଟୀକରଣ ଦେବାକୁ ବିଜେପି ନେତା ସୁବ୍ରମଣିୟନ ସ୍ୱାମୀ ଗୋଟିଏ ଆବେଦନ ହାଇକୋର୍ଟରେ ଦାଖଲ କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ କେନ୍ଦ୍ରକୁ ଜବାବ ମାଗିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଭୁ ବାଖ୍ରୁ ଓ ଜଷ୍ଟିସ ତୁଷାର ରାଓ ଗେଲେଲାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଓକିଲଙ୍କୁ ମାମଲା ସମ୍ପର୍କରେ ତଥ୍ୟ ହାସଲ କରିବାକୁ କହିଛନ୍ତି। ଖଣ୍ଡପୀଠ କହିଛନ୍ତି, "ଆମେ କୌଣସି ନିର୍ଦ୍ଦେଶ ପାରିତ କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ଓକିଲଙ୍କ ଠାରୁ ମାମଲା ସମ୍ପର୍କରେ ତଥ୍ୟ ଚାହୁଁଛୁ।" ପ୍ରାରମ୍ଭିକ ପର୍ଯ୍ୟାୟରେ କୋର୍ଟ ନୋଟିସ କରିବାକୁ ଇଚ୍ଛା ପ୍ରକାଶ କରି ନଥିଲେ। କିନ୍ତୁ କେନ୍ଦ୍ର ସରକାରଙ୍କ ପ୍ରକ୍ସି ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ ଯେ ପୂର୍ବରୁ ମାମଲାରେ କେନ୍ଦ୍ରର ପକ୍ଷ ରଖୁଥିବା ଓକିଲ ଏବେ ବରିଷ୍ଠ ଓକିଲର ମାନ୍ୟତା ପାଇସାରିଛନ୍ତି। ତେଣୁ ଆଉ ଜଣେ ଓକିଲଙ୍କର ନିଯୁକ୍ତି ଆବଶ୍ୟକ ରହିଛି। ଏହା ଶୁଣିବା ପରେ ଖଣ୍ଡପୀଠ ଆବେଦନର ଶୁଣାଣି ୨୦୨୫ ମସିହା ଜାନୁଆରୀ ୧୩ରେ ହେବ ବୋଲି କହିଛନ୍ତି। ସ୍ୱାମୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟ ସାଭାରୱାଲ ଏପରି ଆବେଦନ କରିଛନ୍ତି। ତାଙ୍କ କହିବା କଥା ଯେ ରାହୁଲ ଗାନ୍ଧି ଭାରତର ନାଗରିକ ହେବା ସହ ତାଙ୍କ ପାଖରେ ବ୍ରିଟେନର ନାଗରିକତା ମଧ୍ୟ ରହିଛି। ହେଲେ ଏହାକୁ ସେ ସାର୍ବଜନୀନ କରିନାହାନ୍ତି।

# ସୀମାରେ ବାଂଲାଦେଶର ଡ୍ରୋନ୍, ହାଇ ଆଲର୍ଟରେ ଭାରତ

ନୂଆଦିଲ୍ଲୀ,୬।୧୨: ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଦେଶର ସେନା କ୍ଷମତାଚ୍ୟୁତ କରିବା ପରେ ଭାରତ ସହିତ ବାଂଲାଦେଶର ସମ୍ପର୍କ ଖରାପ ହୋଇଛି। ବାଂଲାଦେଶରେ ଅଳ୍ପସଂଖ୍ୟକ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇଛି ଏବଂ ଭାରତ ପ୍ରତି ବାଂଲାଦେଶ ଲୋକମାନଙ୍କର ଆକ୍ରୋଶମୂଳକ ବ୍ୟବହାର ସହିତ ଅନେକ ହିଂସାତ୍ମକ ମନ୍ତବ୍ୟ ମଧ୍ୟ ଦେଖିବାକୁ ମିଳିଛି। ଏହାରି ମଧ୍ୟରେ ପଡୋଶୀ ବାଂଲାଦେଶ ପଶ୍ଚିମବଙ୍ଗ ସୀମା ନିକଟରେ ତୁର୍କୀ ନିର୍ମିତ ଡ୍ରୋନ୍ ମୁତୟନ କରି ସର୍ଭିଲାନ୍ସ ଜୋରଦାର କରିଛି ବୋଲି ସୂତ୍ରରୁ ଖବର ପ୍ରକାଶ ପାଇଛି। ଶେଖ ହସିନାଙ୍କ ଆୱାମୀ ଲିଗ୍ ସରକାରଙ୍କ ପତନ ପରେ ସୀମାନ୍ତ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପର ବୃଦ୍ଧି ପାଉଥିବା ଗୋଇନ୍ଦା ସୂଚନା ମିଳିବା ପରେ ଏହି ଅଗ୍ରଗତି ଘଟିଛି।



ସୂତ୍ରରୁ ପ୍ରକାଶ ଯେ ଭାରତ ସୀମା ନିକଟରେ ବାଇରାକ୍ଟର ଟିବି୨ ମାନବ ବିହୀନ ବିମାନ ଯାନ (ୟୁଏଭି) ନିୟୋଜନ ସମ୍ପର୍କରେ ସେନା ରିପୋର୍ଟ ଯାଞ୍ଚ କରୁଛି। ଗୋଇନ୍ଦା, ସର୍ଭିଲାନ୍ସ ଏବଂ ଅନୁସନ୍ଧାନ ମିଶନ ପାଇଁ ଏହି ଡ୍ରୋନଗୁଡ଼ିକ ବାଂଲାଦେଶର ସେନା ଦ୍ୱାରା ପରିଚାଳନା କରାଯାଉଛି। ବାଂଲାଦେଶ ଏହି ନିୟୋଜନ ପ୍ରତିରକ୍ଷା ଉଦ୍ଦେଶ୍ୟରେ ବୋଲି ଦାବି କରୁଥିବାବେଳେ ଏଭଳି ଆଡ଼ଭାନ୍ସ ଡ୍ରୋନ୍ ଗୁଡିକ ଏଭଳି ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ କରିବାର ରଣନୀତିକ ଉଦ୍ଦେଶ୍ୟକୁ ଭାରତ ଅଣଦେଖା କରିବ ନାହିଁ। ଗୋଇନ୍ଦା ସୂଚନା ଅନୁଯାୟୀ ହାସିନାଙ୍କ କାର୍ଯ୍ୟକାଳ ମଧ୍ୟରେ ଦୁର୍ବଳ ହୋଇଯାଇଥିବା ଉଗ୍ରବାଦୀ ଶକ୍ତିମାନେ ଭାରତୀୟ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ପୁନର୍ବାର ଶକ୍ତି ଜୁଟାଇଲେଣି। ଇନପୁଟରେ ଉଲ୍ଲେଖ କରାଯାଇଛି ଯେ ଆତଙ୍କବାଦୀ ଗୋଷ୍ଠୀ ଏବଂ ଚୋରା ଚାଲାଣ ନେଟୱାର୍କ ବାଂଲାଦେଶରେ ରାଜନୈତିକ ଅସ୍ଥିରତାକୁ ଭାରତରେ ଅନୁପ୍ରବେଶ କରାଉଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ବାଂଲାଦେଶ ପାଇଥିବା ବାଇରାକ୍ଟର ଟିବି ୨ ଡ୍ରୋନ୍ ଏହାର ତଦାରଖ ଏବଂ ହାଲୁକା ଷ୍ଟ୍ରାଇକ୍ ଅପରେସନ୍ କରିବାର କ୍ଷମତା ବଢ଼ିଛି। ବାଂଲାଦେଶର ଡିଫେନ୍ସ ଟେକ୍ନୋଲୋଜି (ଡିଟିବି) ଅନୁଯାୟୀ, ମୁତୟନ ହୋଇଥିବା ୧୨ ଟି ଡ୍ରୋନ ମଧ୍ୟରୁ ୬ ଟି କାର୍ଯ୍ୟକ୍ଷମ କରାଯାଇଛି। ବାଂଲାଦେଶରେ ଜାରି ରହିଥିବା ଅଶାନ୍ତିକର ସ୍ଥିତି ମଧ୍ୟରେ ସଶସ୍ତ୍ର ବାହିନୀ ପୂର୍ବରୁ ସଜାଗ ରହିଛନ୍ତି ଏବଂ ନୂତନ ଡ୍ରୋନ୍ ନିୟୋଜନ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ କହିଛନ୍ତି ଯେ ଆମେ ପରିସ୍ଥିତିକୁ ତୀକ୍ଷ୍ଣ ନଜର ରଖିଛୁ ଏବଂ ଆମର ସୀମାର ସୁରକ୍ଷା ତଥା ନିରାପତ୍ତାକୁ ନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବୁ। ବାଂଲାଦେଶର ସ୍ଥିତିକୁ ନଜରରେ ରଖିବା ପାଇଁ ଭାରତ ମଧ୍ୟ ଗୁପ୍ତଚର ସୂଚନା ପ୍ରଦାନ କରିବା ଏବଂ ଆନ୍ତର୍ଜାତୀୟ ଭାଗିଦାରୀମାନଙ୍କ ସହ ସହଯୋଗ କରୁଛି।

# ହାଇବ୍ରିଡ୍ ମଡେଲ ପାଇଁ ପାକିସ୍ତାନ ରାଜି





**ମୁମ୍ବାଇ,୬।୧୨:** ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ହେବାର ରାସ୍ତା ଏକ ପ୍ରକାର ପରିଷ୍କାର ହୋଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ପାକିସ୍ତାନରେ ଆୟୋଜିତ ହେବନାହିଁ। ଭାରତ ପାକିସ୍ତାନ ଗସ୍ତ ନ କରୁଥିବାରୁ ହାଇବ୍ରିଡ୍ ମଡେଲରେ ଏହା ଅନୁଷ୍ଠିତ ହେବ। ଭାରତ ଏହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ। ତେବେ ପାକିସ୍ତାନ ଏହି ହାଇବ୍ରିଡ୍ ମଡେଲ ଗ୍ରହଣ କରିଥିଲା ବେଳେ ଭାରତକୁ ମଧ୍ୟ ଅମକୁଏହି ମଡେଲ ଗ୍ରହଣ କରିବାକୁ ପଡିବ। ପିଟିଆଇ ରିପୋର୍ଟ ଅନୁଯାୟୀ ଜୟ ଶାହାଙ୍କ ନେତୃତ୍ୱାଧୀନ ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏବଂ ଏହାର ସଦସ୍ୟ ଦେଶମାନେ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆୟୋଜନ କରିବାର ହାଇବ୍ରିଡ୍ ମଡେଲ୍ ସହିତ ଆଗକୁ ବଢ଼ିବାକୁ ସହମତ ହୋଇଛନ୍ତି। ତେବେ ଏଥିରେ ଭାରତ ପାଇଁ ଏକ କେଁ ରହିଯାଇଛି। ୨୦୨୭ ପର୍ଯ୍ୟନ୍ତ ସମସ୍ତ ଆଇସିସି ଇଭେଣ୍ଟରେ ହୋଷ୍ଟିଂର ସମାନ 'ହାଇବ୍ରିଡ୍ ମଡେଲ୍' ବ୍ୟବହୃତ ହେବ। ଯେତେବେଳେ କି ୨୦୨୫ ଚାମ୍ପିଅନ୍ସ ଟ୍ରଫି ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚରେ ଅନୁଷ୍ଠିତ ହେବ। ତେବେ ୨୦୨୫ ରୁ ୨୦୨୭ ଅବଧି ମଧ୍ୟରେ ଭାରତ ଏବଂ ଶ୍ରୀଲଙ୍କା ମିଶି ମହିଳା ଦିନିକିଆ ବିଶ୍ୱକପ୍ ଏବଂ ପୁରୁଷ ଟି-୨୦ ବିଶ୍ୱକପ ଆୟୋଜନ କରିବେ। ହୋଷ୍ଟିଂ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ହାଇବ୍ରିଡ୍ ମଡେଲ୍ ନଥିଲେ ୨୦୨୬ ମସିହାରେ ପାକିସ୍ତାନ ଭାରତ ଯାତ୍ରା କରିବାକୁ ବାଧ୍ୟ ହୋଇଥାନ୍ତା। ଯଦି ଉପରୋକ୍ତ ରିପୋର୍ଟଟି ସତ, ତେବେ ଭାରତ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ପଡୋଶୀ ଶ୍ରୀଲଙ୍କାରେ ଖେଳିପାରେ। ଅର୍ଥାତ ସ୍ଥିତି ଏପାରିହେବ ଯେ, ଭାରତ ଟୁର୍ଣ୍ଣାମେଣ୍ଟ ଆୟୋଜନ ପରେ ମଧ୍ୟ ଘରୋଇ ମ୍ୟାଚ୍ ଖେଳିବା ପାଇଁ ଅନ୍ୟ ଦେଶକୁ ଯାତ୍ରା କରିବାକୁ ପଡିବ। ୨୦୨୬ ପୁରୁଷ ଟି -୨୦ ବିଶ୍ୱକପ ସମୟରେ ପାକିସ୍ତାନ ଶ୍ରୀଲଙ୍କାରେ ଏହାର ମ୍ୟାଚ୍ ଖେଳିବ। ତେବେ ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ ମଡେଲ ଗ୍ରହଣ କରିବା ପାଇଁ ପିସିବି ଦ୍ୱାରା ମଗାଯାଇଥିବା କ୍ଷତିପୂରଣ ଏବେବି ବିଚାରକୁ ନିଆଯାଉଛି ବୋଲି ସୂତ୍ରରୁ ପ୍ରକାଶ।

ଏହି ବ୍ୟବସ୍ଥାରେ ରାଜି ହେବା ଅର୍ଥ ହେଉଛି ଯେ ଭାରତୀୟ ମହିଳା ଦଳ ପାକିସ୍ତାନ ବିପକ୍ଷରେ ଲିଗ୍ ମ୍ୟାଚ୍ ଖେଳିବା ପାଇଁ ଏକ ନିରପେକ୍ଷ ସ୍ଥାନକୁ ଯାତ୍ରା କରିବାକୁ ପଡିବ, ଯଦି କାର୍ଯ୍ୟସୂଚୀ ଅନୁଯାୟୀ ଏହା ଆବଶ୍ୟକ ହେବ ଯାହା ଏପର୍ଯ୍ୟନ୍ତ ବାହାରକୁ ଆସିବ ନାହିଁ। ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଭାରତ ପାକିସ୍ତାନ ଗସ୍ତ କରି ନାହିଁ, ଯେଉଁଥିରେ ୧୫୦ ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଦୁଇ ଦେଶ ମଧ୍ୟରେ ଶେଷ ଦ୍ୱିପାକ୍ଷିକ ସିରିଜ ୨୦୧୨ ରେ ଖେଳା ରେଯାଇଥିଲା।



## ୧୦ବର୍ଷ ହେଲାଣି କିଭଳି ନିଜକୁ ଫିଟ୍ ରଖୁଛନ୍ତି ବିରାଟ

**ନୂଆଦିଲ୍ଲୀ, ୬।୧୨:** କ୍ରିକେଟରେ ବିରାଟ କୋହଲିଙ୍କ ଅବିଶ୍ୱସନୀୟ ସଫଳତାରେ ତାଙ୍କ ଫିଟନେସ୍ ଏବଂ ସ୍ଥିରତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଟିମ୍ ଇଣ୍ଡିଆର ଏହି ଷ୍ଟାର ଖେଳାଳି ବର୍ତ୍ତମାନ ଅଷ୍ଟ୍ରେଲିଆ ଗସ୍ତରେ ଅଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ କୋହଲି ନିଜର ୮୧ତମ ଶତକ ହାସଲ କରି ଅଷ୍ଟ୍ରେଲିଆ ବିପକ୍ଷ ୫ମ୍ୟାଚ୍ ସିରିଜର ପ୍ରଥମ ଟେଷ୍ଟ ମ୍ୟାଚରେ ଶତକ କରିଥିଲେ। ୩୬ବର୍ଷ ବୟସରେ ମଧ୍ୟ ବିରାଟ କୋହଲି ବହୁତ ଫିଟ୍। ଏହା ବିରାଟଙ୍କ ପାଇଁ ସହଜ ନଥିଲେ ବି ସେ ନିଜକୁ ଫିଟ୍ ରଖିବା ପାଇଁ ନିଜର ପ୍ରିୟ ଖାଦ୍ୟ ଛାଡ଼ିଛନ୍ତି। ଏହା ବିଷୟରେ ଜଣାଇଛନ୍ତି ବିରାଟଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା। ସୋସିଆଲ ମିଡିଆରେ ଏବେ ଏକ ଭିଡିଓ ଭାଇରାଲ ହେଉଛି। ଏହି ଭିଡିଓରେ ଅନୁଷ୍କା ଶର୍ମା ତାଙ୍କ କ୍ରିକେଟର ସ୍ୱାମୀ ବିରାଟ କୋହଲିଙ୍କ ସ୍ୱାସ୍ଥ୍ୟ ଏବଂ ତାଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମ ବିଷୟରେ କହୁଛନ୍ତି। ଅଭିନେତ୍ରୀ ଅନୁଷ୍କା କହୁଛନ୍ତି ଯେ, 'ଏବେ ସମସ୍ତେ ସଜାଗ ହେଲେଣି। କ୍ରିକେଟରଙ୍କ ସହ ମୁଁ ଭାବୁଛି ଆମ ଇଣ୍ଡଷ୍ଟ୍ରିରେ ମଧ୍ୟ କଳାକାରମାନେ ନିଜକୁ ଫିଟ୍ ରଖିବା ଆରମ୍ଭ କଲେଣି। ବିରାଟଙ୍କ କଥା ଯଦି କହିବି, ତେବେ ସେ ପ୍ରତିଦିନ ସକାଳୁ ଉଠି ବ୍ୟାୟାମ କରିବାକୁ ଭୁଲନ୍ତି ନାହିଁ। ସେ ମିଠା ଖାଆନ୍ତି ନାହିଁ କି ବାହାରର ଜଙ୍କ୍ ଫୁଡ୍ ଖାଆନ୍ତି ନାହିଁ। ନିଜକୁ ଫିଟ୍ ରଖିବା ପାଇଁ ସେ ୧୦ବର୍ଷ ହେଲାଣି ବଟର ଚିକେନ୍ ଛାଡ଼ିଲେଣି। ସେ ନିଜ ନିଦ ସହିତ ଆପୋଷ ବୁଝାମଣା କରନ୍ତି ନାହିଁ। ବିଶ୍ରାମ ସମୟରେ ସେ ସମ୍ପୂର୍ଣ୍ଣ ବିଶ୍ରାମ କରନ୍ତି।

### ସୟଦ୍ ମୁସ୍ତାକ୍ ଅଲୀ ଟ୍ରଫି

## ଟ୍ୱେଣ୍ଟି-୨୦ରେ ସର୍ବୋଚ୍ଚ ସ୍କୋର୍

- ବରୋଦାର ବିଶ୍ୱ କୀର୍ତ୍ତିମାନ
- ୨୦ ଓଭରରେ କଲା ୩୪୯/୫
- ଅଭିଷେକଙ୍କ ଦ୍ରୁତତମ ଶତକ ରେକର୍ଡ
- ଚଣ୍ଡିଗଡ଼ଠୁ ହାରିଲା ଓଡ଼ିଶା

**ଇନ୍ଦୋର, ୬।୧୨:** ଗୁରୁବାର ଖେଳାଯାଇଥିବା ସୟଦ ମୁସ୍ତାକ ଅଲୀ ଟ୍ରଫିରେ ବରୋଦା ବିଶ୍ୱ କୀର୍ତ୍ତିମାନ କରିଛି। ସିକିମ ବିପକ୍ଷ ଏହି ଟ୍ୱେଣ୍ଟି-୨୦ ମ୍ୟାଚ୍‌ରେ ବରୋଦା ଭାନୁ ପନିଆ (୫୧ବଲ୍‌ରୁ ୧୩୪* ରନ୍)ଙ୍କ ଅପରାଜିତ ବିସ୍ଫୋରକ ଶତକ ବଳରେ ୫ ଓ୍ୱିକେଟ୍ ହରାଇ ୩୪୯ ରନ୍ କରିଛି। ଯାହା ଟ୍ୱେଣ୍ଟି-୨୦ କ୍ରିକେଟ୍‌ରେ ସର୍ବୋଚ୍ଚ ସ୍କୋର୍ ହୋଇଛି। ପୂର୍ବରୁ ଏହି କୀର୍ତ୍ତିମାନ ଜିମ୍ବାୱେ (୩୪୪/୪) ନାଁରେ ଥିଲା। ଏଥିସହ ଏହି ମ୍ୟାଚ୍‌ରେ ସର୍ବାଧିକ ୩୭ଟି ଛକା ଦେଖିବାକୁ ମିଳିଛି। ଏହାମଧ୍ୟରୁ ଭାନୁ ୧୫ଟି ଛକା ମାରିଥିଲେ। ଅଧିନାୟକ କ୍ରୁନାଲ ପାଣ୍ଡ୍ୟା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲେ। ଦୁଇ ଓପନର୍ ଅଭିମନ୍ୟୁ ସିଂହ ରାଜପୁତ (୫୩, ୧୭ ବଲ୍, ୪ ଚୌକା, ୫ ଛକା) ଓ ଶାଶ୍ୱତ ରାୱତ (୪୩, ୧୬ ବଲ୍, ୪ ଚୌକା, ୪ ଛକା) ୫.୧ ଓଭରରେ ୯୨ ରନ୍ ଯୋଡ଼ି ଦୃଢ଼ ମୂଳଦୁଆ ପକାଇଥିଲେ। ଏହାପରେ ଭାନୁ ତୃତୀୟ ଓ ଚତୁର୍ଥ ଓ୍ୱିକେଟ୍‌ରେ ଯଥାକ୍ରମେ ଶିବାଲିକ୍ ଶର୍ମା (୫୫, ୧୭ ବଲ୍, ୩ ଚୌକା, ୬ ଛକା) ଓ ବିଷ୍ଣୁ ସୋଲାଙ୍କି (୫୦, ୧୬ ବଲ୍, ୨ ଚୌକା, ୬ ଛକା)ଙ୍କ ବଡ଼ ଭାଗୀଦାରି ଗଢ଼ି ଦଳୀୟ ସ୍କୋର୍ ୩୦୦ ପାର୍ କରିଥିଲେ। ଜବାବରେ ସିକ୍କିମ ୭ ଓ୍ୱିକେଟ୍ ହରାଇ ୮୬ ରନ୍ କରି ୨୬୩ ରନ୍‌ରେ ହାରିଥିଲା। ସେହିଭଳି ମେଘାଳୟ ବିପକ୍ଷ ମ୍ୟାଚ୍‌ରେ ପଞ୍ଜାବ ତଥା ଭାରତୀୟ ବ୍ୟାଟର୍ ଅଭିଷେକ ଶର୍ମା ଟ୍ୱେଣ୍ଟି-୨୦ରେ ଦ୍ରୁତତମ ଶତକ ହାସଲ କରିବାର ଭାରତୀୟ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ୨୮ ବଲ୍‌ରୁ ଶତକ ଅର୍ଜନ କରି ସେ ଗୁଜରାଟର ଉର୍ଭିଲ ପଟେଲଙ୍କ ସହ ସମକକ୍ଷ ହୋଇଛନ୍ତି। ଉର୍ଭିଲ ଇନ୍ଦୋରରେ ତ୍ରିପୁରା ବିପକ୍ଷରେ ସେହି ୨୮ ବଲ୍‌ରୁ ଶତକ ଅର୍ଜନ କରି ଟ୍ୱେଣ୍ଟି-୨୦ରେ ଶତକ ଅର୍ଜନରେ ଦ୍ରୁତତମ ଭାରତୀୟ ହୋଇଥିଲେ। ଆଜି ଖେଳିଥିବା ନିଜ ପାଳିରେ ୨୪ ବର୍ଷୀୟ ଅଭିଷେକ ୨୯ ବଲ୍‌ରୁ ୧୦୬ ରନ୍ କରିଥିଲେ। **କଟ:** ସୟଦ୍ ମୁସ୍ତାକ୍ ଅଲୀ ଟ୍ରଫିରେ ଗୁରୁବାର ଓଡ଼ିଶା ୨ ଓ୍ୱିକେଟ୍‌ରେ ଚଣ୍ଡିଗଡ଼ଠୁ ପରାସ୍ତ ହୋଇଛି। ବିଜୟନଗରମ୍‌ସ୍ଥିତ ଡକ୍ଟର ପିଭିଜି ରାଜୁ ଏସିଏ ସ୍ପୋର୍ଟସ କମ୍ପ୍ଲେକ୍ସରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ସୁଯୋଗ ପାଇଥିବା ଓଡ଼ିଶା ୭ ଓ୍ୱିକେଟ୍ ହରାଇ ୨୦୫ ରନ୍ କରିଥିଲା। ଗୌରବ ଚୌଧୁରୀ (୭୪, ୩୯ ବଲ୍, ୪ ଚୌକା, ୬ ଛକା) ଅର୍ଦ୍ଧଶତକ ଅର୍ଜନ କରିଥିଲା ବେଳେ ଆଶୀର୍ବାଦ ସ୍ୱାଇଁ ୪୩* (୨୨ ବଲ୍, ୩ ଚୌକା, ୩ ଛକା) ରନ୍ କରିଥିଲେ। ଚଣ୍ଡିଗଡ଼ର ରାଜ ବାୱା, ନିଖିଲ ଶର୍ମା ଓ ଜଗଜିତ ସିଂହ ୨ଟି ଲେଖାଏଁ ଓ୍ୱିକେଟ୍ ନେଇଥିଲେ। ଜବାବରେ ଗଣ୍ଡିଗଡ଼ ୧୯.୫ ଓଭର ୮ ଓ୍ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା।

# ଗୋଟିଏ ଦିନରେ ବୁମରା, ରବୀନ୍ଦ୍ର ଜାଡେଜା, ଶ୍ରେୟାସ ଓ ଆରପି ସିଂହଙ୍କ ଜନ୍ମଦିନ




**ନୂଆଦିଲ୍ଲୀ,୬।୧୨:** କ୍ରିକେଟ ଜଗତ ପାଇଁ ଡିସେମ୍ବର ୬ ତାରିଖ ବହୁତ ଖାସ୍। ଏହି ଦିନ କେବଳ ଜଣେ ନୁହଁନ୍ତି ବରଂ ୪ ଜଣ ଷ୍ଟାର କ୍ରିକେଟରଙ୍କ ଜନ୍ମଦିନ। ଏହି ଲିଷ୍ଟରେ ଭାରତର ଷ୍ଟାର କ୍ରିକେଟର ଯଶପ୍ରୀତ ବୁମରା, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ଶ୍ରେୟାସ ଆୟର ଓ ଆରପି ସିଂହ ରହିଛନ୍ତି। ଏହି ୪ ଖେଳାଳି ଜଣଙ୍କଠୁ ବଳି ଜଣେ। ନିଜ ନିଜ ଦକ୍ଷତାରେ ସଫଳ ସାବ୍ୟସ୍ତ ହୋଇଛନ୍ତି ଏହି ୪ ଷ୍ଟାର ପ୍ଲେୟାର। ଭାରତୀୟ କ୍ରିକେଟର ଗର୍ବ ଓ ଗୌରବ ୪ ଖେଳାଳି ଗୋଟିଏ ଦିନରେ ଜନ୍ମଦିନ ପାଳିଛନ୍ତି। ଫ୍ୟାନ୍ସଙ୍କ ନିକଟରୁ କ୍ରିକେଟରଙ୍କୁ ଛୁଟିଛି ଶୁଭେଚ୍ଛା। **ଯଶପ୍ରୀତ ବୁମରା:** ବୁମ୍ ବୁମ୍ ବୁମରା ଟ୍ୟାଗ ପାଇଥିବା ଷ୍ଟାର କ୍ରିକେଟର ଯଶପ୍ରୀତ ବୁମରା ୩୧ ବର୍ଷରେ ପାଦ ଥାପିଛନ୍ତି। ୟର୍କର କିଙ୍ଗ ବୁମରା ସବୁ ଫର୍ମାଟରେ ଜଣେ ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ବିସିସିଆଇର ଏ ପ୍ଲସ ଗ୍ରେଡ ପ୍ଲେୟାର ବୁମରା ୧୯୯୩ ମସିହା ଆଜିର ଦିନରେ ଗୁଜୁରାଟର ଅହମ୍ମଦାବାଦରେ ଜନ୍ମଗ୍ରହଣ କରିଥିଲେ। ୨୦୧୬ରେ ଅଷ୍ଟ୍ରେଲିଆ ବିପକ୍ଷରେ ହ୍ୱାଇଟ ବଲରେ ଡେବ୍ୟୁ କରିଥିଲେ। ସେହି ବର୍ଷ ଟି-ଟ୍ୱେଣ୍ଟିରେ ମଧ୍ୟ ପଦାର୍ପଣ କରିଥିଲେ। ଏହାର ଦୁଇବର୍ଷ ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଭାରତୀୟ ସ୍କ୍ୱାର୍ଡରେ ସିଲେକ୍ଟ ହୋଇଥିଲେ। ସବୁ ଫର୍ମାରେ ଚମତ୍କାର ପେସର ଭାବେ ନିଜକୁ ସାବ୍ୟସ୍ତ କରିବା ନେଇ ବେଶୀ ସମୟ ନେଇନଥିଲେ ବୁମରା। ୨୦୦ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ୪୧୯ଟି ଓ୍ୱିକେଟ ନେଇଛନ୍ତି। ୨୦୨୪ ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ ବିଜୟୀ ଭାରତୀୟ କ୍ରିକେଟର ବୁମରା ବର୍ତ୍ତମାନ ଆଇସିସି ର୍ୟାଙ୍କିରେ ନମ୍ବର ୱାନ ବୋଲର ହୋଇଛନ୍ତି। ୨୦୨୪ ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ ବିଜୟୀ ଭାରତର ପ୍ଲାୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ ବୁମରା। **ରବୀନ୍ଦ୍ର ଜାଡେଜା:** ୩୬ ବର୍ଷରେ ପାଦ ଥାପିଛନ୍ତି ଭାରତୀୟ କ୍ରିକେଟର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା। ସାର୍ ଜାଡେଜା ଟ୍ୟାଗ ପାଇଥିବା ରବୀନ୍ଦ୍ର ଭାରତୀୟ ଦଳର ସବୁଠୁ ବଡ ମ୍ୟାଚ ୱିନେକ ପ୍ଲେୟାର। ୭୭ଟି ଟେଷ୍ଟ ମ୍ୟାଚ ଖେଳି ୩୧୯ ଓ୍ୱିକେଟ ହାସଲ କରିଛନ୍ତି। ୩୨୩୫ ରନ କରିଛନ୍ତି। ମୋଟ ୩୪୮ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ସେଥିରେ ୬୫୦୬ ରନ ହାସଲ କରିଛନ୍ତି ସାର୍ ଜାଡେଜା। ଏହା ସହିତ ମୋଟ ୫୯୩ଟି ଓ୍ୱିକେଟ ନେଇଛନ୍ତି। ୨୦୧୩ ଆଇସିସି ଚମ୍ପିଆନ୍ସ ଟ୍ରଫି ଓ ୨୦୨୪ ଆଇସିସି ପୁରୁଷ ଟି-ଟ୍ୱେଣ୍ଟି କପ ବିଜେତା ଭାରତୀୟ ଦଳରେ ସାମିଲ ଥିଲେ ଜାଡେଜା। ଭାରତର ଘାତକ ବାମହାତୀ ସ୍ପିନର ଜାଡେଜା ବ୍ୟାଟିଂ ଓ ଫିଲ୍ଡିଂରେ ଦମଦାର ପ୍ରଦର୍ଶନ କରିଛନ୍ତି। **ଶ୍ରେୟାସ ଆୟର:** ରିଜେକସନରୁ ଏବେ କୋଟିପତି ଖେଳାଳି ହୋଇଥିବା ଶ୍ରେୟାସ ଆୟରଙ୍କ ସଫଳତା କାହାଣୀ ସ୍ୱତନ୍ତ୍ର। ୩୦ ବର୍ଷରେ ପାଦ ଥାପିଛନ୍ତି ଏହି ଷ୍ଟାର କ୍ରିକେଟର। ଶ୍ରେୟାରଙ୍କ ଜୀବନ ବହୁତ ସଂଘର୍ଷପୂର୍ଣ୍ଣ। ପିଲାଟି ଦିନୁ କଠିନ ପରିଶ୍ରମ କରି ଜଣେ ସଫଳ କ୍ରିକେଟର ହୋଇଛନ୍ତି ଶ୍ରେୟାସ। ଦିନେ ରିଜେକ୍ଟ ହୋଇଥିଲେ ଏବେ ଆଇପିଏଲର ଦ୍ୱିତୀୟ ମହଙ୍ଗା ପ୍ଲେୟାର ହୋଇଛନ୍ତି। ୧୯୯୪ ଆଜିର ଦିନରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ ଶ୍ରେୟାସ। କଠିନ ପରିଶ୍ରମ ବଳରେ ଟିମ ଇଣ୍ଡିଆରେ ସାମିଲ ହୋଇଥିବା ଶ୍ରେୟାସ ୨୦୧୪ରେ ଅଣ୍ଡର-୧୯ ବିଶ୍ୱକପରେ ଖେଳିଥିଲେ। ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ଦିନିକିଆରେ ଡେବ୍ୟୁ କରିଥିଲେ। ଆୟର ୧୪ଟି ଟେଷ୍ଟ ମ୍ୟାଚ ଖେଳି ମୋଟ ୮୧୧ ରନ କରିଛନ୍ତି। ସେହିପରି ୬୨ଟି ଦିନିକିଆ ଖେଳି ୨୪୨୧ ରନ କରିଛନ୍ତି। ୫୧ଟି ଟିଟ୍ୱେଣ୍ଟି ଖେଳି ୧୧୦୪ ରନ କରିବାରେ ସଫଳ ହୋଇଛନ୍ତି ଷ୍ଟାର କ୍ରିକେଟର। **ଆରପି ସିଂହ:** ରାଇବରେଲୀରେ ଜନ୍ମିତ ଭାରତୀର ପୂର୍ବତନ କ୍ରିକେଟର ଆରପି ସିଂହ ୩୯ ବର୍ଷରେ ପାଦ ଥାପିଛନ୍ତି। ଆରପି ସିଂହଙ୍କ ପୁରା ନାମ ରୁଦ୍ର ପ୍ରତାପ ସିଂହ। ବାଂଲାଦେଶ ବିପକ୍ଷରେ ଅଣ୍ଡର-୧୯ ବିଶ୍ୱକପରେ ୮ଟି ଓ୍ୱିକେଟ ନେଇ ଶିରୋନାମକୁ ଆସିଥିଲେ ଆରପି ସିଂହ। ଏହି ଷ୍ଟାର ଖେଳାଳି ୧୪ଟି ଟେଷ୍ଟ ମ୍ୟାଚ ଖେଳି ୪୦ ଓ୍ୱିକେଟ ନେଇଛନ୍ତି। ସେହିପରି ୫୮ଟି ଦିନିକିଆରେ ୬୯ଟି ଓ୍ୱିକେଟ ଅକ୍ତିଆର କରିଛନ୍ତି। ୧୦ଟି ଟି-ଟ୍ୱେଣ୍ଟି ଖେଳି ୧୫ଟି ଓ୍ୱିକେଟର ନେବାର ସଫଳ ହୋଇଥିଲେ ଆରପି ସିଂହ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସତ ଖୋଲିଲେ...

ଏହି ପ୍ରସଙ୍ଗରେ ସେମାନଙ୍କ ସହିତ ସ୍ୱର ମିଶାଇଥିଲା। ଯେଉଁଥିପାଇଁ ଗୃହକାର୍ଯ୍ୟ ପ୍ରଭାବିତ ହୋଇଥିଲା । ଗୃହ ବାହାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ, ବିଜେଡି ଆଗରୁ ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ କରୁଥିଲା। ଆଗକୁ ମଧ୍ୟ ଲଢ଼େଇ ଜାରି ରହିବ। ହେଲେ ନବୀନଙ୍କ ଏହି ବୟାନ ଉପରେ ବିଜେପି ପକ୍ଷରୁ କଡ଼ା ପ୍ରତିକ୍ରିୟା ଦିଆଯାଇଛି।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନବୀନଙ୍କୁ ନାଁ ନ ନେଇ କଟାକ୍ଷ କରିଛନ୍ତି। ସେ କହିଛନ୍ତି, କିଏ କେତେ ବାଟ ଲଢ଼େଇ କରୁଥିଲା କି କ'ଣ କରୁଥିଲା, ୨୪ବର୍ଷର ଇତିହାସ ଦେଖିଲେ ଜଣାପଡୁଛି । ଏହି ଇତିହାସ ବହୁତ ଲମ୍ବା ଅଛି । ଲଢ଼େଇ କେଉଁଠି, କେମିତି କରୁଥିଲେ, ସେକଥା ଯଦି ଖୋଲି ଦିଆଯାଏ ତା'ହେଲେ କିଛି ଲୋକ ରାଜନୀତିରୁ ସନ୍ୟାସ ନେଇଯିବେ ନ ହେଲେ କାହାକୁ ମୁହଁ ଦେଖାଇ ପାରିବେ ନାହିଁ। ଓଡ଼ିଶାବାସୀଙ୍କ ସ୍ୱାର୍ଥ ଲାଗି ବିଜେପି ଲଢ଼େଇ କରିବା ପାଇଁ ସର୍ବଦା ଆଗକୁ ଆସିଛି । ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ଓଡ଼ିଶାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରତିବଦ୍ଧ । ଆଗକୁ ଓଡ଼ିଶାର ସ୍ୱାର୍ଥ ପାଇଁ ଯାହା ଆବଶ୍ୟକତା ଅଛି, ବିଜେପି ସରକାର ନିଶ୍ଚିତ କରିବ । ଏହାର ସ୍ପଷ୍ଟତା ଆମେ ଦେଉଛୁ । କିନ୍ତୁ ୨୪ବର୍ଷର ଇତିହାସ ଯଦି ଅନୁଶୀଳନ କରାଯାଏ ତେବେ ପୂର୍ବ ବିଜେଡି ସରକାର କ'ଣ ଲଢ଼େଇ କରୁଥିଲେ, ଓଡ଼ିଶାର କେତେ ସ୍ୱାର୍ଥ ସୁରକ୍ଷା କରିଛନ୍ତି, ତାହାର ଏକ ନଗ୍ନ ଚିତ୍ର ଓଡ଼ିଶା ଲୋକଙ୍କ ଆଗରେ ରହିଛି ବୋଲି ଶ୍ରୀ ହରିଚନ୍ଦନ କହିଥିଲେ ।

ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଅଭିଯୋଗ କରିଛନ୍ତି, ପୋଲାଭରମ୍ ଡ୍ୟାମ୍ ନିର୍ମାଣରେ ବିଜେପି ସରକାର ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରୁଛି। କେନ୍ଦ୍ର ସରକାର କାର୍ଯ୍ୟ ଶେଷ କରିବାକୁ ଆନ୍ଧ୍ରପ୍ରଦେଶକୁ ଆର୍ଥିକ ସହାୟତା ଦେଉଛନ୍ତି। ଉଲ୍ଲେଖଯୋଗ୍ୟ, ଆଜି ବିଧାନସଭାରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗରେ ସେମାନଙ୍କ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ବାଚସ୍ପତି ସୁରମା ପାଢ଼ୀ ଖାରଜ କରିବାକୁ ଜୋରଦାର ଢଙ୍ଗରେ ବିରୋଧ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହକୁ ଅର୍ଡରକୁ ଆଣିବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ ମଧ୍ୟ କଂଗ୍ରେସ ବିଧାୟକମାନେ ହଙ୍ଗାମା ଜାରି ରଖିବାରୁ ବାଚସ୍ପତି ଗୃହକୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ପରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଘୋଷଣା କରିଥିଲେ ଯେ, ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗ କୋର୍ଟଙ୍କ ବିଚାରାଧୀନ ଥିବାରୁ ବିଧାନସଭାର ବିଧି ବ୍ୟବସ୍ଥା ଅନୁସାରେ କଂଗ୍ରେସ ଏହା ଉପରେ ଦେଇଥିବା ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟ ହୋଇଛି । ମାତ୍ର ଗୃହରେ ହଙ୍ଗାମା ଜାରି ରହିବାରୁ ବାଚସ୍ପତି ପୁଣିଥରେ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

### ବିଜେଡି ପାଇଁ...

ବୈଷୟିକ ଶିକ୍ଷା ନୁହେଁ, ଏ ପ୍ରକ୍ରିୟା କିଭଳି ପାରଦର୍ଶୀ ହେବ ତାର ପରିଣାମ ଆଜିର ଏହି ବିଧେୟକ। ଏହି ବିଧେୟକ ଆଇନ୍‌ରେ ପରିଣତ ହେବାମାତ୍ରେ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ସହାୟକ ହେବ।

ପୂର୍ବ ସରକାରରେ ହୋଇଥିବା ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ଏବଂ ପାରଦର୍ଶୀ ଥିଲା ବୋଲି କେହି ବି ଦମ୍ଭରେ କହିପାରିବେ ନାହିଁ। ପ୍ରତି ନିଯୁକ୍ତି ତାଲିକା ସହିତ, ଚାପା ଗୁଞ୍ଜରଣ, ମେଧାବୀ ଛାତ୍ରଛାତ୍ରୀଙ୍କ ଆତ୍ମ ଫଳକ, ଛଦ୍ମ ପରୀକ୍ଷାର୍ଥୀ, ନକଲ, ଉତ୍ତରପତ୍ର ତଞ୍ଚକତା, ପ୍ରଶ୍ନପତ୍ର ପ୍ରଘଟ ଇତ୍ୟାଦି ଆଲୋଚନାର ବିଷୟବସ୍ତୁ ପାଲଟିବାର ନଜିର ରହିଅଛି।

ବିଗତ ଦିନମାନଙ୍କରେ ନିଯୁକ୍ତି ଚୟନ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା, ମୌଖିକ ପରୀକ୍ଷାରେ ପାତର ଅନ୍ତର ହେବା, ନିୟମ ଅନୁଯାୟୀ ପରୀକ୍ଷା ପରିଚାଳନା ନ ହେବା, ପରୀକ୍ଷାରେ ଲାଂଚ କାରବାର ହେବା ଇତ୍ୟାଦି ଅନେକ ଅନିୟମିତତା ସମ୍ବନ୍ଧରେ ଅଭିଯୋଗ ଆସିଅଛି। ପରୀକ୍ଷା ପରିଚାଳନାରେ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ ହେବା ଓ ପରୀକ୍ଷା ପ୍ରକ୍ରିୟାରେ ପକ୍ଷପାତିତା ସମ୍ପର୍କରେ ଗଣମାଧ୍ୟମରେ ଶିରୋନାମାରେ ଆସିବା ପୂର୍ବ ସରକାରରେ ଏକ ସାଧାରଣ ଘଟଣା ଥିଲା।

ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ଲାଞ୍ଚ ଗ୍ରହଣ କରି ଅଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ଚାକିରି କରାଇବା ଭଳି ସଂଗିନ୍ ଅଭିଯୋଗ ସାରା ଓଡ଼ିଶାବାସୀଙ୍କ ପାଇଁ ଅଭୁଲା ହୋଇ ରହିଅଛି। ସେହିପରି ୨୦୨୩ ମସିହାରେ ଜେଇ (ସିଭିଲ) ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ଏହି ପରୀକ୍ଷାକୁ ବାତିଲ୍ କରାଯାଇଥିଲା । ଉପରୋକ୍ତ ପରୀକ୍ଷା ପରିଚାଳନାରେ ଘୋର ଅନିୟମିତତା ସାରା ରାଜ୍ୟର ପରୀକ୍ଷା ବ୍ୟବସ୍ଥାରେ କଳାଦାଗ ବୋଲି ବିବେଚନା କରାଯାଇପାରେ।

ଏହିସବୁ ପରୀକ୍ଷାରେ ହେଉଥିବା ଅନିୟମିତତା ରୋକିବାକୁ ଏହି ଆଇନ୍‌ରେ କଠୋର ଦଣ୍ଡ ବ୍ୟବସ୍ଥା କରାଯାଇଛି। ଏହା ପରୀକ୍ଷା ବ୍ୟବସ୍ଥାରେ ବ୍ୟାଘାତ ସୃଷ୍ଟିକାରୀ ତଥା ଅନ୍ୟାନ୍ୟ ଉପାଦାନକୁ ଚିହ୍ନଟ କରିବାରେ ସହାୟକ ହେବ । ପରୀକ୍ଷାରେ ସଂଗଠିତ ଅପରାଧକୁ ରୋକିବାରେ ଏହା ସଫଳ ହେବ। ପରୀକ୍ଷା ବ୍ୟବସ୍ଥାରେ ବ୍ୟାଘାତ ସୃଷ୍ଟିକାରୀ ତଥା ଅନ୍ୟାନ୍ୟ ଉପାଦାନକୁ ଚିହ୍ନଟ କରିବାରେ ସହାୟକ ହେବ। ଏହି ପ୍ରସ୍ତାବିତ ଆଇନରେ ଉଭୟ ଆର୍ଥିକ ଓ ଅପରାଧିକ ଦଣ୍ଡ ବ୍ୟବସ୍ଥାକୁ ଏତେ ଅଧିକ କଠୋର କରାଯାଇଛି ଯେ ଅପରାଧୀ ଗୋଷ୍ଠୀ ଅପରାଧ କରିବା ପୂର୍ବରୁ ପୁନର୍ବିଚାର କରିବା ପାଇଁ ବାଧ୍ୟ ହେବେ।

ନୂଆ ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ବା ବ୍ୟକ୍ତିମାନେ ଅସାଧୁ ଉପାୟ ଅବଲମ୍ବନ କରନ୍ତି, ତେବେ ସେ ଅତି କମରେ ତିନି ବର୍ଷରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ । ସେବା ଯୋଗାଣକାରୀ ମଧ୍ୟ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ। ସେହି ସେବା ଯୋଗାଣକାରୀଙ୍କଠାରୁ ଆନୁପାତିକ ପରୀକ୍ଷା ଖର୍ଚ୍ଚ ମଧ୍ୟ ଆଦାୟ କରାଯିବ ଏବଂ ତାଙ୍କୁ ଚାରି ବର୍ଷ ପର୍ଯ୍ୟନ୍ତ କୌଣସି ସାର୍ବଜନୀନ ପରୀକ୍ଷା ସଂଚାଳନ ପାଇଁ ଦାୟିତ୍ୱ ପ୍ରଦାନ କରାଯିବ ନାହିଁ। ଯଦି କୌଣସି ନିର୍ଦ୍ଦେଶକ, ବରିଷ୍ଠ ପରିଚାଳନା କିମ୍ବା ସେବା ଯୋଗାଣକାରୀ ସଂସ୍ଥାର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ସହମତି କିମ୍ବା ସହଯୋଗରେ ଅପରାଧ ଘଟିଛି, ତେବେ ତାଙ୍କୁ ଅତି କମରେ ତିନିବର୍ଷରୁ ଦଶବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ଏକ କୋଟି ଟଙ୍କା ଜୋରିମାନା ହେବ।

### ମୋ'ବସ୍...

ବାରି ହୋଇପଡୁଛି। ଲାକମୀ ଯୋଜନା ଆରମ୍ଭ ହେବା ଦିନରୁ ଚଳିତ ବର୍ଷ ଅଗଷ୍ଟ ୧୯ ତାରିଖ ସୁଦ୍ଧା ୩୭୪ କୋଟିରୁ ଅଧିକ କ୍ଷତି ହୋଇଛି। ସେହିଭଳି ସହରାଞ୍ଚଳ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଆରମ୍ଭ ହୋଇଥିବା ମୋ ବସ ସେବାରେ ନିୟୋଜିତ ପ୍ରାଇଭେଟ ପାର୍ଟିଙ୍କୁ ୨୦୧୮-୧୯ରୁ ଏପର୍ଯ୍ୟନ୍ତ ପ୍ରାୟ ୫୬୦ କୋଟିରୁ ଅଧିକ ପେମେଣ୍ଟ ଦିଆଯାଇଛି।

ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ବା ଓଏସଆରଟିସିର ବିଭିନ୍ନ ଡିପୋରେ ଏବେ ପ୍ରାୟ ୭୦୪ ଖଣ୍ଡ ବସ ରହିଛି। ଏହି ବସ ଗୁଡିକ ବିଭିନ୍ନ ରୁଟରେ ଚଳାଚଳ କରୁଛନ୍ତି। କିନ୍ତୁ ରାଜ୍ୟ ସରକାର ଯେଉଁ ସମୟରେ ଲାକମୀ ବସ ସେବା ଆରମ୍ଭ କଲେ ସେତେବେଳେ ଏହାର ପରିଚାଳନା ଦାୟିତ୍ୱ ଓଏସଆରଟିସିକୁ ଦେଲେ ନାହିଁ କି ରାଜ୍ୟର ଘରୋଇ ବସ ମାଲିକଙ୍କୁ ଦିଆଗଲାନାହିଁ। ଗୋଟେ ସମୟରେ ଘରୋଇ ବସ ମାଲିକ ସଂଘ ମଧ୍ୟ ଲାକମୀ ବସ ଚଳାଚଳ ଦାୟିତ୍ୱ ସେମାନଙ୍କୁ ଦିଆଯାଉ ବୋଲି ମଧ୍ୟ ଦାବି କରିଥିଲେ। ଘରୋଇ ବସ ସଂଘ ସେମାନଙ୍କ ବସଗୁଡ଼ିକୁ ଲାକମୀ ବସର ବ୍ରାଣ୍ଡିଂ କରି ଚଳାଇବାକୁ ମଧ୍ୟ ପ୍ରସ୍ତୁତ ଥିଲେ। ହେଲେ ସେ ସମୟରେ ରାଜ୍ୟ ସରକାର ସେମାନଙ୍କୁ ଦାୟିତ୍ୱ ନଦେଇ ଟେଣ୍ଡର ଡକାଇ ବାହାର ରାଜ୍ୟର ଟ୍ରାନ୍ସପୋର୍ଟ କମ୍ପାନୀକୁ ଦାୟିତ୍ୱ ଦେଲେ। ଯେଉଁ ପାଞ୍ଚ ପାଇଭେଟ ପାର୍ଟିକୁ ସରକାର ଲାକମୀ ବସ ଚଳାଇବାର ଦାୟିତ୍ୱ ଦେଇଛନ୍ତି ସେମାନଙ୍କୁ ଏଭିତରେ କୋଟି କୋଟି ଟଙ୍କା ସରକାର ଦେଇଛନ୍ତି।

ସେବା ପ୍ରଦାନକାରୀ ଯୋଜନାରେ ସରକାର କ୍ଷତି ସହିବା ସ୍ୱାଭାବିକ। କିନ୍ତୁ ଏଥିପାଇଁ ବାହାର ରାଜ୍ୟର ଅଣଓଡ଼ିଶାକୁ କାହିଁକି ପ୍ରାଥମିକତା ଦିଆଯାଉଥିଲା ତାହା ସବୁଠୁ ବଡ ପ୍ରଶ୍ନ। ପାଞ୍ଚଟି କ୍ଲଷ୍ଟର ଭିତ୍ତିରେ ଲାକମୀ ବସ୍ ଚଳାଇବାକୁ ସରକାର ୫ଟି ବାହାର ରାଜ୍ୟର ଟ୍ରାନ୍ସପୋର୍ଟ କମ୍ପାନୀକୁ ଦାୟିତ୍ୱ ଦେଇଛନ୍ତି। ଏବେ ରାଜ୍ୟର ବୁଦ୍ଧିଜୀବୀମାନେ ପ୍ରଶ୍ନ କରୁଛନ୍ତି ଲାକମୀ ବସ ସେବାକୁ କେହି ବିରୋଧ କରୁନାହାଁନ୍ତି। କିନ୍ତୁ ଏଥିରେ ରାଜ୍ୟର ଟ୍ରାନ୍ସପୋର୍ଟ କମ୍ପାନୀ କିମ୍ବା ଘରୋଇ ବସ ମାଲିକ ସଂଘକୁ ଦାୟିତ୍ୱ ଦେଇଥିଲେ ରାଜ୍ୟର କିଛି ବ୍ୟବସାୟୀ ଉପକୃତ ହୋଇଥାନ୍ତେ। ପ୍ରାଇଭେଟ ପାର୍ଟିଙ୍କୁ ଏତେ ଅନୁକମ୍ପା ଦେଖାଇବାର ଉଦ୍ଦେଶ୍ୟ କଣ। ସେହିଭଳି କୁଟ ଜରିଆରେ ଚାଲିଥିବା ମୋ ବସ ସେବାରେ ମଧ୍ୟ ପ୍ରାୟ ସବୁ ଅଣଓଡ଼ିଶା ମାଲିକାନାରେ ଥିବା ବାହାର ରାଜ୍ୟର କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଏମିତି ଦେଖିଲେ ମୋ ବସ ଓ ଲାକମୀ ଯୋଜନା ବାବଦରେ ସରକାର ପ୍ରାୟ ହଜାରେ କୋଟି ଖର୍ଚ୍ଚ କଲେଣି। କିନ୍ତୁ ଏଥିରୁ ରାଜ୍ୟର କୌଣସି ବସ ଅପରେଟର ଉପକୃତ ହୋଇପାରିଲେନି।

### ରାଗିଗଲେ...

ବାଚସ୍ପତିଙ୍କ ନିଷ୍ପତ୍ତି। କିନ୍ତୁ ଏହାର ପ୍ରତିବାଦ କେଉଁ ଢଙ୍ଗରେ ହେବ ତାହା ନୋଟିସ ଦେଇଥିବା ଦଳ ସ୍ଥିର କରିଥାଏ। ଆଜିର ମୁଲତବି ନୋଟିସ ଗ୍ରହଣ ହୋଇନାହିଁ, ସେ ସୂଚନା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରଶ୍ନକାଳ ଆରମ୍ଭର ଅଧଘଣ୍ଟା ପୂର୍ବରୁ ପାଇସାରିଥିଲେ। ତେଣୁ ସ୍ୱାଭାବିକ ଭାବେ ଦଳର ରଣନୀତି ସମ୍ପର୍କରେ ସେ ବିଧାୟକମାନଙ୍କ ସହ ଆଲୋଚନା କରିବାର ଥିଲା। କିନ୍ତୁ ସେ ଏନେଇ ତାଙ୍କ ଗ୍ରୁପରେ ଥିବା ଦୁଇ ଚାରି ଜଣ ବିଧାୟକଙ୍କ ସହ କଥା ହୋଇ ଗୃହକୁ ଅଚଳ କରିଦେବାକୁ ନିଷ୍ପତ୍ତି ନେଲେ। ସେପଟେ ମୁଲତବି ନୋଟିସ ଅଗ୍ରାହ୍ୟ ହୋଇଥିବା ପରେ ତାରା ଶୂନ୍ୟକାଳରେ ବାଚସ୍ପତିଙ୍କ ନିଷ୍ପତ୍ତିକୁ ନେଇ ଗର୍ଜନ କରିବାକୁ ପ୍ରସ୍ତୁତ ହୋଇଥିଲେ। ହେଲେ କାଡାମଙ୍କ ରଣନୀତି ବାବଦରେ ସେ ଜାଣି ନ ଥିଲେ। ତାଙ୍କ ଚାଲ ଫେଲ ହୋଇଥିବା ଦେଖି ସେ କ୍ଷୁବ୍ଧ ହୋଇ ଗୃହ ମଝିରେ ନିଜ ଦଳର ବିଧାୟକଙ୍କ ଉପରେ ବର୍ଷୁଥିବା ଦେଖିବାକୁ ମିଳିଥିଲା। କଂଗ୍ରେସର କିଛି ନେତାଙ୍କ କହିବା କଥା ହେଉଛି କାଡାମଙ୍କ ସହ ରାଜନ ଏକ୍କା ଓ ଅଶୋକ ଦାସଙ୍କ ଭଳି କିଛି ବିଧାୟକ ଥିବା ବେଳେ ତାରାଙ୍କ ସହ ଅଛନ୍ତି ପ୍ରାୟ ୮ ବିଧାୟକ। ସୋଫିଆ ଫିର୍ଦ୍ଦୋଶ ଓ ସାଗର ଦାସ ନିଜ ବାପାଙ୍କ ରାଜନୈତିକ ଭବିଷ୍ୟତ ପାଇଁ ଲାଗିଥିବାରୁ ସେମାନେ ନିରବ ରହୁଛନ୍ତି।

### ଧର୍ମେନ୍ଦ୍ର...

ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ । ବିଦ୍ୟାଳୟ ସ୍ତରରେ ଶିକ୍ଷାର ମାନରେ ଉନ୍ନତି ହେବ। ଛାତ୍ରଛାତ୍ରୀଙ୍କ ମାନସିକ, ଶାରିରୀକ, କ୍ରିଟିକାଲ ଥିଙ୍କିଂ ସହ ବୌଦ୍ଧିକ କ୍ଷମତା ବିକଶିତ ହେବ । ସ୍ଥାନୀୟ ଅଞ୍ଚଳରେ ଅନେକ ନିଯୁକ୍ତି ସୃଷ୍ଟି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଓଡ଼ିଶାର ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ଅନୁଗୋଳ ଜିଲ୍ଲାର ତାଳଚେର ଓ ଆଠମଲ୍ଲିକ, ଢେଙ୍କାନାଳର କାମାକ୍ଷାନଗର, ଖୋର୍ଦ୍ଧା ଜିଲ୍ଲାର ଆଇଟିବିପି ଖୋର୍ଦ୍ଧା, କୋରାପୁଟ ଜିଲ୍ଲାର ଜୟପୁର, ବଲାଙ୍ଗୀର ଜିଲ୍ଲାର ରେଲଓ୍ୱେ ଟିଟିଲାଗଡ଼ ଓ ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହେବାର ନିଷ୍ପତି ଦ୍ୱାରା ସ୍ଥାନୀୟ ଲୋକମାନଙ୍କର ଥିବା ଦୀର୍ଘ ଦିନର ଆଶା ଓ ଆପେକ୍ଷା ପୂରଣ ହେବାକୁ ଯାଉଛି । ଓଡ଼ିଶାରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ଏହି ନିର୍ଣ୍ଣୟ ନେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି।

### ଟେଣ୍ଡରରେ...

ସୂଚନା ମିଳିଛି । ଏବେ ପୁଣିଥରେ ନୂଆ ଟେଣ୍ଡର ହେବ ଓ ସମସ୍ତଙ୍କ ପାଇଁ ଏହା ଖୋଲା ରହିବ । ତେବେ ଯେଉଁ ବାବୁମାନେ ଅନାମଧେୟ କମ୍ପାନୀକୁ ତାଲିକାଭୁକ୍ତ କରିଥିଲେ ଏବେ ସେମାନଙ୍କ ତାଲିକା ତିଆରି ଚାଲିଛି । ଶିକ୍ଷା ବିଭାଗର ଏହି ପୁରୁଣା ମୂଷାଙ୍କୁ ସାବାଡ କରିବାପାଇଁ ଯନ୍ତା ତିଆରି ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେବେ ଏଭଳି କାଣ୍ଡ ପରେ ଜିଲ୍ଲାପାଳ କିନ୍ତୁ ମୂକଦର୍ଶକ ସାଜିବା ଲୋକଙ୍କ ସନ୍ଦେହକୁ ଅଧିକ ଘନୀଭୂତ କରିବାରେ ଲାଗିଛି।

## ସ୍କୁଲ ନିକଟରେ ମୁକୁଳା ଟ୍ରାନ୍ସଫର୍ମର

# କେବେ ପଡିବ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ?



**ନାଉଗାଁ, ୬।୧୨ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକରେ ଥିବା ବିଦ୍ୟୁତ୍ ବିଭାଗର ୩୩ କେଭି ଷ୍ଟ୍ରକଚରର ପାଦ ଦେଶରେ ରହିଛି ଅବଦଲପୁର ନିମ୍ନ ପ୍ରାଥମିକ ବିଦ୍ୟାଳୟ ଓ ଅବଦଲପୁର ଅଙ୍ଗନବାଡି କେନ୍ଦ୍ର। ଯେଉଁଠି କି ରାତି ପାହିଲେ କୁନିକୁନି ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ଆସିଥାନ୍ତି। କିନ୍ତୁ ଦୁଃଖର ବିଷୟ ଏହି ସ୍କୁଲର ସମ୍ମୁଖରେ ଦୀର୍ଘ ଦିନ ହେଲାଣି ରହିଛି ଏକ ୧୧ କେଭିର ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଯାହାକି ସମ୍ପୂର୍ଣ୍ଣ ଭାବରେ ମୁକୁଳା ପଡିଛି। କୁନି କୁନି ଛାତ୍ରଛାତ୍ରୀଙ୍କ ସମେତ ପଶୁପକ୍ଷୀମାନଙ୍କ ପାଇଁ ଏହା ସାଜିଛି ମରଣଯନ୍ତା। ବାରମ୍ବାର ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାକୁ ଆବଦ୍ଧ କରାଯାଉନାହିଁ । ବିଦ୍ୟୁତ୍ ବିଭାଗର ଏପରି ଖାମଖିଆଲି ମନୋଭାବ ପାଇଁ ଅକାରଣରେ ଧନ ଜୀବନ ନଷ୍ଟ ହେବାର ସମ୍ଭାବନା ରହିଛି। ତେବେ ଏହି ଘଟଣା ପ୍ରତି ବିଦ୍ୟୁତ୍ ବିଭାଗର ଉପରିସ୍ଥ ଅଧିକାରୀମାନେ ଦୃଷ୍ଟି ଦେଇ ତୁରନ୍ତ ଏହାର ପ୍ରତିକାର କରିବା ନିମନ୍ତେ ଗ୍ରାମବାସୀମାନେ ଦାବି କରିଛନ୍ତି।

# ନିଶ୍ଚିହ୍ନ ହୋଇଗଲାଣି ସବୁଜ ପାଚେରି

## ଧୋଇଯାଉଛି ମୃତ୍ତିକା, ଉପକୂଳକୁ ମାଡି ଆସୁଛି ସାମୁଦ୍ରିକ ଜୁଆର

**କାକଟପୁର/ଅସ୍ତରଙ୍ଗ, ୬।୧୨ (ସଂଚାର ବ୍ୟୁରୋ) :** ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳକୁ ସୁରକ୍ଷା ହେଉ କି ସାମୁଦ୍ରିକ ଜୁଆରକୁ ରୋକିବା ଦିଗରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ଉପକୂଳ ଅଂଚଳରେ ଥିବା ସବୁଜ ପାଚେରୀ କ୍ରମଶଃ ନିଶ୍ଚିହ୍ନ ହୋଇଗଲାଣି। ଏଥିପାଇଁ ଉପକୂଳ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଖଣ୍ଡାସାହି -ଓସିଆଁ ନିକଟବର୍ତ୍ତୀ ବାବା ଧବଳେଶ୍ୱର ପୀଠ, କେଉଟଜଙ୍ଘା ନିକଟସ୍ଥ ବେଲେଶ୍ୱରପୀଠ ସହ ବିଭିନ୍ନ ସ୍ଥାନରେ ମୃତ୍ତିକା ମଧ୍ୟ ଅବକ୍ଷୟ ହେଉଛି। ଫଳରେ ଉପକୂଳ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି।

ସବୁଜ ପାଚେରୀ ସୃଷ୍ଟି ଫଳରେ ପ୍ରତିବର୍ଷ ଆସୁଥିବା ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା ଆଦିରୁ ସହଜରେ ନ ହେଲେ ବି କେତେକାଂଶରେ ପ୍ରତିହତ କରି ହେଉଥିଲା। ନଦୀ ଓ ସମୁଦ୍ର କୂଳରେ ବନୀ ଜଙ୍ଗଲର ପ୍ରଭାବ ଆମେ ଗତକିଛି ଦିନ ତଳେ ହୋଇଥିବା ବାତ୍ୟାରେ ଦେଖିବାକୁ ପାଇଛେ। ୧୯୬୫ବାତ୍ୟା, ୧୯୭୧, ୧୯୮୨ମସିହା ବନ୍ୟା, ବାତ୍ୟା, ୧୯୯୯ମହାବାତ୍ୟା, ୨୦୧୩ଫାଇଲିନି, ୨୦୧୪ହୁଡହୁଡ, ୨୦୧୮ତିତିଲି, ୨୦୧୯ଫନି ଓ



ବୁଲବୁଲ, ୨୦୨୦ଅମ୍ଫାନ, ୨୦୨୧ରେ ୟାସ ଓ ଗୁଲାବ, ୨୦୨୨ରେ ଯୱାଦରେ ମଧ୍ୟ ଏହି ବନୀ ଜଙ୍ଗଲ ଓ ସବୁଜ ପାଚେରୀର ପ୍ରଭାବ ଦେଖିବାକୁ ପାଇଛେ ବୋଲି ଅସ୍ତରଙ୍ଗ ଅଞ୍ଚଳର ପରିବେଶବିତି ତଥା ସମାଜସେବୀ ବିଜୟ କୁମାର ବେହେରା କହିଛନ୍ତି। ତାଙ୍କ ମତରେ ସମୁଦ୍ର, ନଦୀ ତଥା ପ୍ରତି ଗ୍ରାମର ଶେଷ ମୁଣ୍ଡରେ ଯଦି ସବୁଜ ପାଚେରୀ ସୃଷ୍ଟି ଆଳରେ କ୍ରମାନ୍ୱୟରେ କାଇଁଚ, କିଆ, କଣ୍ଟା ବାବୁଲା, କରଞ୍ଜ, ଖଜୁରୀ, ତାଳ ଓ ଝାଉଁ ଗଛ ଲଗାଯାଇପାରିବ ତେବେ ଏହା ବାତ୍ୟା ଓ ବନ୍ୟାର ପ୍ରଭାବରୁ ୭୦ ରୁ ୮୦ପ୍ରତିଶତ କମାଇ ପାରିବା ସହିତ ମୃର୍ତ୍ତିକା ସଂରକ୍ଷଣ ଦିଗରେ ସହାୟକ ହୋଇପାରିବ।

ଏହି ସବୁଜ ପାଚେରୀ ମଧ୍ୟରେ ସ୍ଥାନ ପାଇଥିବା ଗଛଗୁଡିକ ଖାଲି ବନ୍ୟା ବାତ୍ୟାରୁ ଆମକୁ ରକ୍ଷା କରିବ ତା ନୁହେଁ ବରଂ ସାମାଜିକ ଅର୍ଥ ବ୍ୟବସ୍ଥାର ମଧ୍ୟ ପ୍ରଭାବ ପକାଇବ। ବେଣା ଗଛରୁ କାଇଁଚ ସଂଗ୍ରହ କରି ବିଭିନ୍ନ ସୌଖିନ ସାମଗ୍ରୀ ତିଆରି କରି ଅର୍ଥ ଉପାର୍ଜନ କରି ହେବ। କିଆ ଫୁଲର ଚାହିଦା ମଧ୍ୟ ଅଧିକ, ବନ୍ୟା ଓ ବାତ୍ୟା ସମୟରେ କିଆ ଗଛରେ ଜୁଆର ମାଡ଼ ହେଲେ ଜୁଆରର ବଳ ମଧ୍ୟ କମି ଯାଇଥାଏ। ସେହିପରି ଖଜୁରୀ ଗଛର ପତ୍ରରୁ ଛାଞ୍ଚୁଣି, ଆସନ, ତାଳ ଗଛର ପତ୍ରରୁ ଆସନ, ତାଳ କାଠରେ ଘର ତିଆରି ସହିତ ଝାଉଁ ଗଛ କାଠର ଚାହିଦା ମଧ୍ୟ ରହିଛି। ସେହିପରି ସବୁଜ ପାଚେରୀ ମଧ୍ୟରେ ଆସୁଥିବା ସମସ୍ତ ଗଛ ମୃର୍ତ୍ତିକା ସଂରକ୍ଷଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥାଏ।

ପରିବେଶବିତି ତଥା ସମାଜସେବୀ ଶ୍ରୀ ବିଜୟ ବେହେରା କହିଛନ୍ତି ବାତ୍ୟା ପରେ ରିଲିଫ ସାମଗ୍ରୀକୁ ଯେପରି ଅଗ୍ରାଧିକାର ଦିଆଯାଉଛି। ସେହି ଭଳି ବନ୍ୟା, ବାତ୍ୟା ଓ ଲଘୁଚାପରୁ ମୁକ୍ତି ପାଇବାକୁ ହେଲେ ନଦୀ, ସମୁଦ୍ର ଓ ଗ୍ରାମ ମାନଙ୍କରେ ସବୁଜ ପାଚେରୀ ମାଧ୍ୟମରେ କାଇଁଚ, କିଆ, କଣ୍ଟା ବାବୁଲା, କରଞ୍ଜ, ଖଜୁରୀ, ତାଳ, ଝାଉଁ ଗଛ ଲଗାଇବାକୁ ଅନୁରୋଧ କରିଛନ୍ତି। ଏଥିପାଇଁ ଉଭୟ ବନବିଭାଗ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଏହି ସବୁ ଗଛଲଗାଇ ଉପରେ ତତ୍ପରତା ଦେଖାଇବାକୁ ଦାବୀ ହେଉଛି।

# ସମସ୍ୟା ଘେରରେ ଶଗଡ଼ାଶୁଳ ସରକାରୀ ପ୍ରାଥମିକ ବିଦ୍ୟାଳୟ



**ବାଲିଆପାଳ, ୬।୧୨ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅଧିନ ରେ ନୁଆ ଗାଁ ପଞ୍ଚାୟତର ସରକାରୀ ଶଗଡ଼ାଶୁଳ ପ୍ରାଥମିକ ବିଦ୍ୟାଳୟର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ନହେଲେ ଛାତ୍ର ଅଭିଭାବକ ବିଦ୍ୟାଳୟରେ ତାଲା ପକାଇବା ପାଇଁ ଚେତାବନୀ ଦେଇଛନ୍ତି।

ସୂଚନା ଯୋଗ୍ୟ ଶଗଡ଼ାଶୁଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ କେବଳ ଦୁଇଟି ଶ୍ରେଣୀ ଗୃହର ଦୁଇଜଣ ଶିକ୍ଷୟିତ୍ରୀଙ୍କୁ ନେଇ ପାଠପଢ଼ା ଚାଲିଛି। ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପରିଚାଳନା କମିଟି ଗଠନ ନହେବା, ପିଲାଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନଥିବା, ବିଦ୍ୟାଳୟ ଚତୁଃପାର୍ଶ୍ୱରେ କୌଣସି ସୁରକ୍ଷା ବାଡ ନଥିବା, ନିମ୍ନ ମାନର ମଧ୍ୟାହ୍ନ ଭୋଜନ, ଶ୍ରେଣୀ ଗୃହର ମରାମତି, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିୟମିତ ଭାବେ ପିଲାଙ୍କୁ ପାଠ ନ ପଢ଼ାଇବା ଭଳି ପ୍ରମୁଖ ସମସ୍ୟାକୁ ନେଇ ଛାତ୍ର ଅଭିଭାବକମାନେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି।

ଏହି ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପରିବର୍ତ୍ତନ କରି ନୂତନ ପୁରୁଷ ପ୍ରଧାନ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଛାତ୍ର ଅଭିଭାବକ ସୁବାଶ ମହାନ୍ତି, ଚନ୍ଦନ ରାଉତ, ଧର୍ମପଦ କରଣ, ଶୁଭଶ୍ରୀ କରଣ, ଶିବାନୀ ରାଉତ, କାଞ୍ଚନ ମହାନ୍ତି, ରୁବି ରାଣୀ ସାମନ୍ତରାୟ, ଦମୟନ୍ତୀ ରାଉତ ଦାବି କରିଛନ୍ତି। ବିଦ୍ୟାଳୟର ଶିକ୍ଷାଦାନ ବାଧାପ୍ରାପ୍ତ ସମ୍ପର୍କରେ ଭାରା ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀ ମତୀ ମାନସୀ ଜେନା କହିଛନ୍ତି ଉକ୍ତ ବିଦ୍ୟାଳୟର ଦୁଇଜଣ ମହିଳା ଶିକ୍ଷୟିତ୍ରୀ ଥିବାରୁ ସେ ଅଧିକାଂଶ ସମୟରେ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଗୁରୁବାରି ମହାନ୍ତି ଅସୁସ୍ଥ ରହୁଥିବାରୁ ଶିକ୍ଷା ଦାନ ବାଧାପ୍ରାପ୍ତ ହେଉଛି। ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନାଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ସରକଣା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

**ବାଲିଅନ୍ତା, ୬।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ସରକଣା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏନେଇ ଆୟୋଜିତ ସଭାରେ ସମିତି ସଭାପତି ସୋମନାଥ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ବୈଠକରେ ପୂର୍ବ ସଭାର ବାର୍ଷିକ ବିବରିଣୀ ପଠନ କରାଯାଇଥିଲା । ଏହା ସହିତ ୨୦୨୩ - ୨୦୨୪ ଆର୍ଥିକ ବର୍ଷର ଆୟ ବ୍ୟୟ ବିରରିଣୀ ପଠନ କରାଯାଇଥିଲା । ୨୦୨୪ - ୨୦୨୫ ଆର୍ଥିକ ବର୍ଷର ଆୟ ବ୍ୟୟ ନେଇ ଅଟକଳ ବଜେଟ ଅନୁମୋଦନ,



ସମୀକ୍ଷା ରିପୋର୍ଟ ପଠନ,ତ୍ରୁଟି ସଂଶୋଧନ ଏବଂ ଖିଲାପି ଋଣ ଆଦାୟ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ପରିଚାଳନା ପରିଷଦର ବରିଷ୍ଠ ସମବାୟବିତ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ସେନାପତି,ମାଗୁଣି ବେହେରା, ବସନ୍ତ ଦାସ, ବାବୁଲି ନାୟକ,ରଘୁନାଥ ପଣ୍ଡା ପ୍ରମୁଖଙ୍କ ସମେତ ରବିନ୍ଦ୍ର ପାଣି, ଲିଙ୍ଗରାଜ ପାଣି,ଭାଗ୍ୟଧର ଜେନା, ସନାତନ ବିଶ୍ୱାଳ, ମନୋଜ କୁମାର ମହାପାତ୍ର ଏବଂ ପ୍ରଶାନ୍ତ ପରିଡା ପ୍ରମୁଖ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ । ସମ୍ପାଦକ ଭାଗ୍ୟଧର ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ଧାନମଣ୍ଡି ଉଦ୍‌ଘାଟନର ପ୍ରସ୍ତୁତି ବୈଠକ



## କ୍ୱିଣ୍ଟାଲ ପ୍ରତି ଏମ୍‌ଏସ୍‌ପି ସହିତ ୮୦୦ଟଙ୍କାର ଇନପୁଟ୍ ସହାୟତା ବଣ୍ଟନ

**ନୟାଗଡ଼, ୬।୧୨ (ସଂଚାର ବ୍ୟୁରୋ):** ଚଳିତ ମାସ ୮ତାରିଖ ଦିନ ନୟାଗଡ଼ ଷ୍ଟାଡିୟମ ଠାରେ ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପ୍ରତି ଏମ.ଏସ.ପି. ସହିତ ୮୦୦ଟଙ୍କାର ଇନପୁଟ୍ ସହାୟତା ରାଶି ବଣ୍ଟନ ସମ୍ପର୍କରେ ଗତ ୪ ତାରିଖରେ ହୋଇଥିବା ପ୍ରସ୍ତୁତି ବୈଠକର ଅଗ୍ରଗତି ଉପରେ ଏକ ସମୀକ୍ଷା ବୈଠକ ଅଦ୍ୟ ଅପରାହ୍ନ ୪ ଘଟିକା ସମୟରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ମିନି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରରେ ୮ ଡିସେମ୍ବରରେ ଶୁଭ ଉଦ୍‌ଘାଟନର ସିଧା ପ୍ରସାରଣ ଉପସ୍ଥିତ ଚାଷୀମାନଙ୍କ ଉଦ୍ଦେଶ୍ୟରେ କରାଯିବ । ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପ୍ରତିପାଦନ କରିବା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ),ଅତିରିକ୍ତ ଜିଲ୍ଲାପାଳ(ସାଧାରଣ),ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ କୃଷି ଅଧୁକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଡିପିସି ମିଶନଶକ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆଂଚଳିକ ପରିବହନ ଅଧିକାରୀ, ନିବନ୍ଧକ ସମବାୟ ସମିତି, ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜୀକା, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଭୃତି ଉପସ୍ଥିତ ଥିଲେ ।

# ୬୨ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ



**ନୟାଗଡ଼, ୬।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ପୁଲିସ ରିଜର୍ଭ ପଡିଆ ପରିସରରେ ୬୨ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ.ସୁଶ୍ରୀ ଯୋଗ ଦେଇଥିଲେ । ଆରକ୍ଷୀ ଅଧୀକ୍ଷକ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଗୃହରକ୍ଷୀ ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟ ମନ୍ତ୍ରୀ ପଠାଇଥିବା ବାର୍ତ୍ତାକୁ ମୁଖ୍ୟ ଅତିଥି ପଠନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ୟାରେଡ କମାଇଣ୍ଡର ଅଶୋକ କୁମାର ସେଠୀ ପ୍ୟାରେଡ ପରିଚାଳନା କରିଥିଲେ । ଦ୍ୱିତୀୟ କମାଣ୍ଡର ଭାବେ କୃଷ୍ଣଚନ୍ଦ୍ର ସାହୁ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ସନାତନ କାଲୋ, ଡିଆଇଜି ଡିଏସପି ଦିନେଶ କୁମାର ନାୟକ, ସଦର ଏସଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ସମେତ ବହୁ ପୁଲିସ ଅଧୀକାରୀ ଉପସ୍ଥିତ ରହିଥିଲେ ।

# ନୂତନ ରାସନ୍ କାର୍ଡ ତାଲିକାରେ ବ୍ୟାପକ ଅନିୟମିତତା

**ସାଲେପୁର, ୬।୧୨ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ନୂତନ ରାସନ୍ କାର୍ଡ ତାଲିକାରେ ବ୍ୟାପକ ଅନିୟମିତତା କରାଯାଇଥିବା ନେଇ କଟକ ଜିଲ୍ଲାପାଳ ଓ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି।

### ୩ ମହଲା କୋଠା, ପେନ୍‌ସନ୍ ହୋଲଡରଙ୍କ ନାମ ତାଲିକାଭୁକ୍ତ ନେଇ ଅଭିଯୋଗ

ନୂତନ ରାସନ୍ କାର୍ଡ ତାଲିକାରେ ପ୍ରକୃତ ହିତାଧିକାରୀମାନଙ୍କୁ ସାମିଲ କରାନଯାଇ ଟାଳଟୁଳ ନୀତି ଅବଲମ୍ବନ କରାଯାଇଛି। ୩ମହଲା କୋଠାଘର ଥିବା ବ୍ୟକ୍ତି, ପେନ୍‌ସନ୍ ପାଉଥିବା ପରିବାର ସମେତ ସରକାରୀ ଚାକିରୀ କରିଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟକୁ ମଧ୍ୟ ରାସନ୍ କାର୍ଡଭୁକ୍ତ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ବିଶେଷ କରି ଚନ୍ଦ୍ରାଦେଇପୁର ଓ ବାଲିସାହି ପଞ୍ଚାୟତରେ ନୂତନ ରାସନ୍ କାର୍ଡ ତାଲିକାରେ ବ୍ୟାପକ ଅନିୟମିତତା କରାଯାଇଛି।

ଏନେଇ ବାଲିସାହି ସମିତିସଭ୍ୟା ଗୌତମୀ ମଲ୍ଲିକ କଟକ ଜିଲ୍ଲାପାଳ, ଭିଜିଲାନ୍ସ ବିଭାଗ କଟକ ଓ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତରେ ନୂତନ ରାସନ୍ କାର୍ଡ ତାଲିକାରେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ୩ମହଲା କୋଠାଘର, ସରକାରୀ ଚାକିରୀ, ଚାରିଚକିଆ ଯାନ, ପେନ୍‌ସନ୍ ପାଉଥିବା ପରିବାର ସଦସ୍ୟଙ୍କ ନାମ ଏହି ତାଲିକାଭୁକ୍ତ କରାଯାଇଛି



ବୋଲି ସେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଚନ୍ଦ୍ରାଦେଇପୁର ପଞ୍ଚାୟତରେ ମଧ୍ୟ ଏହି ତାଲିକା ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା କରାଯାଇଥିବା ନେଇ ଅଭିଯୋଗ ହୋଇଛି।

# ଦୁର୍ଘଟଣାରେ ଅଙ୍ଗନବାଡି ସୁପରଭାଇଜର ମୃତ

**ନିମାପଡ଼ା, ୬।୧୨ (ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣାରେ ଜଣେ ଅଙ୍ଗନବାଡି ସୁପରଭାଇଜରଙ୍କର ମୃତ୍ୟୁ ଘଟିଛି। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନିମାପଡ଼ା ଦହିଜଙ୍ଗ ଠାରେ। ସୂଚନାରୁ ପ୍ରକାଶ ଯେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ଧକ୍କାରେ ଆଜି ନିମାପଡ଼ା ବ୍ଲକ ଅଙ୍ଗନବାଡି ସୁପରଭାଇଜରଙ୍କର ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲା ପିପିଲି ଥାନା ଅନ୍ତର୍ଗତ ପାଇକସାହି ଅଞ୍ଚଳର ସଂଯୁକ୍ତା ଲେଙ୍କା(ବୟସ ୫୨) ସ୍ୱାମୀ ରଘୁନାଥ ଜେନାଙ୍କ ସହ ତାଙ୍କ କାର୍ଯ୍ୟସ୍ଥଳ ନିମାପଡ଼ା ବ୍ଲକକୁ ସ୍କୁଟି(ନମ୍ବର- ଓଡ଼ି-୦୨- ସିଭି-୭୩୯୨)ରେ ଆସୁଥିବା ବେଳେ ସାମ୍ନାପଟୁ



ଦ୍ରୁତ ଗତିରେ ଆସୁଥିବା ଏକ ଓଭର ଲୋଡ଼ିଂ ଟ୍ରକ (ନମ୍ବର- ଓଆର-୦୯-ଇ-୫୯୯୭) ତାଙ୍କୁ ଧକ୍କା ଦେଇଥିଲା। ରାସ୍ତାରେ ଛିଟିକି ପଡିବା ପରେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ୨ଜଣଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଏହି ସମୟରେ ଟ୍ରକଟି ଖସି ପଳାଇଥିଲା। ମେଡ଼ିକାଲରେ ଡାକ୍ତର ସଂଯୁକ୍ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ତାଙ୍କ ସ୍ୱାମୀ ରଘୁନାଥଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସଂଯୁକ୍ତା ନିମାପଡ଼ା ବ୍ଲକ ଅଙ୍ଗନବାଡି ସୁପରଭାଇଜର ଭାବେ କାର୍ଯ୍ୟରତ ଥିବାରୁ ଶତାଧିକ ଅଙ୍ଗନବାଡି କର୍ମୀ, ମିଶନ ଶକ୍ତି ମହିଳା, ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ବସନ୍ତ ହାତୀ, ସମାଜସେବୀ ଶ୍ୟାମସୁନ୍ଦର ନାୟକ ପ୍ରମୁଖ ମେଡିକାଲରେ ପହଞ୍ଚି ସଂଯୁକ୍ତାଙ୍କ ଶେଷ ଦର୍ଶନ କରିଥିଲେ।

## ପାରାଦୀପରେ ତଟ ରକ୍ଷକ ବାହିନୀର

# ଅତ୍ୟାଧୁନିକ ଜାହାଜ ସହାୟତା ପ୍ରତିଷ୍ଠାନ



**ଜଗତସିଂହପୁର, ୬।୧୨ (ସଂଚାର ବ୍ୟୁରୋ):** ଭାରତୀୟ ତଟ ରକ୍ଷକ (ଆଇସିଜି) ଆଜି, ୦୬ ଡିସେମ୍ବର ୨୦୨୪, ଓଡିଶାର ପାରାଦୀପ ଠାରେ ଏକ ନୂତନ ଜାହାଜ ସହାୟତା ପ୍ରତିଷ୍ଠାନର ସ୍ଥାପନ କରି ଏକ ଗୁରୁତ୍ୱପୂର୍ଣ୍ଣ କୀର୍ତ୍ତିମାନ ହାସଲ କରିଛି। ଏହି ଅତ୍ୟାଧୁନିକ ପ୍ରତିଷ୍ଠାନରେ ତଟରକ୍ଷକ ସାମଗ୍ରୀ ଭଣ୍ଡାର , ତଟରକ୍ଷକ ଜାହାଜ ମରାମତି ଦଳ ଓ ତଟ ରକ୍ଷକ ଜାହାଜ ସହାୟତା ଅନୁଷ୍ଠାନ ଅନ୍ତର୍ଭୁକ୍ତ ଅଟେ। ଏହାକୁ ତଟରକ୍ଷୀ ବାହିନୀ (ଉତ୍ତର ପୂର୍ବ)ର କ୍ଷେତ୍ରୀୟ କମାଣ୍ଡରଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି।

ଏହି କେନ୍ଦ୍ରର ସ୍ଥାପନା ଭାରତୀୟ ତଟରକ୍ଷକ ର କାର୍ଯ୍ୟକ୍ଷମତାକୁ ଏବଂ ଆତ୍ମନିର୍ଭରତାକୁ ଉତ୍ତୋଳନ କରିବା ସହ ପ୍ରତିବଦ୍ଧତାକୁ ପ୍ରତିପାଦନ କରିବ। ଏହା ତଟରକ୍ଷୀ ବାହିନୀର ଜାହାଜ ପାଇଁ ମରାମତି, ରିଫିଟ୍ ଏବଂ ଦୈନନ୍ଦିନ ସାମଗ୍ରୀ ର ଆବଶ୍ୟକତା କୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିବ। ଉଦ୍‌ଘାଟନ ସମାରୋହରେ, ତଟରକ୍ଷୀ ବାହିନୀ (ଉତ୍ତର ପୂର୍ବ) ର କ୍ଷେତ୍ରୀୟ କମାଣ୍ଡର ପାରାଦୀପର ଯୌକ୍ତିକ ମହତ୍ତ୍ୱକୁ ଏକ ପ୍ରମୁଖ ସାମୁଦ୍ରିକ କେନ୍ଦ୍ର ଭାବେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଏହି ଜାହାଜ ସହାୟତା ପ୍ରତିଷ୍ଠାନର ସୁବିଧା ଭାରତୀୟ ତଟରକ୍ଷକ ର କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବା ସହିତ ଉତ୍ତର-ପୂର୍ବ ସମୁଦ୍ରତଟରେ ସାମୁଦ୍ରିକ ସୁରକ୍ଷା ଏବଂ ସୁରକ୍ଷା ବୃଦ୍ଧି ପାଇଁ ମହତ୍ୱପୂର୍ଣ୍ଣ ଭୂମିକା ନିବାହ କରିବ।

# ହିଞ୍ଜିଳିକାଟୁରେ ଟ୍ରାଫିକ ସମସ୍ୟା ଗୁରୁତର

**ହିଞ୍ଜିଳିକାଟୁ, ୬।୧୨ (ସଂଚାର ବ୍ୟୁରୋ):** ୫୯ ନଂ ଜାତୀୟ ରାଜପଥର ହିଞ୍ଜିଳିକାଟୁ ବଜାର ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ହିଞ୍ଜିଳିକାଟୁ ଠାରୁ ପରିବା ବଜାର ଦେଇ ସିକିରି, ଖରିଡା, ଆଲପୁର, ରାଳବ, ଅନ୍ତରି ଗାଁ ଆଦି ଗାଁକୁ ମାଲ ପରିବହନକାରୀ ଗାଡି ଯାତାୟାତ କରେ। ଟ୍ରାଫିକ୍ ଭିଡ଼ ଯୋଗୁ ବିଶେଷତଃ ଜରୁରୀକାଳୀନ ସମୟରେ

### ଜାମରେ ଫସିଛି ବସ୍, ପୋଲିସ ବାବୁ ମୋବାଇଲରେ ବ୍ୟସ୍ତ

ଯାତାୟାତକାରୀ ଘୋର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

ଗଂଜାମ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ଭାବେ ପରିଗଣିତ ହିଞ୍ଜିଳିକାଟୁ ପୌରାଂଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଖୋଲାଖୋଲି ଭାବେ ସଡ଼କ ନିୟମକୁ ଉଲଘଂନ କରି ରାସ୍ତାରେ ପାର୍କିଂ କରାଯାଉଛି । ଏଥିଯୋଗୁଁ ସହର ମଧ୍ୟରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡିଛି। ୫୯ନଂ ଜାତୀୟ ରାଜପଥ ତଥା ହିଞ୍ଜିଳିକାଟୁ ପୌରାଂଚଳର ମୁଖ୍ୟ ରାସ୍ତା ବଇଁଚବଣିଆ ଛକ ଠାରୁ



ଆରଏମସି ଛକ ପର୍ଯ୍ୟନ୍ତ ସଦାସର୍ବଦା ଜନଗହଳି ପୂର୍ଣ୍ଣ ହୋଇ ରହୁଛି । ସହରର ବଇଁଚବଣିଆ, ଆରଏମସି ଛକ, ଲକ୍ଷ୍ମୀ ବଜାର, ବସଷ୍ଟାଣ୍ଡ ଓ ବ୍ଲକ ଛକରେ ଟ୍ରାଫିକ ସମସ୍ୟା ଗୁରୁତର ରହିଥିବା ବେଳେ ଉକ୍ତ ସ୍ଥାନ ମାନଙ୍କରେ ଟ୍ରାଫିକ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ ।

ପରିବା ବଜାରରେ ଲକ୍ଷ୍ମୀ ବସ୍ ଫସିଥିବା ବେଳେ ଟ୍ରାଫିକ ପୋଲିସ ବାବୁ ଫୋନରେ ବ୍ୟସ୍ତ ଥିବା ସହରର ଟ୍ରାଫିକ ବ୍ୟବସ୍ଥା କେତେ ଠିକ ତାହା ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ହିଞ୍ଜିଳି ମୁନିସିପାଲିଟିରେ ଟ୍ରାଫିକ ଅବ୍ୟବସ୍ଥାରେ ସୁଧାର ଆଣିବାପାଇଁ ସାଧାରଣରେ ଦାବି ହୋଇଛି।

## ୪ର୍ଥ ଟୁବୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ ୧ ରନ୍‌ରେ ବିଜୟୀ

**ନିମାପଡା, ୬।୧୨ (ସଂଚାର ବ୍ୟୁରୋ):** ଏସପି ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଅଲ ଓଡିଶା ବାରବାଟୀ କପ ୪ର୍ଥ ଟୁବୁଲି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭୁବନେଶ୍ୱରର ଏମସିସି (ମୁକ୍ତେଶ୍ୱର କ୍ରିକେଟ କ୍ଲବ) ଏବଂ ପୁରୀର ମହାବୀର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିତି ପ୍ରଥମେ ମହାବୀର ସ୍ପୋର୍ଟିଂ ଏମସିସି ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପ୍ରଥମେ ଏମସିସି ବ୍ୟାଟିଂ କରି ଅନୁରାଗ ଷଡଙ୍ଗୀଙ୍କ ୫୮ ରନ ଓ ସମିତ ଭୂୟାଁଙ୍କ ୩୭ ରନ ସହାୟତାରେ ନିର୍ଦ୍ଧାରିତ ୨୫ଓଭରରେ ୯ ୱିକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ମହାବୀର ସ୍ପୋର୍ଟିଂର ବୋଲର



ଅନିଲ ପ୍ରଧାନ ୩ଟି ଏବଂ ରଘୁ ଶର୍ମା ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ମହାବୀର ସ୍ପୋର୍ଟିଂ ବ୍ୟାଟିଂ କରି ଚନ୍ଦନ ଜେନାଙ୍କ ୫୪ ରନ ଏବଂ ପଦ୍ମଲୋଚନ ପଣ୍ଡାଙ୍କ ୨୩ ରନ ସହାୟତାରେ ନିର୍ଦ୍ଧାରିତ ୨୫ ଓଭର ଖେଳି ୯ଟି ୱିକେଟ ହରାଇ ୧୪୮ ରନ କରିବାକୁ ସକ୍ଷମ ହୋଇଥିଲା । ପ୍ରତିପକ୍ଷ ଏମସିସି ଦଳର ବୋଲର ଆଶୁତୋଷ ରାୟ ୩ଟି ଏବଂ ମିନାଲ ପରିଡା ୨ଟି ୱିକେଟ ନେଇଥିଲେ । ଏମସିସି ଦଳ ଆଜିର ସଂଘର୍ଷପୁର୍ଣ୍ଣ ମ୍ୟାଚରେ ୧ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଭୁବନେଶ୍ୱର ସ୍ଥିତ ବଣିକ ଶିକ୍ଷାଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁବ୍ରତ ଛାଟୋଇ, ବିଶିଷ୍ଟ ବ୍ୟବସାୟୀ ତଥା ନିମାପଡା ନଗରପାଳଙ୍କ ପ୍ରତିନିଧି ଲୋକନାଥ ସାହୁ ଏବଂ ପୂର୍ବତନ କାଉନସିଲର ଅରୁଣ କୁମାର ଦାଶ ଅତିଥି ଭାବେ ଯୋଗଦେଇ ଏମସିସି ଦଳର ଖେଳାଳି ଆଶୁତୋଷ ରାୟଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ମ୍ୟାଚକୁ ପରିଚାଳନା କରିଥିଲେ ନିର୍ମଳ ମିଶ୍ର ଓ ଅୟଶକାନ୍ତ ମିଶ୍ର ।

# ନବୀନଙ୍କ ଶିଳ୍ପ ଭେଳିକି | ଏମ୍ଓୟୁ କରି ଓହରିଛନ୍ତି ୧୩ କମ୍ପାନୀ




**ଭୁବନେଶ୍ୱର, ୬।୧୨ (ସଂଚାର ବ୍ୟୁରୋ):** ନବୀନ ପଟ୍ଟନାୟକ ଶାସନକାଳରେ ଓଡ଼ିଶାରେ ପ୍ରକଳ୍ପ ନକରି ଓହରି ଯାଇଛନ୍ତି ୧୩ଟି ପ୍ରମୁଖ ଶିଳ୍ପ କମ୍ପାନୀ । ଏହି କମ୍ପାନୀଗୁଡ଼ିକ ପ୍ରକଳ୍ପ ସ୍ଥାପନ ପାଇଁ ବୁଝାମଣା (ଏମ୍ଓୟୁ) ସ୍ୱାକ୍ଷର କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ଓହରି ଯାଇଥିଲେ । ଆଜି ବିଧାନସଭାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ତଥ୍ୟ ରଖିଛନ୍ତି ।

ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ୧୩ଟି କମ୍ପାନୀ ଶିଳ୍ପ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ଓହରି ଯାଇଛନ୍ତି। ସେମାନଙ୍କ ମଧ୍ୟରେ ଆର୍ସେଲର ମିତ୍ତଲ ଇଣ୍ଡିଆ, ପୋସ୍କୋ, ମହାରାଷ୍ଟ୍ର ସିମଲେସ୍ , ଷ୍ଟେରଲାଇଟ୍ ଇଣ୍ଡଷ୍ଟ୍ରିଜ, ଅନୁଗୁଳ ଏନର୍ଜି(ଭୂଷଣ ଏନର୍ଜି), ଜେଆର ପାୱାରଗ୍ରେନ୍, ଟାଟା ପାୱାର କମ୍ପାନୀ, ଆରତୀ ଷ୍ଟିଲ, ସିଇଏସସି ଲିଃ, ଚମ୍ବଲ ଇନଫ୍ରାଷ୍ଟ୍ରକଚର ଆଣ୍ଡ ଭେଂଚର, କଳିଙ୍ଗ ଏନର୍ଜି ଆଣ୍ଡ ପାୱାର, ବିଜିଆର ଏନର୍ଜି ସିଷ୍ଟମ ଓ ଆରଏସବି ମେଟାଲିକ୍ସ । ଏହି କମ୍ପାନୀଗୁଡ଼ିକ ମଧ୍ୟରେ ଆର୍ସେଲର ୪୦ହଜାର କୋଟି ଓ ପୋସେକ୍ ୫୧ହଜାର କୋଟି ଟଙ୍କା ନିବେଶର ପ୍ରତିଶ୍ରୁତି ଦେଇଥିଲେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଲିଖିତ ଉତ୍ତରରେ ଜଣାଇଛନ୍ତି।

ଅନ୍ୟପକ୍ଷରେ ଆଜି ଗୃହ ବାହାରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ଏବେ କୌଣସି ଶିଳ୍ପ ଓଡ଼ିଶାରୁ ଫେରୁନାହିଁ । ଶିଳ୍ପ କମ୍ପାନୀଗୁଡ଼ିକ ପକ୍ଷରୁ ମଧ୍ୟ ଏହା ସ୍ପଷ୍ଟ କରାଯାଇଛି । ଆର୍ସେଲର ମିତ୍ତଲ ନିପନ ଷ୍ଟିଲର ସ୍ଥିତି ହେଉଛି ସ୍ଥାନୀୟ ତହସିଲଦାରଙ୍କ ପକ୍ଷରୁ ଆଜି ସମ୍ପୃକ୍ତ ଅଂଚଳରେ ଜମି କିଣାବିକା ବନ୍ଦ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ସେଠାରେ ପ୍ରକଳ୍ପ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ରେଳ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତି କରାଯାଉଛି । ୧୮ମାସ ମଧ୍ୟରେ ବିଦ୍ୟୁତ ସଂଯୋଗ କାର୍ଯ୍ୟ ସରିବ । ସମସ୍ତ ପ୍ରକାରର ଆନୁସଙ୍ଗିକ କାମ ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପୂର୍ବ ସରକାର ସମୟରେ ବି ଯେଉଁ ଶିଳ୍ପ ଫେରିଥିଲା ତାକୁ ଆମେ ଓଡ଼ିଶାକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛୁ ବୋଲି ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ ଏସିଏଫ୍



**ଭୁବନେଶ୍ୱର୬।୧୨ (ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉଜଣେ କୋଟିପତି ସରକାରୀ ଅଧିକାରୀ। ବେଆଇନ ସମ୍ପତ୍ତି ଠୁଳ ଅଭିଯୋଗରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ (ଏସିଏଫ) ରେବତୀ ରମଣ ଯୋଷୀଙ୍କ ଘର, ଅଫିସ ସମେତ ସମ୍ବଲପୁର ଓ ବରଗଡ଼ରେ ୯ ଠିକଣାରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସମ୍ବଲପୁର ସ୍ଥିତ ତାଙ୍କ ସରକାରୀ ବାସଭବନରୁ ୧୪.୫ ଲକ୍ଷ ଟଙ୍କା, ଘରୁ ୧୫୦ ଗ୍ରାମ ସୁନା ଅଳଙ୍କାର ଓ ୩୦୦ ଗ୍ରାମ ରୁପା ଅଳଙ୍କାର ମିଳିଛି। ଏହାସହିତ ଏକ ତିନିମହଲା ଅଟ୍ଟାଳିକା ସମେତ ୩ କୋଠା, ଭୁବନେଶ୍ୱର ସ୍ଥିତ ଘାଟିକିଆର ସତ୍ୟମ୍ ରୟାଲ ଆପାର୍ଟମେଣ୍ଟରେ ଥିବା ଏକ ଫ୍ଲାଟ୍, ସମ୍ବଲପୁର ଟାଉନରେ ୩ ଫ୍ଲାଟ ଓ ୭ ପ୍ଲଟ ଠାବ ହୋଇଛି। ସେଥିରୁ ସମ୍ବଲପୁରରେ ୪ଟି ଏବଂ ୩ଟି ବରଗଡ଼ ଜିଲ୍ଲା ପଦ୍ମପୁରରେ ଅଛି। ତାଙ୍କ ବ୍ୟାଙ୍କ, ବୀମା ଓ ଡାକଘର ଜମା ସଂପର୍କରେ ଯାଞ୍ଚ ଜାରି ରହିଛି। ସମ୍ବଲପୁର ସ୍ୱତନ୍ତ୍ର କୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିବା ଚଢ଼ଉରେ ଭିଜିଲାନ୍ସର ଡିଏସ୍ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟକର୍ମଚାରୀମାନେ ସାମିଲ ହୋଇଛନ୍ତି।

## ପ୍ରଫୁଲ୍ଲ ସାମଲ ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ ସଭାପତି



**ଭୁବନେଶ୍ୱର, ୬।୧୨ (ସଂଚାର ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲଙ୍କୁ ମିଳିଛି ନୂଆ ଦାୟିତ୍ୱ। ତାଙ୍କୁ ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ୬ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ପ୍ରଫୁଲ୍ଲ ସାମଲ। ୧୯୯୦ ଓ ୧୯୯୫ରେ ସେ ଜନତା ଦଳ ଟିକେଟରେ ଭଦ୍ରକ ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ୨୦୦୧ରେ ଭଦ୍ରକ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ସେ ବିଜେଡି ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ସେ ବିଜେଡି ଟିକେଟରେ ଭଣ୍ଡାରିପୋଖରୀ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ରେ ପୁଣି ଭଦ୍ରକ ଆସନରୁ ବିଧାନସଭା ନିର୍ବାଚନ ଲଢ଼ି ବିଜେପିର ସୀତାଂଶୁ ଶେଖର ମହାପାତ୍ରଙ୍କଠାରୁ ପରାସ୍ତ ହୋଇଥିଲେ।

# ଜନ୍ମମାଟିରେ ରାଷ୍ଟ୍ରପତି | ମହିଳାଙ୍କ ସହ ନାଚିଲେ, ଭାବବିନିମୟ କଲେ




**ବାରିପଦା, ୬।୧୨ (ସଂଚାର ବ୍ୟୁରୋ):** ଭିଟାମାଟିରେ ପାଦଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଗାଁ ଲୋକଙ୍କ ଭାବବିନିମୟ କଲେ, ନାଚିଲେ, ଭାବବିହ୍ୱଳ ହେଲେ। ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ପାଇଁ ନିଜ ଜନ୍ମମାଟି ରାଇରଙ୍ଗପୁରର ଉପରବେଡ଼ା ଯାଇଛନ୍ତି। ରାଷ୍ଟ୍ରପତି ବନିଥିବା ଗାଁ ଝିଅଙ୍କୁ ପାଖରେ ପାଇ ଉପରବେଡ଼ାବାସୀ କୃତ୍ୟ କୃତ୍ୟ ହୋଇଛନ୍ତି। ରାଷ୍ଟ୍ରପତିଙ୍କୁ ପ୍ରଥମରୁ ପଞ୍ଚମ ଯାଏଁ ପାଠ ପଢ଼ାଇଥିବା ଗୁରୁ ବି ନିଜକୁ ଧନ୍ୟ ମନେକରିଛନ୍ତି।

ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ କେଉଁଠି ସାନ୍ତାଳୀ ନୃତ୍ୟ ସଂଗୀତରେ ଝଙ୍କୃତ ହେଉଛି ଗାଁ ଦାଣ୍ଡ ତ ଆଉ କେଉଁଠି ଝଟକୁଛି ହାତ ଅଙ୍କା ଝୋଟି। ଶୁକ୍ରବାର ପୂର୍ବାହ୍ନରେ ଜନ୍ମମାଟିରେ ପାଦ ଥାପିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପ୍ରଥମେ ଯାଇଥିଲେ ଉପରବେଡ଼ା ଉଚ୍ଚ ପ୍ରାଥମିକ ସ୍କୁଲ। ସେଠାରେ ଅଭିଭାଷଣ ରଖି ବାଲ୍ୟସ୍ମୃତିକୁ ବଖାଣିଥିଲେ। ଏହାସହିତ ପ୍ରୋଟୋକଲ୍ ଭାଙ୍ଗି ଛାତ୍ରଛାତ୍ରୀ ଏବଂ ନିଜର ବାଲ୍ୟ ବାନ୍ଧବୀଙ୍କୁ ଭେଟି ଭାବବିନିମୟ କରିଛନ୍ତି । ସାଙ୍ଗରେ ଆଣିଥିବା ଉପହାର ବି ବାଣ୍ଟିଛନ୍ତି। ବାଲ୍ୟ ଗୁରୁ ମଦନ ମୋହନ ସାର, କୃତିବାସ ସାର୍ ଏବଂ ବିଶୁ ସାର୍ଙ୍କୁ ଭେଟି ମଞ୍ଚ ଉପରେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ହାତଯୋଡ଼ି କୃତଜ୍ଞତା ଜଣାଇଛନ୍ତି । ସ୍କୁଲରୁ ସିଧା ଯାଇଥିଲେ ପୈତୃକ ଘରକୁ । ରାଷ୍ଟ୍ରପତି ବନିଥିବା ଝିଅକୁ ଦୁବ ଆଉ ବରକୋଳି ପତ୍ର ସହ ବନ୍ଦାପନା କରି ସ୍ୱାଗତ କରିଥିଲେ ପରିବାର, ଆତ୍ମୀୟ ସ୍ୱଜନ।

ଘରେ ପହଞ୍ଚିବା ପରେ ପ୍ରୋଟୋକଲ୍ ଭାଙ୍ଗି ମହିଳାଙ୍କ ସହ ସାନ୍ତାଳି ନୃତ୍ୟରେ ସାମିଲ ହୋଇଥିଲେ। ପରେ ଘରକୁ ଯାଇ ନିଜ ପୁତୁରା ଓ ପୁତୁରା ବୋହୂଙ୍କୁ ହାତରୁ ମଣ୍ଡା ପିଠା ଓ ଆରିଷା ପିଠା ସହ ଖାଇଥିଲେ ମଧ୍ୟାହ୍ନ ଭୋଜନ । ଆଉ ସମସ୍ତଙ୍କୁ ଦିଲ୍ଲୀ ଯିବାକୁ ନିମନ୍ତ୍ରଣ ସହ ରାଷ୍ଟ୍ରପତି ଭବନରୁ ଆଣିଥିବା ଶାଢ଼ୀ ଓ ମିଠା ଦେଇଥିଲେ। ନିଜ ଘରେ ମଧ୍ୟାହ୍ନ ଭୋଜନ ପରେ ରାଇରଙ୍ଗପୁର ଆସିଥିଲେ ରାଷ୍ଟ୍ରପତି। ରାଇରଙ୍ଗପୁର ଡାକ୍ତରଖାନାକୁ ଏଲ୍ଆଇସି ପ୍ରଦତ୍ତ ସ୍ୱର୍ଗରଥ ଆମ୍ବୁଲାନ୍ସ ଏବଂ ରେଡକ୍ରସ ପ୍ରଦତ୍ତ ଆମ୍ବୁଲାନ୍ସକୁ ଲୋକାର୍ପିତ କରିଥିଲେ। ଏହାସହ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଯୋଗଦେଇ ଛାତ୍ରୀଙ୍କୁ ସ୍ୱପ୍ନକୁ ସାକାର କରିବାର ମନ୍ତ୍ର ଦେଇଥିଲେ। ଅପରାହ୍ଣରେ ରାଇରଙ୍ଗପୁରସ୍ଥିତ ପୂର୍ଣ୍ଣେଶ୍ୱର ଶିବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ରାଷ୍ଟ୍ରପତି ହେବା ପାଇଁ ତାଙ୍କ ନାଁ ଘୋଷଣା ହେବା ପରେ ମହାଦେବଙ୍କୁ ଦର୍ଶନ କରି ଝାଡୁ ଲଗାଇଥିଲେ । ଆଜି ସେଠାରେ କିଛି ସମୟ ଧରି ପୂଜାର୍ଚ୍ଚନା କରି ନିଜ ମହୁଲଡିହା ଘରକୁ ଫେରିଥିଲେ।





## ବର୍ଦ୍ଧିତ ଭତ୍ତା:ସରକାର ବିଚାରଧୀନ

**ଭୁବନେଶ୍ୱର, ୬।୧୨(ତଥ୍ୟ):** ୮୦ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ଦେବା କଥା ସରକାର ବିଚାର କରୁଛନ୍ତି। ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବର୍ଦ୍ଧିତ ଭତ୍ତା ପ୍ରଦାନ ପ୍ରସଙ୍ଗରେ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହଛନ୍ତି ଯେ ରାଜ୍ୟରେ ମଧୁବାବୁ ଭତ୍ତା ଯୋଜନା ଅଧିନରେ ମୋଟ୍ ୩୬, ୭୫, ୦୦୮ଜଣ ହିତାଧିକାରୀଙ୍କୁ ମାସିକ ଭତ୍ତା ପ୍ରଦାନ କରାଯାଉଛି। ରାଜ୍ୟରେ ମଧୁବାବୁ ଭତ୍ତା ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧିନରେ ମୋଟ୍ ୫, ୬୩, ୧୩୬ ଜଣ ୮୦ବର୍ଷ ବୟସ୍କ କିମ୍ବା ତାହାଠାରୁ ଅଧିକ ବୟସର ବ୍ୟକ୍ତି ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ଏମାନଙ୍କ ମାସିକ ଭତ୍ତା ରାଶିକୁ ୩୫୦୦ ଟଙ୍କାକୁ ବୃଦ୍ଧି କରିବାପାଇଁ ରାଜ୍ୟ ସରକାର ବିଚାର କରୁଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ବିଧାନସଭା ଖବର

### ● ନିଯୁକ୍ତି ସୃଷ୍ଟି ସରକାରଙ୍କ ପ୍ରାଥମିକତା

ନିଯୁକ୍ତି ଖାଲି ଘୋଷଣା ନାମାରେ ରଖିଲେ ହେବ ନାହିଁ। ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ଅଛି। ଆମ ସରକାର ସେ ନେଇ ପ୍ରସ୍ତୁତ ଅଛନ୍ତି। ଖାଲି ଥିବା ସରକାରୀ ପଦବୀ ପୂରଣ କରାଯାଉଛି। ନିଯୁକ୍ତି ଉପରେ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଉଛନ୍ତି।ଓଡ଼ିଶାକୁ ଏମିତି ଶିଳ୍ପ ଆସୁ ଯେମିତି ନିଯୁକ୍ତି ଅଧିକ ସୃଷ୍ଟି ହେବ। ବିବିଧ ଶିଳ୍ପ ମାଧ୍ୟମରେ ବ୍ୟାପ ନିଯୁକ୍ତି ସୃଷ୍ଟି ପାଇଁ ଆମେ ଚେଷ୍ଟା କରୁଛୁ। ନିଯୁକ୍ତି ସୃଷ୍ଟି ସରକାରଙ୍କ ପ୍ରାଥମିକତା। ସରକାର ସେ ଦିଗରେ କାମ କରୁଛନ୍ତି। ଯେତିକି ପ୍ରତିଶ୍ରୁତି ଦିଆଯାଇଛି ପୁରଣ କରାଯିବ ବୋଲି ଶିଳକପମନ୍ତ୍ରୀ ସମ୍ପଦ ସ୍ୱାଇଁ ବିଧାନସଭା ବାହାରେ ଗଣମାଧ୍ୟମକୁ କହିଛନ୍ତି।

### ● କଳାକାରଙ୍କ ପ୍ରସ୍ତାବ ଉପରେ ବିଚାର କରାଯିବ

ଶିଳ୍ପମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ବାରମ୍ବାର ସମସ୍ତ କଳାକାରଙ୍କର ଅଭିଯୋଗ ଓଡ଼ିଶାରେ ସିନେମା ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ। ବିଗତ ସରକାର ପ୍ରୋତ୍ସାହନ ନ ଦେବାରୁ ସିନେମା ଶିଳ୍ପ ରୁଗ୍ଣ ଅବସ୍ଥାକୁ ପଳେଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। କଳିଙ୍ଗ ଷ୍ଟାଡିୟମରେ କଳାକାର, ନିର୍ଦ୍ଦେଶକମାନଙ୍କ ସହ ଆଲୋଚନା ହୋଇଛି। ସେମାନେ ତାଙ୍କ ପ୍ରସ୍ତାବ ଦେଇଛନ୍ତି। ସରକାର ସେ ଦିଗରେ ଅନୁଧ୍ୟାନ କରୁଛନ୍ତି ଓ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ। ହଲ ବଢ଼ିବା ସହ ଆଉ କଣ ସୁବିଧା ଦିଆଯିବ ବିଚାର କରାଯିବ।

### ● ପୋଲାଭରମ୍: ବିରୋଧୀଙ୍କୁ ବିଜେପିର କଡ଼ା ଜବାବ

ପୋଲାଭରମ ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗ ଉପରେ କଡ଼ା ଜବାବ ରଖିଲା ବିଜେପି। ବିଧାନସଭା ବାହାରେ ଗଣମାଧ୍ୟମ ନିକଟରେ ବିବୃତି ଦେଇ ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି, ପୋଲାଭରମ ପ୍ରସଙ୍ଗରେ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ବିରୋଧୀ। ବିଜେପି ପୋଲାଭରମ ପ୍ରକଳ୍ପ ପାଇଁ ଚିନ୍ତିତ। ଓଡ଼ିଶାର ଗୋଟିଏ ଇଞ୍ଚ ଜମି ଅବୈଧ ଭାବରେ ପୋଲାଭରମକୁ ଦିଆଯିବ ନାହିଁ। ବିରୋଧୀଙ୍କ ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ। ୨୪ ବର୍ଷର ପୂର୍ବ ବିଜେଡି ସରକାରକୁ ସୁଯୋଗ ମିଳିଥିଲା, ଆଲୋଚନା ମାଧ୍ୟମରେ ସମାଧାନ କରିପାରିଥାନ୍ତେ। କିନ୍ତୁ କିଛି ପଦକ୍ଷେପ ନେଲେନି। କେବଳ ଗୋଟିଏ ଦୁଇଟି ଚିଠି ଲେଖି ଦେଲେ, ସିଡବ୍ଲ୍ୟୁସିକୁ ଭେଟିଲେ ସମସ୍ୟାର ସମାଧାନ ହେବ ନାହିଁ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦୁଇ ଥର କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି। ବିଜେପି ସରକାର ଓଡ଼ିଶା ସ୍ୱାର୍ଥ ରକ୍ଷା ପାଇଁ ବଦ୍ଧପରିକର। କେବଳ ନିଜର ରାଜନୈତିକ ରୁଟି ସେକିବା ପାଇଁ କପୋଳକଳ୍ପିତ ଶବ୍ଦ ବ୍ୟବାହର କରୁଛନ୍ତି ବିରୋଧୀ। ଏହାକୁ ରାଜ୍ୟବାସୀ କେବେ ଗ୍ରହଣ କରିବେ ନାହିଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

### ● ଯୁକ୍ତ ଦୁଇକୁ ଅଲଗା ପାଇଁ ୨୦୧୬-୧୭ ବର୍ଷରୁ ହୋଇଛି ବିଜ୍ଞପ୍ତି

ରାଜ୍ୟ ସରକାର ଶିକ୍ଷାବର୍ଷ ୨୦୧୬-୧୭ ଠାରୁ ଯୁକ୍ତ ଦୁଇ ପାଠ୍ୟକ୍ରମକୁ ଉଚ୍ଚଶିକ୍ଷା ବିଭାଗରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନକୁ ଆଣିବାପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ୧୯୯ ଟି ହାଇସ୍କୁଲକୁ ଉନ୍ନୀତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଥିବା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ କହିଛନ୍ତି ଯେ ଏହି ଉନ୍ନୀତ ବିଦ୍ୟାଳୟ ମଧ୍ୟରୁ କଳାହାଣ୍ଡି ଜିଲ୍ଲାରେ ସର୍ବାଧିକ ୨୬ଟି ଥିବାବେଳେ ଗଜପତିରେ ୨୩ଟି, ସୁନ୍ଦରଗଡ଼ରେ ୧୭ଟି, ବଲାଙ୍ଗିରରେ ୧୬ଟି, କୋରାପୁଟରେ ୧୧ଟି ଓ ମାଲକାନଗିରି ଜିଲ୍ଲାରେ ୧୦ଟି ରହିଛି। ସେହିଭଳି ଝାରସୁଗୁଡା ଜିଲ୍ଲାରେ ୫ଟି ବିଦ୍ୟାଳୟ ରହିଛି।ମନ୍ତ୍ରୀ କହିଛନ୍ତି ଯେ ୧୧୦ଟି ବିଦ୍ୟାଳୟକୁ ପ୍ରାଥମିକ ପ୍ରସ୍ତୁତ ଓ କାର୍ଯ୍ୟକ୍ଷମ ବାବଦକୁ ପ୍ରତି ଅନୁଷ୍ଠାନକୁ ଏକ ଲକ୍ଷ ଟଙ୍କା କରି ଯୋଗାଇ ଦିଆଯାଇଛି। ଆସବାବପତ୍ର ନିକଟରେ ୨୬ଟି ବିଦ୍ୟାଳୟକୁ ୨୦୨୩-୨୪ ବର୍ଷରେ ୫୦ଲକ୍ଷ ୯୨ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଥିବାବେଳେ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୧୪ଟି ବିଦ୍ୟାଳୟକୁ ସେହି ବର୍ଷ ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

### ● ଝାରସୁଗୁଡ଼ାରେ ୨୭୨୦ ଜଣ ଭତ୍ତା ଅପେକ୍ଷାରେ

ଝାରସୁଗୁଡା ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଭତ୍ତା ପାଇବାପାଇଁ ୨୭୨୦ ଜଣ ହିତାଧିକାରୀ ଆବେଦନ କରି ଅପେକ୍ଷାରେ ଅଛନ୍ତି। ଏମାନଙ୍କ ମଧ୍ୟରୁ ମଧୁବାବୁ ଭତ୍ତା ଯୋଜନାରେ ୨୪୯୪ ଜଣ ସାମିଲ ପାଇଁ ଆବେଦନ କରିଥିବାବେଳେ ୨୨୬ ଜଣ ଜାତୀୟ ସାମାଜିକ ସହାୟତା ଯୋଜନାରେ ସାମିଲ ପାଇଁ ଆବେଦନ କରିଛନ୍ତି। ଏହି ଆବେଦନକାରୀଙ୍କ ମଧ୍ୟରୁ ୯ଜଣଙ୍କର ବୟସ ୮୦ ବର୍ଷରୁ ଅଧିକ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ମୋଟ୍ ୨୬, ୮୩୫ ଜଣ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା ଯୋଜନା ଓ ୧୧, ୬୬୩ ଜଣ ହିତାଧିକାରୀ ଜାତୀୟ ସାମାଜିକ ସହାୟତା ଯୋଜନା କାର୍ଯ୍ୟକ୍ରମ ଅଧିନରେ ଭତ୍ତା ପ୍ରଦାନ କରାଯାଉଛି। ତେବେ ଅପେକ୍ଷାରତ ଯୋଗ୍ୟ ଆବେଦନକାରୀମାନଙ୍କୁ ମୃତ୍ୟୁ କିମ୍ବା ଅନ୍ୟ କାରଣରୁ ଶୂନ୍ୟସ୍ଥାନ ସୃଷ୍ଟି ହେଲେ ସାମାଜିକ ସୁରକ୍ଷା ଯୋଜନା ଭତ୍ତା ମଞ୍ଜୁର କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ● ୧୨୨୦ ଜଣଙ୍କୁ ନିଯୁକ୍ତିଭିତ୍ତିକ ତାଲିମ

ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମରେ ଗତ ୫ବର୍ଷ ମଧ୍ୟରେ ଝାରସୁଗୁଡା ଜିଲ୍ଲାର ୧୨୨୦ ଜଣ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୩୦ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ମନ୍ତ୍ରୀ କହିଛନ୍ତି ଯେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ହେବାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ ୪୨୮୨ ଜଣ ଯୁବକ ଯୁବତୀ ଦକ୍ଷତା ତାଲିମ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଝାରସୁଗୁଡା ଜିଲ୍ଲାରୁ ମୋଟ୍ ୬ଟି ବ୍ୟାଚରେ ୫୦ଜଣ ଯୁବକ ଯୁବତୀ ତାଲିମ ପାଇଛନ୍ତି। ଦକ୍ଷତା ତାଲିମ ପାଇବାପରେ ୪ଟି ବ୍ୟାଚରୁ ୪୧ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଅବଶିଷ୍ଟ ୯ଜଣ ପଞ୍ଚମ ଓ ଷଷ୍ଠ ବ୍ୟାଚ୍ରେ ତାଲିମ ନେଉଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ୪୧ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୪ଜଣ ବିଭନ୍ନ କମ୍ପାନୀ ଯଥା ଟାଟା ଷ୍ଟିଲ, ଜନସନ୍ ଲିଫ୍ଟ, ଜିନ୍ଦଲ ପଲିଫିଲ୍ମସ୍, ମେଗାଭି ୱେଲନେସ୍ ଓ ଭିଏଲସିସିରେ ନିଯୁକ୍ତି ପାଇଛନ୍ତି। ସେହିଭଳି ରାଜ୍ୟ ସରକାର ୨୦୨୩-୨୪ ମସିହାରେ ନୂଆ ଓଡିଶା ନାମର ପ୍ରଣୟନ କରିଥିବା ଯୋଜନାରେ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାଗୁଡିକ ସହାୟତାରେ ତାଲିମ ପ୍ରଦାନ କରୁଥିବାବେ ସେଥିରେ ଝାରଗୁଡା ଜିଲ୍ଲାର ୧୯୦ ଜଣ ଯୁବକ ଯୁବତୀ ତାଲିମ ଗ୍ରହଣ କରିଛନ୍ତି।

# ଭରତପୁର ଥାନା ମାମଲାର ଶୁଣାଣି

**ଭୁବନେଶ୍ୱର, ୬।୧୨ (ସଂଚାର ବ୍ୟୁରୋ):** ଭରତପୁର ଥାନାରେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କ ନିର୍ଯାତନା ମାମଲାରେ ଆରମ୍ଭ ହୋଇଛି ତଦନ୍ତ କମିଶନଙ୍କ ଶୁଣାଣି। ଜଷ୍ଟିସ ଚିତ୍ତରଞ୍ଜନ ଦାସ କମିସନଙ୍କ ନେତୃତ୍ୱରେ ଶୁଣାଣି ପ୍ରକ୍ରିୟାର ସମୟ ଧାର୍ଯ୍ୟ କରାଯାଇଛି । ପ୍ରଥମ ଶୁଣାଣିରେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କୁ ହେବ ଜେରା। ଆସନ୍ତା ୮ ତାରିଖ ରବିବାର ଦିନ କମିଶନଙ୍କ କୋର୍ଟରେ ହାଜର ହେବ ଉଭୟେ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୪ ରାତିରେ ଭରତପୁର ଥାନାରେ ଆର୍ମି ମେଜର ଓ ବାନ୍ଧବୀଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ପୁରୁଷ ବନ୍ଧୁଙ୍କ ସହ ପୀଡ଼ିତା ରାତି ୧ଟା ବେଳେ ଅଭିଯୋଗ କରିବାକୁ ଯାଇଥିବା ବେଳେ ପୋଲିସ ଆକ୍ରମଣ କରିବା ସହ ଥାନା ଆଇଆଇସିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଘଟଣାରେ ତତ୍କାଳୀନ ଥାନା ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ୪ ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

# ଗ୍ୟାସ୍ ଲିକ୍: ଶ୍ରମିକ ମୃତ

**ପାରାଦୀପ, ୬।୧୨ (ସଂଚାର ବ୍ୟୁରୋ):** ବିପିସିଏଲ ଗ୍ୟାସ୍ ପାଇପ୍ ଲାଇନ ମରାମତି ବେଳେ ଲିକ୍। ଏହି ଘଟଣାରେ ଜଣେ ଶ୍ରମିକ ମୃତ। କଟକ-ପାରାଦୀପ ରାସ୍ତାର ତାଳଦଣ୍ଡାଠାରେ ବିପିସିଏଲ ଗ୍ୟାସ୍ ପାଇପ୍ ଲାଇନ ମରାମତି ବେଳେ ଏକ ଅଘଟଣ ଘଟିଛି। ଶ୍ରମିକ ମରାମତି କାମ କରୁଥିବାବେଳେ ମାଟି ତଳେ ଚାପି ହୋଇ ତାଙ୍କ ଜୀବନ ଯାଇଛି। ଏହି ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଥିଲା। ମାଟି ତଳ ସମ୍ପ୍ରରୁ ୨ ଘଣ୍ଟା ପରେ ଶ୍ରମିକଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଗ୍ୟାସ୍ ଲିକ୍ ହେଉଥିବା ସୂଚନା ମିଳିଥିବାବେଳେ ଘଟଣାସ୍ଥଳରେ ଅଗ୍ନିଶମବାହିନୀ ଓ ପୋଲିସ ଉପସ୍ଥିତ ରହି ମାଟି ତଳୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ଗ୍ୟାସ୍ ଲିକ୍ ହେବାରୁ କଟକ ପାରାଦୀପ ରାସ୍ତା ବନ୍ଦ ର କରାଯାଇଥିଲା।

# ଦୁଇଦିନ ବର୍ଷା ସମ୍ଭାବନା: ଶୀତ ବଢ଼ିବ

**ଭୁବନେଶ୍ୱର,୬।୧୨ (ସଂଚାର ବ୍ୟୁରୋ):** ଆସନ୍ତା ୮ ଓ ୯ ତାରିଖରେ ରାଜ୍ୟର କିଛି ଜିଲ୍ଲାରେ ହାଲ୍କାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଏନେଇ ପୂର୍ବାନୁମାନ କରାଯାଇଛି। ବର୍ଷା ଯୋଗୁ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ଘଟିବ ଓ ଶୀତ ପ୍ରକୋପ ବୃଦ୍ଧି ପାଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ୮ ରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ଗଞ୍ଜାମ, ଗଜପତି ଓ ବଲାଙ୍ଗିର ଜିଲ୍ଲାରେ ହାଲ୍କାରୁ ମଧ୍ୟମ ଧରଣରେ ବର୍ଷା ହୋଇପାରେ। କେତେକ ଜିଲ୍ଲାରେ ପାଗ ମେଘୁଆ ରହିବାର ସମ୍ଭାବନା ରହିଛି। ୯ରେ ଢେଙ୍କାନାଳ, ଅନୁଗୋଳ, ଯାଜପୁର, କେନ୍ଦୁଝର, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା ଓ ମୟୂରଭଞ୍ଜର କିଛ ଅଞ୍ଚଳରେବର୍ଷା ସମ୍ଭାବନା ରହିଛି।

# ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର୬।୧୨ (ସଂଚାର ବ୍ୟୁରୋ):** ସାଧାରଣ ଜନତାଙ୍କୁ ଜରୁରି ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ କଣ୍ଟାମିଲା ସରକାରୀ ପ୍ରାଥମିକ ସ୍କୁଲରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ସଫଳତାର ସହିତ ଅନୁଷ୍ଠିତ ହୋଇଛି। ଟଣ୍ରଷ୍ଟ ଅଧ୍ୟକ୍ଷ ଡ. ମୃଦୁଳା ଠାକୁର ପ୍ରଧାନ ଶିବିରରେ ଉପସ୍ଥିତ ରହି ଶିବିର ପରିଚାଳନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଡ. ପ୍ରଧାନ ରୋଗୀ ଓ ସ୍ଥାନୀୟ ଲୋକଙ୍କ ସହିତ ଭାବ ବିନିମୟ କରି ସୁସ୍ଥ ଜୀବନ ଧାରଣ ପାଇଁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ଉପରେ ଗୁରୁତ୍ୱ ପ୍ରଧାନ କରିଛନ୍ତି। ଉକ୍ତ ଶିବିରରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ, ପ୍ରାଥମିକ ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଟ୍ରଷ୍ଟ ପକ୍ଷରୁ ଏଭଳି ଉଦ୍ୟମ ଜାରି ରହିବ। ଶିବିରର ସପଳତା ପାଇଁ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରାଯାଇଛି।





# ଚାହିଦା ମେଣ୍ଟାଉଛି ଅନ୍ୟ ରାଜ୍ୟ ନଡ଼ିଆ




**ଭୁବନେଶ୍ୱର, ୬।୧୨:** ଶହେ କୋଟିରୁ ଅଧିକ ନଡିଆ ଉତ୍ପାଦନ କ୍ଷମତା ରଖିଥିବା ଓଡ଼ିଶାରେ ଏବେ ବର୍ଷକୁ ଅତି ବେଶିରେ ୪୦କୋଟି ନଡିଆ ଉତ୍ପାଦନ ହେଉଛି। ଏ ପରିପ୍ରେକ୍ଷୀରେ ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବାପାଇଁ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନଡିଆ ଓ ନଡିଆ ତେଲ ପାଇଁ ନିର୍ଭର କରିବାକୁ ପଡୁଛି।

ଏକଦା ନଡିଆ ଉତ୍ପାଦନ କ୍ଷେତ୍ରରେ ଦେଶର ଦୁଇ ତିନିଟି ରାଜ୍ୟ ମଧ୍ୟରେ ସ୍ଥାନ ପାଉଥିବା ଓଡ଼ିଶାର ନଡିଆ ଉତ୍ପାଦନ କମ୍ ରହିବା ଚାଷୀମାନଙ୍କ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ବଜାରରେ ଖାଉଟିମାନଙ୍କୁ ଚଢ଼ା ଦରରେ ନଡିଆ ଓ ପଇଡ କିଣିବାକୁ ପଡୁଛି। ଖୋଦ ରାଜଧାନୀ ଭୁବନେଶ୍ୱରରେ ଶୁଖିଲା ନଡିଆ ଗୋଟା ୩୦ ଟଙ୍କାରୁ ଅଧିକ ରହୁଥିବାବେଳେ ପଇଡର ଦାମ୍ ୩୦ ରୁ ୫୦ ଟଙ୍କା ରହୁଛି। ଏମିତିକି ଅନ୍ୟ ରାଜ୍ୟରୁ ପଇଡ ଆଣି ଏଠାରେ ବ୍ୟବସାୟ କରିବାକୁ ପଡୁଛି।

ଗୋଟିଏ ସମୟରେ ପୁରୀ ଜିଲ୍ଲା ନଡିଆ ଉତ୍ପାଦନ ପାଇଁ ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିଲା। ବିଶେଷକରି ସାକ୍ଷୀଗୋପାଳ, ପୁରୀ, ବ୍ରହ୍ମଗିରି, ପିପିଲି, ଡେଲାଙ୍ଗ, କଣାସ, ନିମାପଡ଼ା, ଅସ୍ତରଙ୍ଗ, କାକଟପୁର ଆଦି ଅଞ୍ଚଳରେ ପ୍ରଚୁର ନଡିଆ ଉତ୍ପାଦିତ ହେଉଥିଲା। ଅନ୍ୟ ରାଜ୍ୟରୁ ବ୍ୟବସାୟୀମାନେ ସାକ୍ଷୀଗୋପାଳର ନଡିଆ ହାଟରୁ ଟ୍ରକ ଟ୍ରକ ଶୁଖିଲା ନଡିଆ କିଣୁଥିଲେ। କିନ୍ତୁ ଏବେ ସାକ୍ଷୀଗୋପାଳର ଅନେକ ନଡିଆ ଗୋଦାମ ଖାଲି ପଡ଼ିଛି। କେବଳ ସେତିକି ନୁହେଁ ନଡିଆ ତୋଳିବାପାଇଁ ଜିଲ୍ଲାର ଗ୍ରାମାଞ୍ଚଳରେ ଏବେ ପର୍ଯ୍ୟାପ୍ତ ସଂଖ୍ୟକ ମାଳୁଆ ମିଳୁନାହାନ୍ତି। ଯେଉଁମାନଙ୍କର ବି ନଡିଆଗଛ ରହିଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ପଇଡ ବିକି ପଇସା କମାଉଥିବାରୁ ଗାଁ ଗହଳକୁ ଅନ୍ୟ ରାଜ୍ୟରୁ ଆସୁଥିବା ଶୁଖିଲା ନଡିଆ ନଗଲେ ପୂଜାର୍ଚ୍ଚନା ହୋଇପାରୁନାହିଁ। ରାଜ୍ୟରେ ଯେତିକି ବି ନଡିଆ ଉତ୍ପାଦିତ ହେଉଛି ସେଥିରୁ ଓଡ଼ିଶା ବ୍ରାଣ୍ଡ୍ରେ ନଡିଆତେଲ ପ୍ରସ୍ତୁତ ହେଉନଥିବାରୁ ଆନ୍ଧ୍ର, ତାମିଲନାଡୁ, କର୍ଣ୍ଣାଟକ, କେରଳ ଆଦି ରାଜ୍ୟର ନଡିଆ ତେଲ ଉପରେ ଓଡିଆ ଲୋକେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏବେ ଓଡ଼ିଶାରେ ନଡିଆ ଉତ୍ପାଦନ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ସବୁଠାରୁ ଆଗରେ ରହିଛି। ଏହି ଜିଲ୍ଲାରେ ବାର୍ଷିକ ପ୍ରାୟ ୧୦କୋଟି ନଡିଆ ଓ ପଇଡ ଉତ୍ପାଦିତ ହେଉଛି। ରାୟଗଡ଼ା ଜିଲ୍ଲାରେ ସାଢେ ୪କୋଟିରୁ ଅଧିକ ନଡିଆ ଫଳୁଥିବାବେଳେ ପୁରୀ ଜିଲ୍ଲାରେ ଏହି ସଂଖ୍ୟା ପାଖପାଖି ସାଢେ ୩କୋଟି ରହୁଛି। କଟକ ଜିଲ୍ଲାରେ ବି ପୁରୀ ସମକକ୍ଷ ନଡିଆ ଫଳୁଛି। ଜଗତ୍ସିଂହପୁର ଓ ସୋନପୁର ଜିଲ୍ଲାରେ ବାର୍ଷିକ ୨କୋଟିରୁ ଅଧିକ କରି ନଡିଆ ଫଳୁଥିବାବେଳେ ବାଲେଶ୍ୱର, ଗଜପତି, କେନ୍ଦ୍ରାପଡ଼ା, କେନ୍ଦୁଝର ଓ ନୟାଗଡ଼ ଜିଲ୍ଲାରେ କୋଟିଏରୁ ଅଧିକ କରି ନଡିଆ ଉତ୍ପାଦିତ ହେଉଛି। ସବୁଠାରୁ କମ୍ ନଡିଆ ଫଳୁଛି ବଲାଙ୍ଗିର ଜିଲ୍ଲାରେ। ଏହି ଜିଲ୍ଲାରେ ବାର୍ଷିକ ଉତ୍ପାଦିତ ନଡିଆ ସଂଖ୍ୟା ପ୍ରାୟ ୩୭ହଜାର ରହୁଥିବା କୃଷି ବିଭାଗର ତଥ୍ୟରୁ ଜଣାପଡୁଛି। ପୁରୀ, ଭୁବନେଶ୍ୱର, ଘଟଗାଁ, ସମ୍ବଲପୁର, ଡିଣ୍ଡୋଲ, ଯାଜପୁର ଆଦିର ତୀର୍ଥସ୍ଥଳୀମାନଙ୍କରେ ପୂଜା ପାଇଁ ଓ ପ୍ରସାଦ ପ୍ରସ୍ତୁତି ଲାଗି ବ୍ୟବହୃତ ହେଉଥିବା ନଡିଆରୁ ଅନେକ ବି ଅନ୍ୟ ରାଜ୍ୟର ବୋଲି ଜଣାପଡ଼ିଛି। ସର୍ବାଧିକ ମାନସିକ ନଡିଆ ଘଟଗାଁର ମା' ତାରିଣୀଙ୍କ ନିକଟକୁ ବିଭିନ୍ନ ମାଧ୍ୟମରେ ଆସୁଥିବାବେଳେ ଏହି ନଡିଆଗୁଡିକୁ ଭୋଗ ଲଗାଇବା ପରେ ସେଥିରୁ ମନ୍ଦିର ପ୍ରଶାସନ ତେଲ ପ୍ରସ୍ତୁତ କଲେ ରାଜ୍ୟରେ ତାହାର ଚାହିଦା ବୃଦ୍ଧି ପାଆନ୍ତା ବୋଲି ଶ୍ରଦ୍ଧାଳୁମାନେ କହୁଛନ୍ତି। କୃଷି ବିଶେଷଜ୍ଞମାନେ କହୁଛନ୍ତି ଯେ ମହାବାତ୍ୟା ପରେ ପରେ ଫନି ଯୋଗୁଁ ରାଜ୍ୟର ନଡିଆ ଚାଷ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିବାବେଳେ ସୁଧାର ପାଇଁ ପ୍ରୟାସ ଚାଲିଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

SANCHAR ସଂଚାର




# କ୍ରମାଗତ ୧୧ଥର ଲାଗି ରେପୋ ରେଟ୍ ଅପରିବର୍ତ୍ତିତ

**ନୂଆଦିଲ୍ଲୀ, ୬।୧୨:** ମୁଦ୍ରାସ୍ଫୀତି ଦୃଷ୍ଟିକୋଣରୁ କ୍ରମାଗତ ଏକାଦଶ ଥର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ତା'ର ଋଣ ହାର ଅପରିବର୍ତ୍ତିତ ରଖିଛି। କିନ୍ତୁ ଚଳିତ ବର୍ଷର ଅଭିବୃଦ୍ଧି ହାର କମାଇ ଦେଇଛି। ଏ ନେଇ ଘୋଷଣା କରିଛନ୍ତି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ। ସେ କହିଛନ୍ତି ଯେ ରିଜର୍ଭ ବ୍ୟାଙ୍କର ୬ ଜଣିଆ ମୁଦ୍ରା ନୀତି କମିଟିର ଏକ ବୈଠକ ବସିଥିଲା। ଏଥିରେ ରେପୋ ରେଟ୍ ୬.୫ ପ୍ରତିଶତରେ ସ୍ଥିର ରଖିବାକୁ ୪ ଜଣ ସଦସ୍ୟ ମତ ଦେଇଥିଲେ ଓ ୨ ଜଣ ଏହାକୁ ବିରୋଧ କରିଥିଲେ। ତେଣୁ ସଂଖ୍ୟାଧିକ ମତ ଅନୁସାରେ ନିଷ୍ପତ୍ତି ହେଲା ଯେ ରେପୋ ରେଟ୍ ଅପରିବର୍ତ୍ତିତ ରହିବ। ଅଭିବୃଦ୍ଧି ହାର ଆକଳନ ହ୍ରାସ ପାଉଥିବା ସତ୍ତ୍ୱେ ରେପୋ ରେଟ୍ ଅପରିବର୍ତ୍ତିତ ରହିଛି। ରେପୋ ରେଟ୍ ଅପରିବର୍ତ୍ତିତ ରହିବା ଅର୍ଥ ବ୍ୟାଙ୍କ ଋଣର ସୁଧ ହାର ମଧ୍ୟ ଅପରିବର୍ତ୍ତିତ ରହିବ। ପୁଞ୍ଜି ନିବେଶକାରୀମାନେ ସୁଧ ହାର ହ୍ରାସ ପାଇବ ବୋଲି ଆଶା କରୁଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ସମୟରେ ଦେଶର ଅଭିବୃଦ୍ଧି ହାର ୭ ପ୍ରତିଶତ ହେବ ବୋଲି



ଭାରତୀୟ ରିଜର୍ଭ ବ୍ୟାଙ୍କ ଆକଳନ କରିଥିଲା। ମାତ୍ର ଏହା କ୍ରମାଗତ ଭାବେ ହ୍ରାସ ପାଉଥିବା ହିସାବ ହେଉଛି। ଗତ ଜୁଲାଇ-ସେପ୍ଟେମ୍ବର ମଧ୍ୟରେ ଦେଶର ଜିଡିପି ଅଭିବୃଦ୍ଧି ହାର ୫.୪ ପ୍ରତିଶତ ଥିବାର ହିସାବ ହୋଇଛି। ଏହା ୭ ପ୍ରତିଶତ ଅଭିବୃଦ୍ଧି ହାର ଆକଳନଠାରୁ କମ୍।

୨୦୨୨ ମେ ମାସଠାରୁ ୨୦୨୩ ଏପ୍ରିଲ ମାସ ଯାଏଁ ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ଭାବେ ଛଅ ଥର ରେପୋ ରେଟ୍ ବୃଦ୍ଧି କରିଥିଲା। ଏହି ସମୟରେ ରେପୋ ରେଟ୍‌ରେ ୨୫୦ ବେସିସ ପଏଣ୍ଟ ବୃଦ୍ଧି ପାଇଥିଲା। ଏହା ପରଠାରୁ ବ୍ୟାଙ୍କ କ୍ରମାଗତ ଭାବେ ରେପୋ ରେଟ୍ ସ୍ଥିର ରଖିଛି। ସୂଚନାଯୋଗ୍ୟ ଯେ ପ୍ରତି ଦୁଇ ମାସରେ ଥରେ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି କମିଟିର ବୈଠକ ବସି ରେପୋ ରେଟ୍ ବୃଦ୍ଧିହ୍ରାସ ନିଷ୍ପତ୍ତି ନେଇଥାଏ। ଚଳିତ ଆର୍ଥିକ ବର୍ଷ ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ହେବ ବୋଲି ଆକଳନ କରାଯାଇଥିଲା। ମାତ୍ର, ଏବେ ତାହା ୬.୬ ପ୍ରତିଶତ ହେବ ବୋଲି ରିଜର୍ଭ ବ୍ୟାଙ୍କ ହିସାବ କରୁଛି। ବ୍ୟାଙ୍କର ହିସାବ ଅନୁସାରେ ମୁଦ୍ରାସ୍ଫୀତି ହାର ୪.୫ ପ୍ରତିଶତରୁ ୪.୮ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ଅକ୍ଟୋବରରେ ଏହା ୬ ପ୍ରତିଶତକୁ ବୃଦ୍ଧି ପାଇଥିଲା। ତାହା ସାଧାରଣ ଖାଉଟିଙ୍କ ପାଇଁ ଅସହ୍ୟ ଥିଲା। ବଜାରରେ, ବିଶେଷକରି ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧି ଯୋଗୁଁ ଖାଉଟିମାନଙ୍କର କ୍ରୟ କ୍ଷମତା ହ୍ରାସ ପାଇଛି। ଆଗକୁ ଏହା କମିପାରେ ବୋଲି ଆକଳନ କରାଯାଉଥିବା ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର କହିଛନ୍ତି। ମୁଦ୍ରା ନୀତି କମିଟି କହିଛି ଯେ ବଜାରରେ ଦୀର୍ଘସ୍ଥାୟୀ ଭାବେ ଦର ସ୍ଥିର ରହିଲେ ହିଁ ଦେଶର ଆର୍ଥିକ ସ୍ଥିତି ମଜବୁତ୍ ହୋଇଥାଏ। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ ଚଳିତ ବର୍ଷ ବିଶ୍ୱ ସ୍ତରରେ ଆର୍ଥିକ ସ୍ଥିତି ମଜବୁତ ହୋଇଛି। ଯୋଗାଣ ଶୃଙ୍ଖଳ ସ୍ଥିତି ସୁଧୁରିଛି। ଦେଶରେ ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି ପାଇଛି। ସହରାଞ୍ଚଳରେ ଚାହିଦା ପ୍ରାୟତ ସ୍ଥିର ରହିଛି। ବ୍ୟାଙ୍କଗୁଡ଼ିକ ଯେପରି ଅଧିକ ଋଣ ଲଗେଇ ପାରିବେ ତଥା ଭାରତୀୟ ମୁଦ୍ରାର ସୁଦୃଢ଼ ହେବ ସେଥିପାଇଁ ପ୍ରବାସୀ ଭାରତୀୟଙ୍କ ଜମା ସୀମା ବୃଦ୍ଧି କରାଯାଇଛି। ଋଣ ଲଗାଇବାକୁ ବ୍ୟାଙ୍କରେ ଅଧିକ ଜମା ଗଚ୍ଛିତ ରଖିବା ଉଦ୍ଦେଶ୍ୟରେ ରିଜର୍ଭ ବ୍ୟାଙ୍କ ସିଆରଆର ବା କ୍ୟାସ୍ ରିଜର୍ଭ ରେସିଓ କମାଇ ଦେଇଛି। ପୂର୍ବରୁ ଏହା ୪.୫ ପ୍ରତିଶତ ଥିଲା। ଏବେ ଏହାକୁ ୪ ପ୍ରତିଶତକୁ ଖସାଇ ଦିଆଯାଇଛି। ଏହା ଫଳରେ ଋଣ ଲଗାଇବାକୁ ବ୍ୟାଙ୍କଗୁଡ଼ିକ ନିକଟରେ ୧.୧୬ ଲକ୍ଷ କୋଟି ଟଙ୍କା ଉପଲବ୍ଧ ହେବ ବୋଲି ଶକ୍ତିକାନ୍ତ ଦାସ କହିଛନ୍ତି।

# ଆଇଆଇଟିରେ ଚାକିରି ବର୍ଷା

## ଅଧିକ ସୁବିଧା, ମୋଟା ଅଙ୍କର ଦରମା

**ନୂଆଦିଲ୍ଲୀ, ୬।୧୨:** ଇଞ୍ଜିନିୟରିଂ ପାଠପଢ଼ାର ପ୍ରମୁଖ ଅନୁଷ୍ଠାନ ଆଇଆଇଟିଗୁଡ଼ିକରେ ଚାକିରି ବର୍ଷା ହେଉଛି। ଗତବର୍ଷର ଖରାପ ସ୍ଥିତି ଏଥର ସମ୍ପୂର୍ଣ୍ଣ ବଦଳିଯାଇଛି। ଛାତ୍ରଛାତ୍ରୀଙ୍କୁ ଆଉ ଚାକିରି ପାଇଁ ସଂଘର୍ଷ କରିବାକୁ ପଡୁନି। ଦେଶବିଦେଶର ବହୁ ନାମୀଦାମୀ କମ୍ପାନି ପିଲାମାନଙ୍କୁ ଚାକିରି ଦେବାକୁ କ୍ୟାମ୍ପସରେ ଡେରା ପକାଇଛନ୍ତି। ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ନେବା ଲାଗି ସେମାନେ ଏକ କୋଟିରୁ ଅଧିକ ଟଙ୍କାର ଦରମା ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଚଳିତ ବର୍ଷ ଆଇଆଇଟି ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ୬୫ ଲକ୍ଷ ଟଙ୍କାରୁ ୧ କୋଟି ୬୫ ଲକ୍ଷ ଟଙ୍କାର ବେତନ ପ୍ରସ୍ତାବ ସହ ଚାକିରି ଦିଆଯାଉଛି। ନିକଟରେ ଜଣେ ଆଇଆଇଟି ଛାତ୍ରଙ୍କୁ ୪ କୋଟି ଟଙ୍କାରୁ ଅଧିକ ଦରମାର ଚାକିରି ମିଳିଥିଲା। ଆଲ୍‌ଗୋରିଦମ୍ ଟ୍ରେଡିଂ, ନିବେଶ ସଂସ୍ଥା, ଡାଟା ନିରାପତ୍ତା ଆଦି କ୍ଷେତ୍ରର କମ୍ପାନିଗୁଡ଼ିକ କ୍ୟାମ୍ପସ୍ ଚୟନରେ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି କ୍ୱାଣ୍ଟବକ୍ସ ରିସର୍ଚ୍ଚ, ଗ୍ରାଭିଟନ୍ ରିସର୍ଚ୍ଚ କ୍ୟାପିଟାଲ୍, ରୁବ୍ରିକ୍, ଏପିଟି ପୋର୍ଟଫୋଲିଓ, ଡାଟାବ୍ରିକ୍ସ, ଏବୁଲିଏଣ୍ଟ ସିକ୍ୟୁରିଟିଜ୍, କ୍ୱାଡ୍‌ଆଇ, ପେସ୍ ଷ୍ଟକ୍ ବ୍ରୋକିଂ, ସ୍କୋୟାର ପଏଣ୍ଟ କ୍ୟାପିଟାଲ୍ ଓ ଆଟ୍‌ଲାସ୍ ରିସର୍ଚ୍ଚ ଭଳି କମ୍ପାନି। ଛାତ୍ରଛାତ୍ରୀଙ୍କୁ ଚାକିରି ଲାଗି ଦିଆଯାଉଥିବା ଏକ କୋଟି ଟଙ୍କାର ବେତନ ପ୍ୟାକେଜ୍‌ରେ ରହୁଛି ୫୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ଦରମା, ୧୦ ଲକ୍ଷ ଟଙ୍କାର ଚାକିରିରେ ଯୋଗଦେବା ବୋନସ, ୩୦ ଲକ୍ଷ ଟଙ୍କାର ସର୍ବନିମ୍ନ ବୋନସ ଗ୍ୟାରେଣ୍ଟି ଓ ୫ ଲକ୍ଷ ଟଙ୍କାର ଅନ୍ୟାନ୍ୟ ସୁବିଧାସୁଯୋଗ। ବିଦେଶୀ କମ୍ପାନିର ଚାକିରିକୁ ଗ୍ରହଣ କରୁଥିବା ପିଲାମାନଙ୍କ ଲାଗି ବିଦେଶ ଭ୍ରମଣ ଓ ରହଣୀର ସୁଯୋଗ ମଧ୍ୟ ରହିଛି। ଚଳିତ ବର୍ଷ ଆଇଆଇଟିଗୁଡ଼ିକର ଯେଉଁଭଳି ଭାବେ ନିଯୁକ୍ତି ଚାଲିଛି ସେଥିରୁ ବିଶ୍ୱ ଅର୍ଥନୀତି ସୁଧାର ଆଡ଼କୁ ଗତି କରୁଥିବା ଜଣାପଡୁଛି।

## ଚାଷୀଙ୍କୁ ବଡ଼ ଭେଟି ଦେଲା ଆର୍‌ବିଆଇ

# ବିନା ଗ୍ୟାରେଣ୍ଟିରେ ମିଳିବ ୨ ଲକ୍ଷ ଟଙ୍କାର ଲୋନ୍



**ନୂଆଦିଲ୍ଲୀ, ୬।୧୨:** ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ନିଜର ଶେଷ ମୁଦ୍ରାନୀତି ସମୀକ୍ଷାରେ ଚାଷୀଙ୍କୁ ବଡ଼ ଭେଟି ଦେଇଛନ୍ତି । ଦରଦାମ ବୃଦ୍ଧିରୁ ଚାଷୀଙ୍କୁ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ ବିନା ଗ୍ୟାରେଣ୍ଟିରେ ଏଣିକି ଦୁଇ ଲକ୍ଷ ଟଙ୍କା ଯାଏ ଋଣ ଦିଆଯିବ ବୋଲି ଆରବିଆଇ ଘୋଷଣା କରିଛି । ବର୍ତ୍ତମାନ ଯାଏ ଏହି ସୀମା ୧.୬ ଲକ୍ଷ ଟଙ୍କା ଥିଲା । ଏହା ପୂର୍ବରୁ ଆରବିଆଇ ଲଗାତାର ୧୧ଥର ପାଇଁ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ ନକରିବା ପାଇଁ ନିଷ୍ପତ୍ତି ନେଇଥିଲା । ଅର୍ଥାତ୍ ରେପୋ ରେଟ୍ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରହିବ । ଅନ୍ୟପଟେ କ୍ୟାସ୍ ରିଜର୍ଭ ରେସିଓ ହ୍ରାସ କରି ୪ ପ୍ରତିଶତ କରାଯାଇଛି । ଆରବିଆଇର ନିଷ୍ପତ୍ତି ପରେ ଦେଶର ବ୍ୟାଙ୍କଗୁଡ଼ିକୁ ୧.୧୫ ଲକ୍ଷ କୋଟି ଟଙ୍କା ବୃଷ୍ଟି ମିଳିବ ।

ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ମୁଦ୍ରାନୀତି ସମୀକ୍ଷାରେ ନିଆଯାଇଥିବା ନିଷ୍ପତ୍ତିର ସୂଚନା ଦେଇଛନ୍ତି । ଦରବୃଦ୍ଧି ଏବଂ ଚାଷରେ ବ୍ୟବହାର ହେଉଥିବା କଞ୍ଚା ମାଲର ଖର୍ଚ୍ଚ ବୃଦ୍ଧିକୁ ଦେଖି ଗ୍ୟାରେଣ୍ଟି ଫ୍ରି ଆଗ୍ରି ଲୋନ୍‌କୁ ୨ ଲକ୍ଷ ଟଙ୍କା କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଏହି ସୀମା ୧.୬ ଲକ୍ଷ ଟଙ୍କା ଥିଲା । ଏହି ନିଷ୍ପତ୍ତି ପରେ ଆର୍ଥିକ ସଂସ୍ଥାନଗୁଡ଼ିକରୁ ଋଣ ନେଉଥିବା ଚାଷୀଙ୍କ ପରିଧି ବଢ଼ିବ । ୨୦୧୦ ମସିହାରେ ଆରବିଆଇ କୃଷି କ୍ଷେତ୍ରକୁ ବିନା କୌଣସି ଗ୍ୟାରେଣ୍ଟିରେ ଏକ ଲକ୍ଷ ଟଙ୍କା ଯାଏ ଲୋନ ଦେବାକୁ ସ୍ଥିର କରିଥିଲା । ୨୦୧୯ରେ ଏହାର ସୀମାକୁ ବଢ଼ାଇ ୧.୬ ଲକ୍ଷ ଟଙ୍କା କରାଯାଇଥିଲା । ଏସଂକ୍ରାନ୍ତରେ ଖୁବଶୀଘ୍ର ସର୍କୁଲାର ଜାରି କରାଯିବ ବୋଲି ଆରବିଆଇ ଗଭର୍ଣ୍ଣର କହିଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ଚଳିତ ଆର୍ଥିକ ବର୍ଷର ପଞ୍ଚମ ମୁଦ୍ରାନୀତି ସମୀକ୍ଷା ବୈଠକରେ ଲାଗାତାର ୧୧ଥର ପାଇଁ ପଲିସି ରେଟ୍ ଅପରିବର୍ତ୍ତିତ ରଖିଛି । ତେବେ ଅର୍ଥନୀତିରେ ନଗଦ ମାତ୍ରାକୁ ବଢ଼ାଇବା ଉଦ୍ଦେଶ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ସିଆରଆର (କ୍ୟାସ୍ ରିଜର୍ଭ ରେସିଓ)କୁ ୪.୫ ପ୍ରତିଶତରୁ ହ୍ରାସ କରି ୪% କରାଯାଇଛି । ଏହି ପଦକ୍ଷେପ ପରେ ବଜାରକୁ ନଗଦ ଟଙ୍କା ଛାଡ଼ିବା ପାଇଁ ୧.୧୬ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ନଗଦ ଉପଲବ୍ଧ ହେବ । ସିଆରଆର ଅନୁସାରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ନିଜ ଜମାର ଏକ ନିର୍ଦ୍ଧାରିତ ଅଂଶକୁ କେନ୍ଦ୍ରୀୟ ବ୍ୟାଙ୍କରେ ନଗଦ ଆକାରରେ ରଖିବାକୁ ପଡ଼ିଥାଏ ।

# ଅଲ୍ ନ୍ୟୁ ହୋଣ୍ଡା ଆମେଜ୍‌ର ଅନାବରଣ

**ନୂଆଦିଲ୍ଲୀ,୫।୧୨:** ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଆମେଜ୍ (ଥାର୍ଡ ଜେନେରେଶନ ହୋଣ୍ଡା ଆମେଜ)ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ଭାରତରେ ଏହାର ନୂତନ ପିଢ଼ି ହୋଣ୍ଡୋ ଆମେଜ୍‌ର ବୈଶ୍ୱିକ ଶୁଭାରମ୍ଭ ହୋଇଯାଇଛି, ଯାହା ହୋଣ୍ଡା ପାଇଁ ବୈଶ୍ୱିକସ୍ତରରେ ଏକ ପ୍ରମୁଖ ବଜାର ଏବଂ ନୂଆ ମଡେଲ ଶୁଭାରମ୍ଭ କରିବାରେ ପ୍ରଥମ ରାଷ୍ଟ୍ର ହୋଇପାରିଛି। ଏ ସମ୍ପର୍କରେ ତାକୁୟା ସୁମୁରା ପ୍ରେସିଡେଣ୍ଟ ତଥା ସିଇଓ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ କହିଛନ୍ତି, ଆମେ ଆମର ଅଲ୍ ନ୍ୟୁ ଆମେଜ୍‌ର ଉପସ୍ଥାପନକରି ଅତ୍ୟନ୍ତ ଉଲ୍ଲସିତ ମନେକରୁଛୁ। ଏପରିକି ଏହା ଏକ ସେଡାନ, ଯାହା ଷ୍ଟାଇଲିଂ, ନିରାପତ୍ତା, କନେକ୍ଟିଭିଟି, ଗାଡ଼ି ଚାଳନା ଏବଂ ସ୍ୱାଚ୍ଛନ୍ଦ୍ୟ ଆଦି ସମସ୍ତ ମାନକରେ ସମସ୍ତଙ୍କଠାରୁ ଆଗରେ ରହିବାକୁ ଯାଉଛି। ଆମେଜ୍ ସର୍ବଦା ଭାରତୀୟ ଗ୍ରାହକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର




ସ୍ଥାନ ଦଖଲ କରିଆସିଛି ଏବଂ ଏହି ନୂଆ ପିଢ଼ିର ମଡେଲ ସେମାନଙ୍କର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ନିମନ୍ତେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ନୂଆ ଆମେଜ୍ ଏକ ନୂଆ ମାନକ ସ୍ଥାପନ କରିବ ଏବଂ ଭାରତରେ ହୋଣ୍ଡାର ପରମ୍ପରାକୁ ମଜଭୁତ କରିବା ପ୍ରକ୍ରିୟା ଜାରି ରଖିବା ନେଇ ଆମେ ଦୃଢ଼ ନିଶ୍ଚିତ ରହିଛୁ। ଏହି ଶ୍ରେଣୀରେ ପ୍ରଥମ ଥର ପାଇଁ ଆମେ ହୋଣ୍ଡା ସେନସିଂ ଆଣି ଆନନ୍ଦ ଅନୁଭବ କରୁଛୁ, ଯାହା ଆମେଜ୍ ପାଇଁ ଆମର ନିରାପତ୍ତା ଏବଂ ଡ୍ରାଇଭର ସହାୟତା ପ୍ରଯୁକ୍ତି ସମୂହର ଏକ ଉନ୍ନତ ବୈଶିଷ୍ଟ୍ୟ ହୋଇଛି। ଏହି ଆପ୍ଲିକେଶନ ସହ ଆମେ ଭାରତରେ ଆଣୁଥିବା ଆମର ସମସ୍ତ ଗାଡ଼ିରେଏଡିଏଏସ୍ ପ୍ରଯୁକ୍ତିକୁ ବ୍ୟବହାର କରିଛୁ ଏବଂ ହୋଣ୍ଡା ଆମେଜ ଭାରତରେ ସର୍ବାଧିକ ସୁଲଭ ଏଡିଏଏସ୍ ସମର୍ଥିତ କାର ହୋଇଛି। ଏହାର ଦମ୍‌ଦାର ୩-ବକ୍ସ ଡିଜାଇନ ସହ ଆମେଜ୍ ଏକ ସେଡାନ ଆକାର ପ୍ରଦାନ କରୁଛି, ଯାହା ୪ମିଟର ଲମ୍ବରୁ କମ ରହିବା ସମୟରେ ଏକ ଉଚ୍ଚତର କ୍ଲାସ୍‌କୁ ପ୍ରତିଫଳିତ କରୁଛି। ଏହା ପ୍ରଗତିଶୀଳ ଓ କ୍ଲାସି ଭଳି ପ୍ରମୁଖ ବିଶେଷତ୍ୱକୁ ବହନ କରୁଛି ଏବଂ ଏହାର ସ୍ପୋର୍ଟି ଏକ୍ସଟେରିୟର ଡିଜାଇନ, ବିଳାସପୂର୍ଣ୍ଣ ଓ ସ୍ପେସିୟସ ଇଣ୍ଟେରିଅର, ଉନ୍ନତ ନିରାପତ୍ତା ପ୍ରଯୁକ୍ତି ଓ ବୈଶିଷ୍ଟ୍ୟ ସମୂହ ଏବଂ ସ୍ୱାଚ୍ଛନ୍ଦ୍ୟମୂଳକ ତଥା ଭରସାଯୋଗ୍ୟ ଗାଡ଼ି ଚଢ଼ିବାର ଏକ ଆଉଟକ୍ଲାସ୍ ପ୍ରିମିୟମ ଅନୁଭୂତି ପ୍ରଦାନ କରୁଛି।

# ରାଜ୍ୟରେ ୧୨ ନୂଆ ବନ୍ଦର: ସୁବର୍ଣ୍ଣରେଖା ବନ୍ଦର କାମ ଚାଲିଛି

**ଭୁବନେଶ୍ୱର, ୬।୧୨:** ରାଜ୍ୟରେ ପାରାଦୀପ, ଧାମରା ଓ ଗୋପାଳପୁରରେ ତିନିଟି ବନ୍ଦର କାର୍ଯ୍ୟକ୍ଷମ ରହିଛି। ଆଉ ୧୨ଟି ବନ୍ଦର ପ୍ରତିଷ୍ଠା କରିବା ଲାଗି ପ୍ରକ୍ରିୟା ଜାରି ରହିଛି ବୋଲି ବିଧାନସଭାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ନୂଆ ବନ୍ଦରଗୁଡ଼ିକ ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ପୁରୀ, ଗଞ୍ଜାମ ଓ କେନ୍ଦ୍ରାପଡ଼ାରେ ସ୍ଥାପନ କରାଯିବ।

ବାଲେଶ୍ୱରର ବାହାବଳପୁର, ଚାନ୍ଦିପୁର ଓ ଇଞ୍ଚୁଡ଼ି, ପୁରୀର ବାଲିହରଚଣ୍ଡି ଏବଂ ଗଞ୍ଜାମର ପାଲୁର ଓ ବାହୁଦାମୁହାଣରେ ବନ୍ଦର ନିର୍ମାଣ କରିବାକୁ ସ୍ଥାନ ନିରୂପଣ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ବାଲେଶ୍ୱରର ସୁବର୍ଣ୍ଣରେଖା ମୁହାଣରେ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ସହ ସରକାର ରିହାତି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହାର ପ୍ରାରମ୍ଭିକ ନିର୍ମାଣ କାର୍ଯ୍ୟ ସହିତ ଜମି ଅଧିଗ୍ରହଣ ଜାରି ରହିଛି। ସେହିପରି ଜଗତସିଂହପୁରର ଜଟାଧାରୀ ମୁହାଣରେ ଏକ ନିଜସ୍ୱ ଜେଟୀ ସ୍ଥାପନ କରିବା ଲାଗି ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। କମ୍ପାନି ସ୍ଥାପନ କରିବାକୁ ଥିବା ଇସ୍ପାତ କାରଖାନା ଲାଗି ଏହି ଜେଟୀକୁ ବ୍ୟବହାର କରିବ। ପୁରୀର ଅସ୍ତରଙ୍ଗଠାରେ ଏକ ବନ୍ଦର ନିର୍ମାଣ କରିବା ଲାଗି



ନବଯୁଗ ଇଞ୍ଜିନିୟରିଂ କମ୍ପାନି ଲିମିଟେଡ୍ ସହ ଚୁକ୍ତି ହୋଇଥିବା ବେଳେ ଜମି ଅଧିଗ୍ରହଣ ଜାରି ରହିଛି। କେନ୍ଦ୍ରାପଡ଼ାରେ ଏକ ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ୨୦୨୩-୨୪ରେ ଧାମରା ଓ ଗୋପାଳପୁର ବନ୍ଦର ଦେଇ ୧୯୯.୬୧ ନିୟୁତ ଟନ୍ ପଣ୍ୟ ପରିବହନ କରାଯାଇଛି। ଏହି ଦୁଇ ବନ୍ଦର ଜରିଆରେ ଉଭୟ ଆମଦାନି ଓ ରପ୍ତାନି ହୋଇଛି। ଧାମରାରେ ୮୩୪ଟି ଜାହାଜ ଓ ଗୋପାଳପୁର ବନ୍ଦରରେ ୨୧୭ଟି ଜାହାଜ ଜରିଆରେ ପଣ୍ୟ ପରିବହନ ହୋଇଛି। ଧାମରା ବନ୍ଦର ଦେଇ ମୁଖ୍ୟତଃ ଲୁହାପଥର, ଖଣିଜ ପଦାର୍ଥ, ଇସ୍ପାତ, କୃଷିଜାତ ଦ୍ରବ୍ୟ, ଏଲ୍‌ଏନ୍‌ଜି, କୋଇଲା, ଚୂନପଥର, ଡୋଲମାଇଟ୍, ସାର ଓ ମାଙ୍ଗାନିଜ ପଥର ରପ୍ତାନି କରାଯାଇଛି। ଏହି ସମସ୍ତ ଜିନିଷକୁ ଆବୁଧାବି, ବାଂଲାଦେଶ, ଚୀନ୍, ଇଣ୍ଡୋନେସିଆ, ଇଟାଲି, ଜାପାନ, ମାଲେସିଆ, ମିଆଁମାର, ୟୁଏଇ, ଭିଏତ୍‌ନାମ, ଦକ୍ଷିଣ ଆଫ୍ରିକା, ତୁର୍କୀ, ଲିବିୟା, କତର ଓ ବ୍ରିଟେନ୍‌କୁ ପଠାଯାଇଛି। ସେହିପରି ବନ୍ଦର ଜରିଆରେ ଅଷ୍ଟ୍ରେଲିଆ, ବାଂଲାଦେଶ, କାନାଡା, ଚୀନ୍, ଇଜିପ୍ଟ, ଗ୍ୟାବନ୍, ଇଣ୍ଡୋନେସିଆ, ମାଲେସିଆ, ମୋଜାମ୍ବିକ୍ ଓ ଓମାନ୍‌ରୁ ବିଭିନ୍ନ ଜିନିଷ ଆମଦାନି କରାଯାଇଛି। ଗୋପାଳପୁର ବନ୍ଦର ଜରିଆରେ ଭିଏତ୍‌ନାମ, ୟୁଏଇ, ଅଷ୍ଟ୍ରେଲିଆ, ଆମେରିକା, ଭେନେଜୁଏଲାକୁ ଆଲୁମିନା, ଚୂନପଥର, କୋଇଲା, ଇଣ୍ଡଷ୍ଟ୍ରିଆଲ୍ ସଲ୍ଟ, ଲୁହାପଥର ଫାଇନ୍ସ, ପେଲେଟ୍, ଲମ୍ପସ୍ ଓ ପିଗ୍ ଆଇରନ୍ ରପ୍ତାନି କରାଯାଇଛି। ସେହି ସମୟରେ ଜାପାନ, ବେଲଜିୟମ୍, କୋରିଆ, ଚୀନ୍ ଓ ଆମେରିକାରୁ ବିଭିନ୍ନ ସାମଗ୍ରୀ ଆମଦାନି କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

# ଶସ୍ତା ହେଲା ବାଜାଜ ଅଟୋ ଫ୍ରିଡମ୍ ୧୨୫

ନୂଆଦିଲ୍ଲୀ, ୬।୧୨: ବାଜାଜ ଅଟୋ କେବଳ ଦେଶ ନୁହେଁ ବରଂ ବିଶ୍ୱର ପ୍ରଥମ ସିଏନ୍‌ଜି ବାଇକ ଫ୍ରିଡମ୍ 125କୁ ଚଳିତ ବର୍ଷ ମାର୍କେଟରେ ଲଞ୍ଚ କରିଥିଲା। ନିକଟରେ ଖବର ଆସିଲା ଯେ ବାଜାଜ ଅଟୋ ଫ୍ରିଡମ୍ ୧୨୫ ଏବଂ Pulsar ର ଦାମ୍ ହ୍ରାସ ପାଇଛି, ଯାହାକୁ ଅଟୋ ମେର୍କସମାନେ ମିସଲିଡିଙ୍ଗ ବୋଲି କହିଛନ୍ତି।

ବଜାଜ୍ ଅଟୋ କହିଛି ଯେ ମୋଟରସାଇକେଲରେ ଦାମ୍ ହ୍ରାସକୁ ନେଇ ମାର୍କେଟରେ ଯାହା ଗୁଜବ ଆସିଛି ତାହା ଭୁଲ। ଅକ୍ଟୋବର ୨୦୨୪ରେ କମ୍ପାନୀ ବାଇକର ମୂଲ୍ୟ କମ୍ କରିଥିଲା। ବର୍ତ୍ତମାନ ସିଏନ୍‌ଜି ବାଇକ ପ୍ରାଇସରେ କିଛି ପରିବର୍ତ୍ତନ ହୋଇନାହିଁ। ଫ୍ରିଡମ୍ ୧୨୫ ର ଟପ୍ ମଡେଲର ପ୍ରାଇସ୍ ୧,୧୦,୦୦୦ ଟଙ୍କା ଅଛି। ବଜାଜ ଅଟୋ କହିଛି ଯେ ଏହି ମୋଟରସାଇକେଲରେ ପ୍ରାଇସ୍ ଏବଂ ଫିଚର୍ସରେ କିଛି ପରିବର୍ତ୍ତନ ହୋଇନାହିଁ। ଏହି ଭ୍ୟାରିଆଣ୍ଟର ସେଲ୍ ସିଏନ୍‌ଜି ବାଇକ୍ ସେଲର ୭୨% ଅଛି। ବଜାଜ୍ ଫ୍ରିଡମ୍ ୧୨୫ର ବେସ୍ ଭ୍ୟାରିଆଣ୍ଟର ମଧ୍ୟ ୧୩% ସେଲ୍ ହୋଇଛି। ଅକ୍ଟୋବର ୨୦୨୪ରେ କମ୍ପାନୀ ଏଣ୍ଟ୍ରି ଲେଭଲ୍ ଭ୍ୟାରିଆଣ୍ଟର ପ୍ରାଇସ୍



ପରିବର୍ତ୍ତନ କରିଥିଲା। ଏହି ମଡେଲର ପ୍ରାଇସ୍ ୯୫ ରୁ ୯୦ ହଜାର ଟଙ୍କାକୁ ହ୍ରାସ କରାଯାଇଥିଲା। ଏହି ଭ୍ୟାରିଆଣ୍ଟ ପ୍ରାଇସ୍ କମ୍ କରିବାର କାରଣ ହେଉଛି ଅଧିକରୁ ଅଧିକ କଷ୍ଟମର୍ସଙ୍କୁ ଏହା ଆକର୍ଷିତ କରୁଥିଲା। ଦେଶର ପ୍ରଥମ ସିଏନ୍‌ଜି ବାଇକ୍ ର ମିଡ୍ ଭ୍ୟାରିଆଣ୍ଟର ସେଲ୍ ୧୫% ବଢ଼ିଛି। ବର୍ତ୍ତମାନ ମାର୍କେଟରେ ଏହି ଭ୍ୟାରିଆଣ୍ଟର ପ୍ରାଇସ୍ ୯୫ ହଜାର ଟଙ୍କା ରହିଛି। ଦେଶର ପ୍ରଥମ ସିଏନ୍‌ଜି ବାଇକ୍ ବଜାଜ୍ ଫ୍ରିଡମ୍ ୧୨୫ରେ ୪-ଷ୍ଟ୍ରୋକ୍, ଏୟାର-କୁଲ୍ଡ ଇଞ୍ଜନ୍ ଲଗା ହୋଇଛି। ବାଇକରେ ଲାଗିଥିବା ଏହି ଇଞ୍ଜିନ ୮,୦୦୦ଆରପିଏମରେ ୯.୫ପିଏସ୍‌ର ପାୱାର ମିଳିଥାଏ ଏବଂ ୫,୦୦୦ ଆରପିଏମ୍‌ରେ ୯.୭ଏନଏମ ର ଟର୍କ ଜେନେରେଟ୍ ହୋଇଥାଏ। ଏହି ବାଇକ୍ ଏକ ସମସୟରେ ୨କିଲୋଗ୍ରାମ ପର୍ଯ୍ୟନ୍ତ ସିଏନ୍‌ଜି ଭରାଯାଇପାରିବ, ଯାହା ଦ୍ୱାରା ଏହି ମୋଟରସାଇକଲ୍ ଏକ ସମୟରେ ୨୦୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ। ଯଦି ଆବଶ୍ୟକ ହୁଏ ତେବେ ଏହି ବଜାଜ୍ ବାଇକ୍ ପେଟ୍ରୋଲ ମୋଡରେ ମଧ୍ୟ ଚାଲିପାରିବ। ଏହି ମୋଟରସାଇକେଲରେ ଦୁଇ ଲିଟର ପର୍ଯ୍ୟନ୍ତ ପେଟ୍ରୋଲ ଭରିବାର କ୍ୟାପାସିଟି ରହିଛି। ଏହି ବାଇକ୍ ପେଟ୍ରୋଲ ମୋଡରେ ୧୩୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ। ବାଜାଜ ଫ୍ରିଡମ୍ ୧୨୫ର ଏକ୍ସ ସୋରୁମ୍ ପ୍ରାଇସ୍ ୮୯,୯୯୭ ଟଙ୍କାରୁ ଆରମ୍ଭ ହୋଇଛି।

# ନଭେମ୍ବର ମାସରେ ମହଙ୍ଗା ହେଲା ନିରାମିଷ ଥାଳି

## ବାଲାନ୍ସ ବିଗାଡିଲେ ଆଳୁ ଟମାଟର

**ନୂଆଦିଲ୍ଲୀ,୫।୧୨:** ଟମାଟୋ ଏବଂ ଆଳୁର ମୂଲ୍ୟରେ ବୃଦ୍ଧି ହେତୁ ଘରୋଇ ଶାକାହାରୀ ଥାଳି ନଭେମ୍ବର ମାସରେ ଏକ ବର୍ଷ ପୂର୍ବ ତୁଳନାରେ ସାତ ପ୍ରତିଶତ ମହଙ୍ଗା ହୋଇଛି। ରେଟିଂ ଏଜେନ୍ସି ସିଆରଆଇଏସଆଇଏଲ'ର ମାସିକ 'ରୁଟି ଚାଉଳ ହାର' ରିପୋର୍ଟରେ କୁହାଯାଇଛି ଯେ ନଭେମ୍ବର ମାସରେ ଶାକାହାରୀ ଥାଳିର ମୂଲ୍ୟ ବାର୍ଷିକ ସାତ ପ୍ରତିଶତ ବୃଦ୍ଧି ହୋଇ ୩୨.୭ ଟଙ୍କା ହୋଇଛି। ଏଥିସହିତ ଅଣ-ଶାକାହାରୀ ଥାଳିର ମୂଲ୍ୟ ଦୁଇ ପ୍ରତିଶତ ବୃଦ୍ଧି ପାଇଛି। ଶାକାହାରୀ ଥାଳି ମହଙ୍ଗା ହେବାର ମୁଖ୍ୟ କାରଣ ହେଉଛି ଟମାଟୋ ମୂଲ୍ୟରେ ୩୫ ପ୍ରତିଶତ ଏବଂ ଆଳୁ ମୂଲ୍ୟରେ ୫୦ ପ୍ରତିଶତ ବୃଦ୍ଧି। ଗତ ମାସରେ ଟମାଟୋର ମୂଲ୍ୟ କିଲୋଗ୍ରାମରେ ୬୦ ଟଙ୍କା ଏବଂ ଆଳୁର ମୂଲ୍ୟ ଓଡ଼ିଶାରେ ୫୦ ପାର କରିଛି। ଏହା ବ୍ୟତୀତ ଡାଲି ମୂଲ୍ୟରେ ୧୦ ପ୍ରତିଶତ ବୃଦ୍ଧି ମଧ୍ୟ ଦେଖିବାକୁ ମିଳିଥିଲା କୁ ତେବେ ଡିସେମ୍ବର ମାସରେ ନୂତନ ଫସଲର ଆଗମନ ହେତୁ ଏହି ଦ୍ରବ୍ୟର ମୂଲ୍ୟ ହ୍ରାସ ହେବାର ସମ୍ଭାବନା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ନଭେମ୍ବରରେ ଆମଦାନୀ ଶୁଳ୍କ ବୃଦ୍ଧି ହେତୁ ପନିପରିବା ତେଲର ମୂଲ୍ୟ ମଧ୍ୟ ୧୩ ପ୍ରତିଶତ ବୃଦ୍ଧି ପାଇଥିଲା। ଅନ୍ୟପଟେ ଏଲପିଜି ମୂଲ୍ୟ ହ୍ରାସ ହେତୁ ଇନ୍ଧନ ମୂଲ୍ୟ ୧୧ ପ୍ରତିଶତ ହ୍ରାସ ପାଇଛି। ଯାହା ଘରୋଇ ଖାଦ୍ୟର ମୂଲ୍ୟ ଉପରେ ଚାପ ହ୍ରାସ କରିବାରେ ସାହାଯ୍ୟ କରିଥିଲା। ଗତ ମାସରେ, ଅଣ ଶାକାହାରୀ ଥାଳିର ମୂଲ୍ୟ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି ହୋଇ ୬୧.୫ ଟଙ୍କା ହୋଇଛି। ଏହି ଅବଧି ମଧ୍ୟରେ ବ୍ରଏଲର ଚିକେନ୍‌ର ମୂଲ୍ୟ ତିନି ପ୍ରତିଶତ ବୃଦ୍ଧି ପାଇଛି। ଅଣ-ଶାକାହାରୀ ଥାଳି ହିସାବରେ, ବ୍ରୋଏଲର ଓଜନ ୫୦ ପ୍ରତିଶତ। ତେବେ ଅକ୍ଟୋବର ତୁଳନାରେ ଶାକାହାରୀ ଥାଳି ମୂଲ୍ୟରେ ଦୁଇ ପ୍ରତିଶତ ହ୍ରାସ ଘଟିଥିଲା, ଯାହା ପଛରେ ଟମାଟୋ ମୂଲ୍ୟରେ ମାସିକ ୧୭ ପ୍ରତିଶତ ହ୍ରାସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେପଟେ ଅଣ-ଶାକାହାରୀ ଥାଳିର ମୂଲ୍ୟ ସ୍ଥିର ରହିଥିଲା।

# ଅର୍ଥ ଅଭାବରୁ ବାଇକରେ ବୋହିଲେ ଶବ

## ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତଦନ୍ତ ପାଇଁ ଆସିଲା ନିର୍ଦ୍ଦେଶ



**ସୋନପୁର,୬।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ବିନିକା ଡାକ୍ତରଖାନା ରେ ବିନିକା ସହର ର ପାତିକାର ପଡ଼ାର ବିଦ୍ୟାଧର ନାୟକ ବୟସ ୬୫ ବର୍ଷ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଚିକିତ୍ସା ପାଇଁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇ ଥିଲେ ତାଙ୍କ ପରିବାର ଲୋକେ । କିଛି ସମୟ ପରେ ଚିକିତ୍ସା ଧୀନ ଅବସ୍ଥା ରେ ତାଙ୍କ ମୃତ୍ୟୁ ହୋଇଥିଲା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କିନ୍ତୁ ପରିବାର ଲୋକେ ନିହାତି ଗରିବ ଶ୍ରେଣୀ ର ହୋଇ ଥିବାରୁ ଘରକୁ ଶବ ନେବା ପାଇଁ ତାଙ୍କ ପାଖରେ ଟଙ୍କା ନଥିଲା ସେଥିପାଇଁ ବେସରକାରୀ ଗାଡ଼ି ଭଡ଼ା କରି ପାରିଲେ ନାହଁ । ଏହି ଦୁଃଖଦ ପୂର୍ଣ୍ଣ ଘଟଣା ଖବର କାଗଜ ମାଧ୍ୟମରେ ଜାଣିବା ପରେ ସୁବର୍ଣ୍ଣପୁର ଜିଲ୍ଲା ଯୁବ ସମାଜସେବୀ ସଙ୍ଘ ସଭାପତି ଜ୍ୟୋତି ରଞ୍ଜନ କୁଶଳ ଅନ ଲାଇନ ମାଧ୍ୟମରେ ବିନିକା ହସ୍ପିଟାଲ ରେ ଏକ ମହାପରାୟଣ ଗାଡ଼ି ଯୋଗେଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ଗ୍ରୀଭେନ କାର୍ଯ୍ୟାଳୟ କୁ ଅଭିଯୋଗ କରିଥିଲେ, ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀ ଙ୍କ କାର୍ଯ୍ୟଳୟ ରୁ ସୋନପୁର ସିଡିଏମଓ ଅଫିସ କୁ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ମେଳ ରେ ଚିଠି ଆସିଛି ଏହି ପ୍ରସଙ୍ଗରେ ସୋନପୁର ସିଡିଏମୋ ଙ୍କୁ ଫୋନ ଯୋଗେ ପଚାରିବାରୁ ଆମେ ତଦନ୍ତ ପରେ କହି ପାରିବୁ ବୋଲି ଜଣେଇ ଥିଲେ ।

# ସରକାରୀ ଜମିରେ ଘର କରିଥିଲେ, ଚଢ଼ିଲା ବୁଲ୍‌ଡୋଜର

**କନ୍ଧମାଳ,୬।୧୨(ସଂଚାର ବ୍ୟୁରୋ):** ସରକାରୀ ଜମିରେ ବେଆଇନ୍ ଭାବେ ଘର କରି ରହୁଥିଲେ। ବାରମ୍ବାର ନୋଟିସ୍ ପରେ ମଧ୍ୟ ଉଠୁନଥିଲେ। ଆଜି ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ବୁଲ୍‌ଡୋଜର ଚଢ଼ାଇ ଘର ଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ଆଜି ଏପରି ଚିତ୍ରଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାରେ। ଦାରିଙ୍ଗବାଡ଼ି ବିଚାର ବିଭାଗୀୟ ଅଦାଲତଙ୍କ ସରକାରୀ ଜମିକୁ ଜବରଦଖଲ କରି ବେଆଇନ୍ ଭାବେ ଘର ନିର୍ମାଣ କରି ରହୁଥିଲେ ୬ ପରିବାର। ଏ ସମ୍ପର୍କରେ ଜଣାପଡ଼ିବା ପରେ ତହସିଲ କାର୍ଯ୍ୟାଳୟ ତରଫରୁ ସରକାରୀ ଜମିରୁ ହଟିଯିବା ପାଇଁ ନିର୍ଦ୍ଦେଶ ଦିଆଯାଉଥିଲା। ଏଥିପାଇଁ



ସେମାନଙ୍କୁ ନୋଟିସ୍ କରାଯାଇଥିଲା। ହେଲେ ଜବରଦଖଲକାରୀମାନେ ପ୍ରଶାସନର ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରି ଆସୁଥିଲେ। ଶେଷରେ ପ୍ରଶାସନ ଚରମ ନିଷ୍ପତ୍ତି ନେଲା। ଦାରିଙ୍ଗବାଡ଼ି ମାଜିଷ୍ଟ୍ରେଟ ଶରତ ଶବରଙ୍କ ଉପସ୍ଥିତିରେ ବୁଲ୍‌ଡୋଜର ସାହାଯ୍ୟରେ ଘର ଗୁଡ଼ିକୁ ଭଙ୍ଗି ଦିଆଯାଇଛି। ଜବରଦଖଲ ମୁକ୍ତ ହେବା ପରେ ଅଦାଲତଙ୍କୁ ସଂପୃକ୍ତ ଜମି ହସ୍ତାନ୍ତର କରାଯିବ ବୋଲି ତହସିଲଦାର କହିଛନ୍ତି। ଅନ୍ୟପକ୍ଷରେ ବିନା ନୋଟିସରେ ଆମ ଘର ଗୁଡିକ ଭଙ୍ଗି ଦିଆଯାଇଥିବା ଜବରଦଖଲକାରୀ କହିଛନ୍ତି।

# ସାମାନ୍ୟ ବଚସାରୁ ଜଘନ୍ୟକାଣ୍ଡ; ଯୁବକଙ୍କୁ ପିଟି ପିଟି ମାରିଦେଲେ

**ଝାରସୁଗୁଡା,୬।୧୨(ସଂଚାର ବ୍ୟୁରୋ):** ସାମାନ୍ୟ ବଚସା ନେଲା ଉଗ୍ରରୂପ। ଯୁବକଙ୍କୁ ପିଟି ପିଟି ମାରିଦେଲେ। ଝାରସୁଗୁଡା ଜିଲ୍ଲା ଲଇକେରା ଥାନା ଅନ୍ତର୍ଗତ ସାଲେଟିକ୍ରା ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ରଜତ ରାଜହଂସ। ଗତକାଲି ସକାଳେ ରଜତ ଛକକୁ ଯାଇଥିବା ବେଳେ କୌଣସି କଥାକୁ ନେଇ ଜଣେ ବ୍ୟକ୍ତିଙ୍କ ସହ ଗଣ୍ଡଗୋଳ ହୋଇଥିଲା। ରଜତ ବ୍ୟକ୍ତି ଜଣଙ୍କୁ ଏକ ଚାପୁଡ଼ା ମାରିଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କ ପୁଅ ଓ କିଛି ସାଙ୍ଗ ଆସି ରଜତଙ୍କୁ ଏକ ଫାର୍ମ ହାଉସକୁ ଟେକି ନେଇ ହତ୍ୟା କରିଥିଲେ। ପରେ ଗାଁ ବାହାରେ ଥିବା ଏକ କ୍ଷେତରେ ଫିଙ୍ଗି ଦେଇଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣା ତଦନ୍ତ କରୁଛି। ପୁଲିସ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖିଛି। ହତ୍ୟାକାଣ୍ଡ ପରେ ଉତ୍ତେଜନା ପ୍ରକାଶ ପାଇଛି। କୌଣସି ବିଶୃଙ୍ଖଳା ପରିସ୍ଥିତି ନଘଟିବା ପାଇଁ ପୁଲିସ ଫୋର୍ସ ମୁତୟନ କରାଯାଇଛି।

# ମିଳୁନି ଶବ ବ୍ୟବଚ୍ଛେଦ ରିପୋର୍ଟ




**ବୈଶିଙ୍ଗା,୬।୧୨(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ମୁଖ୍ୟ ବାରିପଦା ଡାକ୍ତରଖାନାରେ ହେଉଥିବା ଶବ ବ୍ୟବଚ୍ଛେଦର ରିପୋର୍ଟ ସହଜରେ ମିଳୁନି। ବିଗତ ୬ମାସ ମଧ୍ୟରେ କେବଳ ବୈଶିଙ୍ଗା ଅଞ୍ଚଳରୁ ଏବେ ପାଖାପାଖି ୩୦ରୁ ଅଧିକ ରିପୋର୍ଟ ମିଳି ନ ଥିବା ବେଳେ ଏଭଳି କିଛି ଘଟଣା ଅଛି, ଯେଉଁମାନଙ୍କର ରିପୋର୍ଟ ବର୍ଷେରୁ ଅଧିକ ଦିନ ଧରି ମଧ୍ୟ ପଡ଼ିରହିଛି। ରିପୋର୍ଟ ଠିକ୍ ସମୟରେ ମିଳୁ ନ ଥିବାରୁ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ହେଉଥିବା ମୃତକଙ୍କ ପରିବାର ସରକାରୀ କ୍ଷତିପୂରଣ, ଜୀବନବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ତହସିଲ ଅଫିସ, ଆରଆଇ ଅଫିସ ଓ ବୈଶିଙ୍ଗା ଥାନାକୁ ଦୌଡ଼ି ଦୌଡ଼ି ଥକିଲା ପରେ ବି ମୃତକଙ୍କ ପରିବାର ଲୋକ ନିରାଶ ହେଉଛନ୍ତି। ଅଂଶୁଘାତ, ବନ୍ୟା, ଭୂସ୍ଖଳନ, ବର୍ଷା, କୁଆପଥର ମାଡ଼, ବାତ୍ୟା, ଘଡ଼ଘଡ଼ି, ସାପ କାମୁଡ଼ା, ଅଗ୍ନିକାଣ୍ଡ, ପାଣିରେ ବୁଡ଼ିଯିବା, ଡଙ୍ଗା ବୁଡ଼ି ଯୋଗୁ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥାଏ। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା

# ଗାଦି ମାଡ଼ି ବସିଥିବା କର୍ମଚାରୀଙ୍କ ବଦଳି କେବେ?




**ଖପ୍ରାଖୋଲ,୬।୧୨(ସଂଚାର ବ୍ୟୁରୋ):** ଅବହେଳିତ ଖପ୍ରାଖୋଲ ବ୍ଲକ, ଦାଦନ ପ୍ରବନ ଅଞ୍ଚଳ ଭୋକ ପାଇଁ ଭିଟାମାଟି ଛାଡ଼ନ୍ତି ଲୋକେ । ବିକାଶ କହିଲେ କିଛି ନାହିଁ ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଙ୍କ ମଧୁଚନ୍ଦ୍ରିକା ରେ ବଳି ପଡୁଛି ଦାଦନ ଗଡ଼ ର ଭୁତ, ଭବିଷ୍ୟତ । ଉପାନ୍ତ ଅଞ୍ଚଳ ହୋଇଥିବା ରୁ ବାବୁ ମାନଙ୍କୁ ବଦଳି ହେଲେ କିମ୍ବା ନୁଆଁ ପୋଷ୍ଟିଙ୍ଗ ହେଲେ ପ୍ରଥମେ ଅସହଜ ମାନେ କରନ୍ତି ହେଲେ ଧୀରେ ଧୀରେ ଏଠିକାର ପାଣି ପବନରେ ଏପରି ଖାପ ଖୁଆଇ ନିଅନ୍ତି ଯେ ଏଇ ଖପ୍ରାଖୋଲ ବ୍ଲକ ରୁ ଅନ୍ୟତ୍ର ବଦଳି ହେଲେ ଯିବାକୁ ନାଁ ଧରନ୍ତି ନାହିଁ ବରଂ ଧରା ଧରି କରି ଟ୍ରାନ୍ସଫର ବନ୍ଦ କରି ଦିଅନ୍ତି । କି ମହୁ ଅଛି କେଜାଣି ଏଇଠି ଆସିବା କୁ କୁଂଥୁ କୁଂଥୁ ହେଉଥିବା ଅଧିକାରୀ ବାବୁ କୁଣ୍ଡଳୀ ମାରି ବସି ଯାଆନ୍ତି ଯିବାର ନାଁ ନିଅନ୍ତି ନାହିଁ । ଖପ୍ରାଖୋଲ ବ୍ଲକ ରେ ସବୁ କିଛି ନିଷ୍କ୍ରିୟ...ଶାସନ ଠୁଁ ପ୍ରଶାସନ...ଲୋକ ପ୍ରତିନିଧି ଠୁଁ ଶାସନ ତନ୍ତ୍ର । ନେତା ମାନେ ଅଛନ୍ତି ଖାଲି ନିଜର ବେପାର ଚଳେଇବାକୁ ପିସି ଦିଆ ନିଆ ରେ ସିଦ୍ଧ ହସ୍ତ ହେଲେ ସରକାରୀ ବାବୁଙ୍କ ବିପକ୍ଷ ରେ କିଛି କହିବା କୁ ପାଟି ରେ ତୁଣ୍ଡି ପଡ଼ିଯାଏ। ମିଳିମିଶି ସରକାରୀ ଅନୁଦାନ କୁ ଚଞ୍ଚକତା କରି ଉଦାରସ୍ତ କରିବା ରେ ସିଦ୍ଧ ହସ୍ତ ଏମାନେ ସେଇଥି ପାଇଁ ତ ସରକାରୀ ବାବୁ ମାନେ ଦୀର୍ଘ ଦିନ ହେଲା ବ୍ଲକ ଛାଡୁନାହାନ୍ତି। ସରକାରୀ ନିୟମ ଅନୁସାରେ ନିର୍ବାଚନ ହେବା ପୂର୍ବରୁ ସରକାରୀ ଅଧିକାରୀ ଙ୍କ ଅଦଳବଦଳ ହେବା କଥା କିନ୍ତୁ ଖପ୍ରାଖୋଲ ରେ ସବୁ ଓଲଟା । ସରକାରୀ ଅଧିକାରୀ ଙ୍କ ଭୂସ୍ୱର୍ଗ ଏଇ ଦାଦନ ଗଡ଼ ଅବହେଳିତ ଖପ୍ରାଖୋଲ ବ୍ଲକ ।

# ମିଶନ ଶକ୍ତି କେଫେରେ ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର ଉଦ୍‌ଘାଟିତ



**ସୋହେଲା,୬।୧୨(ସଂଚାର ବ୍ୟୁରୋ):** ସଂପ୍ରତି ବରଗଡ ଜିଲ୍ଲାର ସୋହେଲା ବ୍ଲକର ମିଶନ ଶକ୍ତି କେଫେଠାରେ ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଆତ୍ମା ବରଗଡ, ଶ୍ରୀ ଅନ୍ନ ଅଭିଯାନ ଓ ଓ୍ୱସନ୍ ର ମିଳିତ ସହାୟତା ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେସନର ସହଯୋଗରେ ମୁଖ୍ୟଅତିଥି ଭଟଲି ବିଧାୟକ ଶ୍ରୀମାନ ଇରାଶିସ୍ ଆଚାର୍ଯ୍ୟଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଶ୍ରୀମତୀ ନୀତାଞ୍ଜଳି ବିଶି, ତହସିଲଦାର ଶୁଭ ରଞ୍ଜନ ନାୟକ, ବିଡ଼ିଓ ସୁରେନ୍ଦ୍ର କୁମାର ମେହେର, ସିଡ଼ିପିଓ ସଂଯୁକ୍ତା ବରିହା, ବିପିଏମ ସଂଜିବ ପଧାନ, ବିପିସି ଦୈତାରୀ ବେହେରା, ଘେଁସ ଜମିଦାର ଲୋକେଶ୍ୱର ସିଂ ବରିହା, ଯୁବନେତା ନିମାଇଁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଶୁଭ ଉଦ୍‌ଘାଟନି ଉତ୍ସବରେ 'ମାଣ୍ଡିଆକ୍ଷ' ମୁଖ୍ୟ ଉପାଦାନ ଭିତ୍ତିକ ପ୍ରସ୍ତୁତ ସ୍ୱାଦିଷ୍ଟ ଓ ପୌଷ୍ଟିକ ଖାରାଗଜା, ଖୁରମା,ମୁଡ଼କୁ, ଗୁଲାପଜାମୁନ, ଆରିସା ପିଠା, ବାଲସେଇ, ମୁଖିଆ ଖଜା, କଚୋଡ଼ି, ମାଣ୍ଡିଆ ଚା ଆଦି ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ ଓ ପରିବେଷଣ କରାଯାଇଥିଲା । ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ବଂଜାରୀର ସଦସ୍ୟାମାନେ ଏହି ମିଲେଟ୍ ଖାଦ୍ୟସାମଗ୍ରୀକୁ ପ୍ରସ୍ତୁତ କରିଥିଲେ। ଶ୍ରୀ ଅନ୍ନ ଅଭିଯାନର ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ଗୌରଚନ୍ଦ୍ର ରଣା, ସହ ବ୍ଲକ ସଂଯୋଜକ ମଶାଲୁ ସେଠ୍, ସି. ଇ.ଓ. ଚୁମ୍ବିଲାଲ ଦ୍ୱାରୀ ପରିଚାଳନା କରିଥିଲେ ଓ ବି.ଓ.ଡ଼ି. ସଭ୍ୟା ଯାଜ୍ଞସେନୀ ନାୟକ, ମମତା ସାହୁ ଏବଂ ସି.ଆର.ପି. ମାନଭଞ୍ଜନ ବାରିକ, ମୋହନ ଭୋଇ, ରୁଦ୍ର ମାଧବ ବାରିକ, ଚିନ୍ମୟ ସାହୁ, ପଞ୍ଚମ ପଧାନ ଆଦି ପ୍ରମୁଖ ସହଯୋଗ କରିଥିଲେ ।

# ଆବାସ ଯୋଜନାର ନୂତନ ସର୍ଭେ ସମ୍ପର୍କିତ ତାଲିମ ଶିବିର

**ସାଲେପୁର,୬।୧୨(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନୂତନ ସର୍ଭେ ସମ୍ପର୍କିତ ତାଲିମ ଶିବିର ସାଲେପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହାନେଇ ନୂତନ ସର୍ଭେ ସମ୍ବନ୍ଧୀୟ ତାଲିକା କିପରି ପ୍ରସ୍ତୁତ କରାଯିବ, ସେ ନେଇ ବିଭିନ୍ନ ସ୍ଥାନରେ ବ୍ଲକ ପକ୍ଷରୁ କରାଯାଇଥିବା ତାଲିମ୍ ଶିବିରରେ ଲୋକମାନଙ୍କୁ ତାଲିମ୍ ଦିଆଯାଉଛି। ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଲେପୁର ବ୍ଲକର ୩୫ଟି ପଞ୍ଚାୟତରେ ୩୫ଟି ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା। ୨ତାରିଖରୁ ୪ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଏହି ଶିବିର ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ରେ କିପରି ଆୱାସ ପ୍ଲସ୍ ସର୍ଭେ ପାଇଁ ତାଲିମ୍ ଦିଆଯାଇଥିଲା। ଟ୍ରେନର ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ସହକାରୀ ଯନ୍ତ୍ରୀ ପ୍ରମୁଖ ବିଭିନ୍ନ ପଞ୍ଚାୟତରେ ଟ୍ରେନିଂ ଦେଇଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଓ୍ୱାର୍ଡସଭ୍ୟମାନେ ଉପସ୍ଥିତ ଥିଲେ।



# ୬୨ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ

**ସୁବର୍ଣ୍ଣପୁର,୬।୧୨(ସଂଚାର ବ୍ୟୁରୋ):** ନିଉ ରିଜର୍ଭ ପ୍ୟାରେଡ ପଡିଆ ଠାରେ ଜିଲ୍ଲା ପୋଲିସ୍ ପକ୍ଷରୁ ୬୨ ତମ ଗୃହ ରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଏସପି ଶ୍ରୀ ବିରେନ୍ଦ୍ର କୁମାର ନାୟକ ଯୋଗ ଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ , ମୁଖ୍ୟମନ୍ତ୍ରୀ ଓ ହୋମଗାର୍ଡ ଡି ଜିଙ୍କ ପ୍ରେରିତ ବାର୍ତ୍ତା ପଠନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଡି ଏସ ପି ଚନ୍ଦ୍ର ଶେଖର ଶବର, ଡି ଏସ ପି ରେଣୁକା ସୁନା, ସୋନପୁର ଏସ ଡି ପି ଓ ପ୍ରତାପ ଚନ୍ଦ୍ର ତ୍ରିପାଠି, ବି ଏମ୍ ପୁର ଏସ ଡି ପି ଓ ବାସୁଦେବ ଛତ୍ରିଆ, ଇନ୍ସପେକ୍ଟର ରାଜେଶ୍ୱରୀ ଭୋଇ, ସୋନପୁର ଥାନା ଅଧିକାରୀ ରଂଜିତ ସାହୁ, ଇନ୍ସପେକ୍ଟର ରମେଶ କୁମାର ମହାଣା ପ୍ରମୁଖ ଯୋଗଦାନ କରିଥିଲେ । ପୋଲିସ ହୋମ ଗାର୍ଡ ର ଦୁଇଟି ପ୍ଲାଟୁନ ଆୟୋଜିତ ପ୍ୟାରେଡରେ ଭାଗ ନେଇଥିଲେ । ଜିଲ୍ଲା ପୋଲିସ କନେଷ୍ଟବଲ୍ ସଂଘର ସଭାପତି ଦିନେଶ ମିଶ୍ର ସଂପାଦକ ରଂଜିତ ପଧାନ, ମନୋଜ୍ ପଣ୍ଡା, ଚମରା ପଧାନ, କବି ମିସ୍ତ୍ରୀ ପ୍ରମୁଖ ସମସ୍ତ ସଦସ୍ୟ କାର୍ଯକ୍ରମରେ ସହଯୋଗ କରିଥିଲେ । ସଭାକୁ ଆର୍ ଆଇ ସରୋଜ ବେହେରା ପରିଚାଳନା କରିଥିବା ବେଳେ ସର୍ଜନ ନୀଳକଣ୍ଠ କଅଁର ସହଯୋଗ କରିଥିଲେ। ଜିଲ୍ଲାର ବେଷ୍ଟ ହୋମଗାର୍ଡ ଭାବେ ଲଛିପୁର ଥାନାର ବିକ୍ରମ ଦାଶ, ବି ଏମ୍ ପୁର ଥାନାର ବିନୋଦ ତାଣ୍ଡିଆ ଓ ସୋନପୁର ଥାନାର ମହିଳା ହୋମ ଗାର୍ଡ ରାସେଶ୍ୱରୀ ଦୀପ ଙ୍କୁ ଆଜି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ରିଜର୍ଭ ଅଫିସ୍ ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିବା ବେଳେ ପ୍ରାୟ ୫୦ ଜଣ ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ର ସୁବିଧା ନେଇଥିଲେ।



# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ସ୍କୁଲରେ ତାଲା ପକେଇଲେ ଗ୍ରାମବାସୀ



**ଭେଡ଼େନ,୬।୧୨(ସଂଚାର ବ୍ୟୁରୋ):** ଭେଡ଼େନ ବ୍ଲକ ବକଟି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଦୟାନିଧି ନାଏକ ଙ୍କୁ ଅନ୍ୟ ସ୍କୁଲ କୁ ଶିକ୍ଷା ବିଭାଗ ପକ୍ଷରୁ ବଦଳି କରାଯାଇଥିବାରୁ ତାର ପ୍ରତିବାଦ ରେ ଆଜି ଅଭିଭାବକ ଓ କିଛି ଗ୍ରାମବାସୀ ସ୍କୁଲ ଗେଟରେ ତାଲା ଦେଇ ଧାରଣା ରେ ବସିଛନ୍ତି । ଶିକ୍ଷାବିଭାଗ ଯଦି ଶ୍ରୀଯୁକ୍ତ ନାଏକଙ୍କୁ ପୁନଃ ଏହି ସ୍କୁଲ କୁ ନ ଆଣନ୍ତି ଦୀର୍ଘ ଦିନ ପର୍ଯ୍ୟନ୍ତ ସ୍କୁଲ ଗେଟ ରେ ତାଲା ପଡିବ ବୋଲି ଅବିଭାବକ ମାନେ ପ୍ରକାଶ କରିଛନ୍ତି । ଏହି ସ୍କୁଲ ରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀର ୯୫ ଜଣ ଛାତ୍ର ଛାତ୍ରୀ ପାଠ ପଢୁଥିବାବେଳେ ୩ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଅଛନ୍ତି । ସେଥି ମଧ୍ୟରୁ ପ୍ରଧାନଶିକ୍ଷକ ଜଣଙ୍କ ଆସନ୍ତା ୩୦ ତାରିକ ରେ ଅବସର ଗ୍ରହଣ କରିବାର ଅଛି । ଦୟାନିଧି ନାଏକ ଜଣେ ଆଦର୍ଶ ଶିକ୍ଷକ ଥିବା ଯୋଗୁ ସବୁଦିନ ସଠିକ ସମୟରେ ଆସିବା ସଠିକ ଭାବେ ଶିକ୍ଷାଦାନ କରୁଥିଲେ ମଧ୍ୟ ତାଙ୍କୁ ଅନ୍ୟ ଏକ ସ୍କୁଲ କୁ ବଦଳି କରାଯାଇ ଥିବାରୁ ଛାତ୍ର ଛାତ୍ରୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେବାର ସମ୍ଭାବନା ଥିବାରୁ ତାଙ୍କୁ ପୁଣି ଏହି ସ୍କୁଲ କୁ ଅଣାଯାଉ ଏହି ଦାବିରେ ସ୍କୁଲ ଗେଟ ସମ୍ମୁଖରେ ତାଲା ଦେଇ ଧାରଣ ରେ ବସିଛନ୍ତି ।

# ମାଲକାନଗିରିରେ ଏବେ ବି ଚାଲିଛି ଜମିଦାରି ପ୍ରଥା

**ମାଲକାନଗିରି,୬।୧୨(ସଂଚାର ବ୍ୟୁରୋ):** ଏବେ ବି ଥମିନି ଜମିଦାରି ପ୍ରଥା। ଆରଏମସି ବା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ରାସ୍ତାକଡ଼ରେ ପନିପରିବା ବିକ୍ରି କରୁଥିବା ଅତି ଛୋଟଛୋଟ ବ୍ୟବସାୟୀଙ୍କ ଠାରୁ ଦୈନିକ ୧୦ରୁ ୨୦ ଟଙ୍କା ଟିକସ ଆଦାୟ କରୁଛନ୍ତି।ଆଉ ନିରୀହ ଆଦିବାସୀମାନେ ଭୟରେ ଏହାର ପ୍ରତିବାଦ କରୁନାହାନ୍ତି। ମାଲାକନଗିରି ସଦର ମହକୁମାରେ ଏପରି ଟିକସ ବ୍ୟବସ୍ଥାକୁ ନିନ୍ଦା କରାଯାଇଛି। ଆଉ ଏହି ବ୍ୟବସ୍ଥାକୁ ବନ୍ଦ କରିବା ଲାଗି ବଜାର କମିଟି ପକ୍ଷରୁ ଦାବି ହୋଇଛି। ମାଲକାନଗିରିର ଦୈନିକ ବଜାର। ଛୋଟ ଉଠା ଦୋକାନୀଙ୍କ ଠାରୁ ଟିକସ ଆଦାୟ କରୁଛନ୍ତି ନିୟନ୍ତ୍ରିତ ବଜାର କମିଟି ବା ଆରଏମସି କର୍ମଚାରୀ। କାହାଠୁ ୧୦ ଟଙ୍କା ତ କାହାଠୁ ୨୦ ଟଙ୍କା। ପ୍ରତିଦିନ ସକାଳେ ଦୈନିକ ବଜାରରୁ ଏଭଳି ଖବର ଆସେ । ଗାଁ ଗଣ୍ଡାରୁ ମୁଠାଏ ଶାଗ କିମ୍ବା ବାରିରେ ଫଳିଥିବା ପନିପରିବା ଧରି ଆସୁଥିବା ଚାଷୀଙ୍କୁ ମଧ୍ୟ ନିସ୍ତାର ନାହିଁ। ୫୦ ଟଙ୍କା ଗାଡ଼ି ଭଡ଼ା ଦେଇ ଆସିଥିବା ଚାଷୀ ୧୦୦ ଟଙ୍କା ରୋଜଗାର କରିପାରୁନାହାନ୍ତି। କିନ୍ତୁ ଆରଏମସି କର୍ମଚାରୀଙ୍କୁ ୨୦ଟଙ୍କା ଟିକସ ଦେବାକୁ ବାଧ୍ୟ ହେଉଥିବା କହିଛନ୍ତି। ଆରଏମସି ସାଙ୍ଗକୁ ମଝିରେ ମଝିରେ ମ୍ୟୁନିସିପାଲିଟି କର୍ମଚାରୀଙ୍କ ଦୌରାତ୍ମ୍ୟ ମଧ୍ୟ ସହିବାକୁ ପଡୁଥିବା କହିଛନ୍ତି କ୍ଷୁଦ୍ର ବ୍ୟବସାୟୀମାନେ । ତେବେ କାହିଁକେଉଁ



କାଳରୁ ଚାଲି ଆସିଛି ଏହି କର ଆଦାୟ ପ୍ରଥା। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଯେଉଁଠାରେ ପିଣ୍ଡି, ଷ୍ଟଲ, ପାନୀୟ ଜଳ ଓ ମଣ୍ଡି ବ୍ୟବସ୍ଥା ଥିବା ବଜାରରୁ ଟିକସ ଆଦାୟ ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ କିଛି ବ୍ୟବସ୍ଥା ନଥିବା ବେଳେ କାହିଁକି ଟିକସ ଆଦାୟ ହେଉଛି? ରାସ୍ତାକଡ଼ରେ ପାଲ ପକାଇ ବସୁଥିବା ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ଠାରୁ କାହିଁକି ପ୍ରତିଦିନ ଟିକସ ଆଦାୟ କରାଯାଉଛି। ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବଜାର କମିଟି ଅଧ୍ୟକ୍ଷ। ତେବେ ଗଣମାଧ୍ୟମରେ ହସ୍ତକ୍ଷେପ ପରେ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଉଠା ଦୋକାନୀଙ୍କ ଠାରୁ ଟିକସ ଆଦାୟ କରିବେ ନାହିଁ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ତେବେ ଏହି ପୁରୁତନ ଟିକସ ପ୍ରଥା ସମ୍ପୂର୍ଣ୍ଣ ବନ୍ଦ କରିବା ଲାଗି ଦାବି ହୋଇଛି।

# ରାସ୍ତା ପ୍ରତି ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ପଡ଼ିବ କେବେ?



**କଳାହାଣ୍ଡି,୬।୧୨(ସଂଚାର ବ୍ୟୁରୋ):** ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କୋକସରା ବ୍ଲକ ବୋବରିଆ-ଡେଙ୍ଗାଗୁଡା ଛକରୁ ବଡ଼କେନ୍ଦ୍ରଗୁଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଶେଷ ହେବାର ୫ବର୍ଷ ମଧ୍ୟରେ ଥରୁଟିଏ ମଧ୍ୟ ମରାମତି ହୋଇନାହିଁ । ଫଳରେ କୋଟି କୋଟି ଟଙ୍କାରେ ନିର୍ମିତ ରାସ୍ତା ଏବେ ଶୋଚନୀୟ ହୋଇପଡିଛି । ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ସୂଚନା ଅନୁସାରେ, ବୋବରିଆ ଛକଠାରୁ(ଭାୟା ବିଜମରା) ବିଜୁଏକ୍ସପ୍ରେସ-ୱେର ବଡ଼କେନ୍ଦୁଗୁଡା ବଜରା ପଡ଼ିଆ ପର୍ଯ୍ୟନ୍ତ ପ୍ରାୟ ୪.୫୦ କିମି. ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଅଟକଳ ମୂଲ୍ୟ ୧୯୧.୫୦ ଲକ୍ଷ ବ୍ୟୟବରାଦ ହୋଇଥିଲା । ଉକ୍ତ କାର୍ଯ୍ୟକୁ ଲଡୁଗାଁର ଜନୈକ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାର ହାତକୁ ନେଇଥିଲେ । ଗତ ୧୦ ମେ ୨୦୧୮ରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ୧୦ମେ୨୦୧୯ ରେ କାର୍ଯ୍ୟ ଶେଷ ହୋଇଥିଲା । ତେବେ ରାସ୍ତା କାର୍ଯ୍ୟ ସମ୍ପନ ହେବାର ବର୍ଷକ ମଧ୍ୟରେ ଅତି ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାରୁ ପିଚୁ ଉଠି ଖାଲଖମା ସୃଷ୍ଟି ହୋଇଯାଇଛି । ସ୍ଥାନୀୟ ଲୋକେ ରାସ୍ତା ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇଥିଲେ ।ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥାକୁ ମରାମତି କରିବା ପାଇଁ ବାରମ୍ବାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ୫ ବର୍ଷରେ ଆଜି ପର୍ଯ୍ୟନ୍ତ ମରାମତି ହୋଇନାହିଁ । ରାସ୍ତାର ରକ୍ଷଣାବେକ୍ଷଣ ନିମନ୍ତେ ୧୫୩.୧୮ ଲକ୍ଷ ଟଙ୍କା ରହିଛି ।

ନିୟମ ଅନୁସାରେ ନିର୍ମାଣର ଶେଷ ଦିନରୁ ୫ବର୍ଷ ଅବଧି ମଧ୍ୟରେ ଯଦି ରାସ୍ତାରେ କୌଣସି ତୃଟି ଦେଖାଯାଏ ତେବେ ସଂପୃକ୍ତ ଠିକା ସଂସ୍ଥା ତାହାକୁ ମରାମତି କରିବା ବାଧ୍ୟତାମୂଳକ ରହିଛି । ହେଲେ ଏଠାରେ ବ୍ୟତିକ୍ରମ ଦେଖାଦେଇଛି । ତେଣୁ ସମ୍ପୃକ୍ତ ଠିକାସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁରେଶ ବରିହା ଙ୍କ ସହ ଯୋଗାଯୋଗ କରା ଯାଇଥିଲେ ମଧ୍ୟ ତାଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଓୟୁଏଟି କାର୍ଯ୍ୟାବଳୀର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ଆଜି କୃଷି ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି। ଗତ ୫ ଡିସେମ୍ବରରେ ଆୟୋଜିତ ହୋଇଥିବା ଓୟୁଏଟିର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ସଫଳରୂପେ ପରିଚାଳନା କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଓୟୁଏଟିର କାର୍ଯ୍ୟାବଳୀ, ସ୍ଥାୟୀ ଭିତ୍ତିଭୂମି, ଛାତ୍ରଛାତ୍ରୀଙ୍କ କ୍ଲାସରୁମ୍, ହଷ୍ଟେଲ ରୁମ୍, ଅଧ୍ୟାପକ, ଅଧ୍ୟାପିକା ଓ ଖାଲିଥିବା ପଦବୀ ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଚାଲୁଥିବା ଉନ୍ନତିମୂଳକ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ। ବର୍ତ୍ତମାନର ସରକାର କୃଷି କ୍ଷେତ୍ର ଓ କୃଷକଙ୍କୁ ସଶକ୍ତ କରିବା ଦିଗରେ ବିଭିନ୍ନ ପଦକ୍ଷେପମାଣ ନେଉଛନ୍ତି। ସେହି ପରିପ୍ରେକ୍ଷିରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ କରାଯାଇ ଏହାକୁ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଲକ୍ଷ ରହିଛି। ଏହା କେବଳ ଭୁବନେଶ୍ୱରସ୍ଥିତ ଓୟୁଏଟି କାର୍ଯ୍ୟାଳୟ ନୁହେଁ, ଓଡ଼ିଶାର ଅନ୍ୟ ଜିଲ୍ଲା ଗୁଡିକରେ ଥିବା ଓୟୁଏଟି କ୍ୟାମ୍ପସ ଗୁଡିକର ମଧ୍ୟ ବିକାଶମୂଳକ କାର୍ଯ୍ୟ ଚାଲୁ ରହିଛି। ଏହି ସମୀକ୍ଷା ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦିଲ୍ଲୀପ କୁମାର ପରିଡ଼ା, ଓୟୁଏଟି କୁଳପତି ଶ୍ରୀ ପ୍ରଭାତ କୁମାର ରାଉଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଯୋଗଦେଇ

# ଅଧୁରା ରହିଲା ରାଜାରାଣୀଙ୍କ ପ୍ରେମ

**ସମ୍ବଲପୁର,୬।୧୨(ସଂଚାର ବ୍ୟୁରୋ):** ଚିଡ଼ିଆଖାନାରେ କଲରାପତରିଆ ବାଘ 'ରାଜା' ଓ ବାଘୁଣୀ 'ରାଣୀ'ର ମଧୁର ପ୍ରେମ କାହାଣୀ ଅଧୁରା ରହିଗଲା। ବୁଧବାର ରାତିରେ ଆରପାରିକୁ ଚାଲିଗଲା ରାଣୀ। ଏହାସହିତ ପ୍ରାୟ ୪୨ ବର୍ଷ ପରେ ଓଡ଼ିଶାର କୌଣସି ଚିଡ଼ିଆଖାନାରେ କଲରାପତରିଆ ବାଘବଂଶ ବୃଦ୍ଧି ପାଇଁ ଯେଉଁ ଆଶାସଂଚାର ହୋଇଥିଲା ତାହା ଧୂଳିସାତ୍ ହୋଇଯାଇଛି। ୭ ବର୍ଷ ବୟସରେ ଆଖି ବୁଜିଥିବା କଲରାପତରିଆ ବାଘୁଣୀ 'ରାଣୀ' ସମ୍ବଲପୁର ଚିଡ଼ିଆଖାନାରେ ବହୁ ପୂର୍ବରୁ ଥିଲା। କଲରାପତରିଆ ବାଘ 'ରାଜା'କୁ ବର୍ଷକ ତଳେ ୮ ନଭେମ୍ବର ୨୦୨୩ରେ ସମ୍ବଲପୁର ଚିଡ଼ିଆଖାନାକୁ ଅଣାଯାଇଥିଲା। ନୂଆପଡ଼ା ଜିଲ୍ଲାରେ ୨ଜଣ ମଣିଷଙ୍କୁ ମାରିବା ଏବଂ ଜଣକୁ ଗୁରୁତର ଆହତ କରିବା ପରେ ବହୁକଷ୍ଟରେ 'ରାଜା'କୁ ୫ ନଭେମ୍ବର ୨୦୨୩ରେ କାବୁ କରାଯାଇଥିଲା। ସମ୍ବଲପୁର ଚିଡ଼ିଆଖାନାରେ ୧୧ ମାସ ପର୍ଯ୍ୟନ୍ତ ସଙ୍ଗରୋଧରେ ରଖି ଚିକିତ୍ସା କରାଯିବା ପରେ ୯ ସେପ୍ଟେମ୍ବର ୨୦୨୪ରେ 'ରାଜା'କୁ 'ରାଣୀ' ରହୁଥିବା 'ନାଇଟ୍ ହାଉସ'ରେ ଛଡ଼ାଯାଇଥିଲା।

